

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୭ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SAUNDAY 17 MARCH 2024

Vol.No. 35 ■ No.76 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା


ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଦେଶରେ ୭ଟି ପର୍ଯ୍ୟାୟରେ ହେବ ଭୋଟ ଗ୍ରହଣ

## ➩ଓଡ଼ିଶାରେ ମେ ୧୩, ୨୦, ୨୫ ଓ ଜୁନ ୧ରେ ଭୋଟ ଗ୍ରହଣ
## ➩ଆଜିଠୁ ଆଦର୍ଶ ଆଚରଣ ବିଧି ଲାଗୁ
## ➩ଜୁନ ୪ରେ ଲୋକସଭା ସହ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବ




ନୂଆଦିଲ୍ଲୀ, ୧୬/୩ : ଦେଶର ସାଧାରଣ ନିର୍ବାଚନ ପାଇଁ ଆଜି ତାରିଖ ଘୋଷଣା ହୋଇଛି। ମୁଖ୍ୟ ନିର୍ବାଚନ କମିଶନ ରାଜୀବ କୁମାର ଓ ଦୁଇ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ସୁଖବୀର ସିଂହ ସାନ୍ଧୁ ମିଳିତ ଭାବେ ସାମ୍ବାଦିକ ସମ୍ମିଳନୀ କରି ତାରିଖ ଘୋଷଣା କରିଛନ୍ତି। ଦେଶର ମୋଟ ୫୪୩ ଲୋକସଭା ଆସନ ପାଇଁ ୭ଟି ପର୍ଯ୍ୟାୟରେ ଭୋଟିଂ ହେବ। ପ୍ରଥମ ପର୍ଯ୍ୟାୟ ଭୋଟି ଏପ୍ରିଲ ୧୯ରୁ ଆରମ୍ଭ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଏପ୍ରିଲ ୨୬, ତୃତୀୟ ପର୍ଯ୍ୟାୟ ଭୋଟ ମେ' ୭, ୪ର୍ଥ ପର୍ଯ୍ୟାୟ ଭୋଟ ମେ' ୧୩, ୫ମ ପର୍ଯ୍ୟାୟ ଭୋଟ ୨୦, ୬ଷ୍ଠ ପର୍ଯ୍ୟାୟ ଭୋଟ ମେ' ୨୫ ଓ ଶେଷ ପର୍ଯ୍ୟାୟ ଭୋଟ ଜୁନ ୧ରେ ଅନୁଷ୍ଠିତ। ଆଜି ନିର୍ବାଚନ କମିଶନ ଲୋକସଭା ବ୍ୟତୀତ ୪ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ମଧ୍ୟ ତାରିଖ ଘୋଷଣା କରିଛନ୍ତି। ଓଡ଼ିଶା, ଅରୁଣାଚଳ ପ୍ରଦେଶ, ସିକ୍କିମ ଓ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ମଧ୍ୟ ଲୋକସଭା ନିର୍ବାଚନ ସହ ସମାନ୍ତରଳ ଭାବେ ଅନୁଷ୍ଠିତ ହେବ। ସେହିପରି ବିଭିନ୍ନ ରାଜ୍ୟରେ ଖାଲି ପଡ଼ିଥିବା ୨୬ଟି ବିଧାନସଭା ଆସନ ପାଇଁ ଉପ ନିର୍ବାଚନ ହେବ। ମୁଖ୍ୟ ନିର୍ବାଚନ କମିଶନ କମିଶନଙ୍କ ଘୋଷଣା ଅନୁଯାୟୀ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଭୋଟ ହେବ। ମେ' ୧୩, ମେ ୨୦, ମେ' ୨୫ ଓ ଜୁନ ୧ରେ ଓଡ଼ିଶାବାସୀ ସମସ୍ତ ୧୪୭ଟି ଆସନ ପାଇଁ ଭୋଟ ଦେବେ। ଜୁନ ୪ରେ ଲୋକସଭା ସହ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ଦେଶର ପ୍ରାୟ ୯୭ କୋଟି ପଞ୍ଜୀକୃତ ଭୋଟର ଇଭିଏମ ଦବାଇ ପରବର୍ତ୍ତୀ ସରକାର ଗଠନ ପାଇଁ ନିଜର ମତାଧିକାର ସାବ୍ୟସ୍ତ କରିବେ। ଏଥିପାଇଁ ୧୦.୫ ଲକ୍ଷ ଅଧିକ ବୁଥ ନିର୍ବାଚନ କମିଶନ ପକ୍ଷରୁ ସମଗ୍ର ଦେଶରେ ତିଆରି କରାଯିବ। ନିର୍ବାଚନକୁ ସୂଚାରରୂପେ ଶେଷ କରିବା ପାଇଁ ୧.୫ କୋଟି ପୁଲିଂ ଅଫିସର ନିଯୁକ୍ତ ହେବେ। ୫୫ ଲକ୍ଷ ଇଭିଏମ ଦ୍ୱାରା ଲୋକଙ୍କ ମତାଧିକାର ଗ୍ରହଣ କରାଯିବ। ୨୦୧୯ରେ ବିଜେପି ଏକାକୀ ୩୦୩ ଲୋକସଭା ଆସନ ଜିତିଥିବା ବେଳେ କଂଗ୍ରେସ କେବଳ ୫୨ଟି ଆସନ ଜିତିବାକୁ ସକ୍ଷମ ହୋଇଥିଲା। ଏଥର ବିଜେପି ୩୭୦ ଆସନ ଜିତିବ ବୋଲି ଲକ୍ଷ୍ୟ ରଖିଛି। ବିଜେପିକୁ ମାତ ଦେବା ପାଇଁ ଏକାଧିକ ରାଜନୀତିକ ଦଳ ମିଳିତ ଭାବେ ଇଣ୍ଡିଆ ମେଣ୍ଟ ଗଠନ କରିଛନ୍ତି। ହେଲେ ଏହା କେତେ ଦୂର ସଫଳ ହେଉଛି, ସେକଥା ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବା ପରେ ଜଣାପଡ଼ିବ। ଓଡ଼ିଶାରେ ଉଭୟ ଲୋକସଭା ଓ ବିଧାନସଭା ଭୋଟ୍ ପାଇଁ ଆଜି ତାରିଖ ଘୋଷଣା ହୋଇଛି। ରାଜ୍ୟରେ ୪ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯିବ। ଆଜି ନିର୍ବାଚନ କମିଶନ ଏହି ତାରିଖ ଘୋଷଣା କରିଛନ୍ତି। ରାଜ୍ୟରେ ମେ' ୧୩ରୁ ଜୁନ୍ ୧ ତାରିଖ ମଧ୍ୟରେ ୪ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବ ଓ ଜୁନ୍ ୪ତାରିଖରେ ଭୋଟ ଗଣତି ହେବ। ଆଜିଠୁ ସମଗ୍ର ରାଜ୍ୟରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହେଲା ବୋଲି ନିର୍ବାଚନ କମିଶନ ସୂଚନା ଦେଇଛନ୍ତି । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନ ରାଜୀବ କୁମାର କହିଛନ୍ତି ଯେ, ସମଗ୍ର ଦେଶରେ ୭ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବ।ଓଡ଼ିଶାରେ ଚତୁର୍ଥ, ପଂଚମ, ଷଷ୍ଠ ଓ ସପ୍ତମ ପର୍ଯ୍ୟାୟରେ ଉଭୟ ବିଧାନସଭା ଓ ଲୋକସଭା ଆସନ ପାଇଁ ଭୋଟ୍ ଗ୍ରହଣ ହେବ। ରାଜ୍ୟରେ ପ୍ରଥମ ପର୍ଯ୍ୟାୟ (ସମଗ୍ର ଦେଶରେ ଚତୁର୍ଥ ପର୍ଯ୍ୟାୟ)ରେ ୪ଟି ଲୋକସଭା ଆସନ ଯଥା- କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା ନିର୍ବାଚନମଣ୍ଡଳୀ ସମେତ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ଆସନରେ ଭୋଟ୍ ଗ୍ରହଣ ହେବ । ଏଥିପାଇଁ ବିଧିବଦ୍ଧ ବିଜ୍ଞପ୍ତି ଏପ୍ରିଲ ୧୮ତାରିଖରେ ପ୍ରକାଶ ପାଇବା ସହ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ଏପ୍ରିଲ ୨୫ତାରିଖରେ ନାମାଙ୍କନ ପତ୍ର ଦାଖଲ ଶେଷଦିନ ରହିଛି । ଏପ୍ରିଲ ୨୬ରେ ନାମାଙ୍କନ ପତ୍ର ଯାଂଚ, ଏପ୍ରିଲ ୨୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଦିନଧାର୍ଯ୍ୟ ହୋଇଛି । ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ମେ' ୧୩ତାରିଖରେ ହେବ।

▶▶ପୃଷ୍ଠା ୭

## ୪ ଦିନ ତାତିରୁ ମିଳିବ ତ୍ରାହି

ଭୁବନେଶ୍ୱର, ୧୬/୩ (ନି.ପ୍ର): ତାତିରେ ଲାଗିଲା ବ୍ରେକ୍। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପାଗରେ ପରିବର୍ତ୍ତନ ହେବ। କେତେକ ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେବେ ମଙ୍ଗଳବାର ୬ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଆସନ୍ତାକାଲି ରବିବାର ସମଗ୍ର ରାଜ୍ୟରେ କେତେକ ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ବରଗଡ଼, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ଯାଜପୁର, କଟକ, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ କେତେକ ସ୍ଥାନରେ ବଜ୍ରପାତ ସହ ଘଡ଼ଘଡ଼ି ମାରିବାର ରହିଛି। ସେହି ସମୟରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସୋମବାର ସମଗ୍ର ରାଜ୍ୟରେ କେତେକ ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ରହିଛି।

▶▶ପୃଷ୍ଠା ୭

## ପୁଲିସ ନିକଟରେ ହାର୍ଡକୋର ନକ୍ସଲ ସୋମନାଥଙ୍କ ଆତ୍ମସମର୍ପଣ

ଭୁବନେଶ୍ୱର, ୧୬/୩ (ନି.ପ୍ର): ହିଂସାର ପଥ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇଛନ୍ତି ଜଣେ ହାର୍ଡକୋର ନକ୍ସଲ। ଛତିଶଗଡ଼ କ୍ୟାଡରର ନକ୍ସଲ ସୋମନାଥ ଅଚେଲା ବଲାଙ୍ଗିର ପୁଲିସ୍ ପାଖରେ ଆତ୍ମସର୍ମପଣ କରିଛନ୍ତି। ସୋମନାଥଙ୍କ ଘର ଛତିଶଗଡ଼ର କାଙ୍କେର ଅଞ୍ଚଳରେ। ମାଓ ସଂଗଠନରେ ତାଙ୍କ ନାଁ ମହେଶ ଥିଲା। ଗତ ୧୪ ବର୍ଷ ଧରି ସୋମନାଥ ମାଓ କମାଣ୍ଡର ଭାବରେ କାମ କରୁଥିଲା। ଓଡ଼ିଶା ଏବଂ ଛତିଶଗଡ଼ରେ ଏକାଧିକ ନକ୍ସଲ ଗତିବିଧିରେ ସାମିଲ ଥିଲେ ସୋମନାଥ।ରାଜ୍ୟ ସରକାରଙ୍କ ଆତ୍ମସାମର୍ପଣ ଥଇଥାନ ନୀତି ଅନୁସାରେ ତାଙ୍କୁ ଥଇଥାନ୍ କରାଯିବ ବୋଲି ଜଣାପଡ଼ିଛି।

## ୯ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ କନିଷ୍ଠ ଯନ୍ତ୍ରୀ: ଠିକାଦାର ବି ଫସିଲେ

ନୟାଗଡ଼ , ୧୬/୩ (ନି.ପ୍ର): ଜଣେ ବ୍ୟକ୍ତିଙ୍କ ଠାରୁ ୯ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କନିଷ୍ଠ ଯନ୍ତ୍ରୀ (ଜେଇ) ଜି ବୋଇତାଇ। ତାଙ୍କ ସହିତ ଶ୍ରୀକାନ୍ତ ପତି ନାମକ ଜଣେ ଠିକାଦାରଙ୍କୁ ମଧ୍ୟ ବାନ୍ଧିଛି ଭିଜିଲାନ୍ସ। ଜଣେ ବ୍ୟକ୍ତି ତାଙ୍କ ବାପାଙ୍କ ନାଁରେ ଏକ ବୋରୱେଲ ଖୋଳାଇବା ପାଇଁ ନୟାଗଡ଼ ଜିଲ୍ଲା ଉଠା ଜଳସେଚନ ବିଭାଗରେ ଆବେଦନ କରିଥିଲେ। ତାଙ୍କ କାମ କରି ଦେବା ପାଇଁ କନିଷ୍ଠ ଯନ୍ତ୍ରୀ ଉକ୍ତ ବ୍ୟକ୍ତିଙ୍କୁ ଲାଞ୍ଚ ମାଗିଥିଲେ। ଏ ନେଇ ସେ ଭିଜିଲାନ୍ସକୁ ଜଣାଇଥିଲେ। ଯୋଜନା ମୁତାବକ ଅଭିଯୋଗକାରୀ ଆଜି ଲାଞ୍ଚ ଟଙ୍କା ଦେବା ପାଇଁ କନିଷ୍ଠ ଯନ୍ତ୍ରୀଙ୍କ ପାଖକୁ ଯାଇଥିଲେ। ଉକ୍ତ ଟଙ୍କାକୁ ଠିକାଦାର ଶ୍ରୀକାନ୍ତ ପତିଙ୍କୁ ଦେବାକୁ କନିଷ୍ଠ ଯନ୍ତ୍ରୀ ତାଙ୍କୁ କହିଥିଲେ। ଶ୍ରୀକାନ୍ତ ପତି ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ତାଙ୍କୁ ଧରିଥିଲେ ଭିଜିଲାନ୍ସ ଅଧିକାରୀ। ତାଙ୍କ ସହିତ କନିଷ୍ଠ ଯନ୍ତ୍ରୀ ଜି ବୋଇତାଇଙ୍କୁ ମଧ୍ୟ ଧରିଥିଲେ। ଶ୍ରୀକାନ୍ତ ପତିଙ୍କ ଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଥିଲା। ଉଭୟ କନିଷ୍ଠ ଯନ୍ତ୍ରୀ (ଜେଇ) ଜି ବୋଇତାଇ ଓ ଠିକାଦାର ଶ୍ରୀକାନ୍ତ ପତିଙ୍କ ବିରୋଧରେ ତଦନ୍ତ ଜାରି ରହିଛି।

## ୧୪ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ: ଚନ୍ଦ୍ରଶେଖରପୁରରେ ହେବ ଯାଦବ ଭବନ




ଭୁବନେଶ୍ୱର, ୧୬/୩ (ନି.ପ୍ର): ସାଧାରଣ ନିର୍ବାଚନର ତାରିଖ ଘୋଷଣାର ମାତ୍ର ୪ଘଣ୍ଟା ପୂର୍ବରୁ ଆଜି ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ୧୪ଟି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ନବୀନ ପଟ୍ଟନାୟକ ସରକାରର ପଂଚମ ପାଳିର ଏହା ଶେଷ କ୍ୟାବିନେଟ୍ ବୈଠକ । ରାଜଧାନୀ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ମୌଜାରେ ଯାଦବ ଭବନ ନିର୍ମାଣ ପାଇଁ ଉତ୍କଳ ଯାଦବ ମହାସଭା ସପକ୍ଷରେ ୫୦୦ଡିସିମିଲ୍ ଜମି ମାଗଣାରେ ଯୋଗାଇ ଦେବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି । ଏହାସହିତ ମୋଟ ୭ଟି ବିଭାଗର ୧୪ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଚନ୍ଦ୍ରଶେଖରପୁରଠାରେ ଯାଦବ ଭବନ ନର୍ମାଣ ପାଇଁ ଉତ୍କଳ ଯାଦବ ମହାସଭା ସପକ୍ଷରେ ୫୦୦ଡିସିମିଲ୍ ଜମିର ପ୍ରିମିୟମ ବାବଦକୁ ୫.୦୬କୋଟି ଟଙ୍କା ଛାଡ଼ କରିବାକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ।

▶▶ପୃଷ୍ଠା ୭

## ନିର୍ଦ୍ଧାରିତ ସମୟରେ ବାହାରିବ ମାଟ୍ରିକ ରେଜଲ୍ଟ: ୭ ଦିନରେ ମିଳିବ ଡିଜିଟାଲ ସାର୍ଟିଫିକେଟ



କଟକ, ୧୬/୩ (ନି.ପ୍ର): ଚଳିତ ବର୍ଷ ନିର୍ଦ୍ଧାରିତ ସମୟରେ ପ୍ରକାଶ ପାଇବ ମାଟ୍ରିକ ରେଜଲ୍ଟ। ନିର୍ବାଚନ କାମ ଏଥିରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟି କରୁଥିଲେ ବି ମାଟ୍ରିକ ରେଜଲ୍ଟ ନିର୍ଦ୍ଧାରିତ ସମୟରେ ପ୍ରକାଶ ପାଇବ । ଚଳିତ ବର୍ଷ ପ୍ରଥମ ଥର ପାଇଁ ଛାତ୍ରଛାତ୍ରୀ ପାଇପାରିବେ ଡିଜିଟାଲ ସାର୍ଟିଫିକେଟ । ରେଜଲ୍ଟ ପ୍ରକାଶର ୭ ଦିନ ମଧ୍ୟରେ ମିଳିବ ଏହି ସାର୍ଟିଫିକେଟ । ଆଜି ବୋର୍ଡ ପକ୍ଷରୁ ପ୍ରେସମିଟରେ ଏହି ସୂଚନା ଦିଆଯାଇଛି। ବୋର୍ଡ ସଭାପତିଙ୍କ ସୂଚନା ଅନୁସାରା, ଗତକାଲିଠୁ ଖାତାଦେଖା ଆରମ୍ଭ ହୋଇଥିବା ବେଳେ ୨୮ ସୁଦ୍ଧା ତାହା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଖାତା ଦେଖାକୁ ନିର୍ଭୁଲ କରିବାକୁ ଚଳିତ ବର୍ଷ 'ଚେକର ଓ ମେକର' ବ୍ୟବସ୍ଥା କରାଯାଇଛି। ମୂଲ୍ୟାୟନ କେନ୍ଦ୍ରରୁ ବୋର୍ଡ ହେଡଅଫିସ ଓ ଟେକନିକାଲ ଫାର୍ମ ସହ ଯୋଗାଯୋଗ ରହିଛି। ରେଜଲ୍ଟ ପ୍ରକାଶର ୭ ଦିନ ଭିତରେ ଛାତ୍ରଛାତ୍ରୀମାନେ ଡାଉନଲୋଡ କରି ଡିଜିଟାଲ ସାର୍ଟିଫିକେଟ ପାରିବେ । ରେଜଲ୍ଟ ବାହାରିବାର ୧୫ ଦିନ ମଧ୍ୟରେ ପିଲାମାନେ

▶▶ପୃଷ୍ଠା ୭

## ରାଜନୀତିରେ ଏଣ୍ଟ୍ରି କଲେ ଗାୟିକା ଅନୁରାଧା ପଡୱାଲ: ଧରିଲେ ପଦ୍ମ




ନୂଆଦିଲ୍ଲୀ, ୧୬/୩ :କଣ୍ଠଶିଳ୍ପୀରୁ ସାଜିଲେ ରାଜନେତ୍ରୀ। ରାଜନୀତିରେ ଏଣ୍ଟ୍ରି କଲେ ବଲିଉଡର ଜଣାଶୁଣା ସିଙ୍ଗର ଅନୁରାଧା ପଡୱାଲ। ସେ ଆଜି ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ବିଜେପି କାର୍ଯ୍ୟାଳୟରେ ଦଳର ବରିଷ୍ଠ ନେତାଙ୍କ ଉପସ୍ଥିତିରେ ସେ ପଦ୍ମ ଧରିଛନ୍ତି। ଆଜି ନିର୍ବାଚନ କମିଶନର ଆଗାମୀ ଲୋକସଭା ଓ ୪ ଟି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କରିବାକୁ ଯାଉଛନ୍ତି। ଠିକ୍ ଏହି ପୂର୍ବରୁ ଅନୁରାଧା ବିଜେପିରେ ଯୋଗ ଦେଉଥିବାରୁ ତାଙ୍କୁ ବିଜେପି ଲୋକସଭା ପାଇଁ ପ୍ରାର୍ଥୀ କରିପାରେ ବୋଲି ଅନୁମାନ କରାଯାଉଛି। ବିଜେପିରେ ଯୋଗଦେବା ପରେ ଅନୁରାଧା ପଡୱାଲ କହିଛନ୍ତି ଯେ 'ମୁଁ ବେଶ୍ ଖୁସି, ଆଜି ମୁଁ ସେହି ଲୋକମାନଙ୍କ ସହ ଯୋଗ ଦେଉଛି ଯେଉଁମାନଙ୍କର ସନାତନ ସହିତ ଗଭୀର ସମ୍ପର୍କ ରହିଛି। ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିରେ ଗୀତ ଗାଇବା ପରେ ମୁଁ ଭକ୍ତି ଗୀତ ମଧ୍ୟ ଗାଇଛି। ଯେତେବେଳେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ହେଲା, ମୁଁ ସେଠାରେ ଗୀତ ଗାଇବାର ସୁଯୋଗ

▶▶ପୃଷ୍ଠା ୭

## ୨୩ ଯାଏ ଇଡି ହେପାଜତକୁ ଗଲେ ଗିରଫ କେ କବିତା

ନୂଆଦିଲ୍ଲୀ, ୧୬/୩ : ଦିଲ୍ଲୀର ତଥାକଥିତ ଅବକାର ନୀତି ଦୁର୍ନୀତି ଘଟଣାରେ ଗିରଫ ହୋଇଥିବା ବିଆରଏସ୍ ମୁଖ୍ୟ କେସିଆରଙ୍କ ଝିଅ କେ କବିତାଙ୍କୁ କୌଣସି ଆଶ୍ୱସ୍ତି ମିଳିନାହିଁ। ତାଙ୍କୁ ଦିଲ୍ଲୀର ଗୋଟିଏ କୋର୍ଟ ଆସନ୍ତା ୨୩ ତାରିଖ ଯାଏ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ହେପାଜତକୁ

▶▶ପୃଷ୍ଠା ୭

## ତ୍ରିକୋଣୀୟ ପ୍ରେମରୁ ରକ୍ତପାତ: ଟାର୍ଗେଟରେ ଥିଲେ ଯୁବକ, ବଳି ପଡ଼ିଗଲେ ସାଙ୍ଗ

ଭୁବନେଶ୍ୱର, ୧୬/୩ (ନି.ପ୍ର): ତ୍ରିକୋଣୀୟ ପ୍ରେମରୁ ହେଲା ରକ୍ତପାତ । ଏଥିରେ ଟାର୍ଗେଟରେ ଯୁବକଜଣକ ଥିବା ବେଳେ ବଳି ପଡ଼ିଗଲେ ତାଙ୍କ ସାଙ୍ଗ । ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ରାଜଧାନୀ ଭୁବନେଶ୍ୱରରେ ଘଟିଛି । ଗତକାଲି ବିଳମ୍ବିତ ରାତିରେ ଲକ୍ଷ୍ମୀସାଗର ଥାନା ଚିନ୍ତାମଣିଶ୍ୱର ଅଞ୍ଚଳରେ ମରଣାନ୍ତକ ଆକ୍ରମଣରେ ଜଣେ ଯୁବକଙ୍କ ଜୀବନ ଯାଇଛି। ମୃତ ଯୁବକଜଣକ ହେଲେ ଅଞ୍ଜନ କୁମାର ବେହେରା । ନିଜ ସାଙ୍ଗ ଗୌତମଙ୍କୁ ବଞ୍ଚାଇବାକୁ ଯାଇ ଅଞ୍ଜନ ବଳି ପଡ଼ିଥିବା ଜଣାଯାଇଛି। ମିଳିଥିବା ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ନିଜ ପ୍ରେମିକାଙ୍କୁ ଭେଟିବାକୁ ଗୌତମ ଯାଇଥିଲେ ।

▶▶ପୃଷ୍ଠା ୭

## ହେଲଦି ଲାଇଫ୍ ଆନ୍ତର୍ଜାତିକ ମହିଳା ଦିବସ ପାଳିତ




ବାଲେଶ୍ୱର, ୧୬/୩ (ନି.ପ୍ର): ହେଲଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନେଚର କେୟାର ଏଣ୍ଡ ଯୋଗିକ୍ ସାଇନ୍ସ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ଯୋଗ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଧ୍ୱନିପ୍ରତିଧ୍ୱନି ଓଡ଼ିଆ ଖବର କାଗଜ ତଥା ସାଗରିକାର ମୁଖ୍ୟ ସୈରିନ୍ଧ୍ରୀ ସାହୁ ଭାରତୀୟ ନାରୀର ଭୂମିକା ପରିବାରଠୁ ବିଦେଶରେ କାମ କରିବା ପର୍ଯ୍ୟନ୍ତ ସବୁକିଛି ସଜାଡ଼ିବାର ଭାର ନେଇଥାଏ ନାରୀ। ନାରୀ ଦେଶର ସର୍ବଶକ୍ତିମାନ ହେବା ଉଚିତ୍ । ଅନ୍ୟ ଜଣେ ସମ୍ମାନନୀୟ ଅତିଥି ଟିପିଏନଓଡିଏଲର ଇଲେକ୍ଟ୍ରିକାଲ ଇଞ୍ଜିନିୟର କବିତା ସାହୁ ନାରୀର ସୌନ୍ଦର୍ଯ୍ୟ ଠାରୁ କର୍ମ ଓ ଗୁଣ ବଡ଼ ହେବା ଦରକାର ତେବେ ଯାଇ ନାରୀ ମହାନ୍ ହୋଇପାରିବ । ମହାବିଦ୍ୟାଳୟର ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଜ୍ଞାନ ସହିତ ପରିବାରକୁ ଦେଖିବା ତା ସହିତ ଯୋଗ ପ୍ରାଣାୟମ ଧ୍ୟାନ ପରି ନିଜକୁ ସକାରାତ୍ମକ ଚିନ୍ତା ଅଭ୍ୟାସ କରିବା ଦରକାର । ହେଲଦୀ ଲାଇଫ୍ ଯୋଗ ମହାବିଦ୍ୟାଳୟ ପ୍ରତିଷ୍ଠାତା ନିର୍ଦ୍ଦେଶକ ଡ. ଚିତ୍ତରଞ୍ଜନ ସାହୁ ପ୍ରତ୍ୟେକ ନାରୀର ମାନସିକତା ଠିକ୍ ରହିଲେ ପରିବାରକୁ ଦେଖି ପାରିବା ସହିତ ରୋଜଗାରକ୍ଷମ ହୋଇପାରିବ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷପତି ମୀରାଦେବୀ ଶାହା, ମଞ୍ଜୁ ଭରତୀୟା, ଲକ୍ଷ୍ମୀ କର୍ମକାର, ବାସନ୍ତୀ ଭୁତଲା, ଚନ୍ଦ୍ରକାନ୍ତି ପାତ୍ର, ନିବେଦିତା ନାୟକ, ଛବିରାଣୀ ଦାସ ସମସ୍ତେ ନିଜ ନିଜର ବକ୍ତବ୍ୟ ସହିତ ନୃତ୍ୟକଳା ଦକ୍ଷତା ପ୍ରତିପାଦନ କରିଥିଲେ। ଅନୁଷ୍ଠାନର ଅଧ୍ୟାପକ ଅଭିଷେଖ ଦାସ ଧନ୍ୟବାଦ ଦେଇଥିଲେ । କଲେଜର ଛାତ୍ରଛାତ୍ରୀମାନେ ଯୋଗ ଓ ନୃତ୍ୟ ପରିବେଶଣ କରିଥିଲେ ।

# ଡାକ୍ତର ନୟନ କୁମାର ମହାନ୍ତିଙ୍କ ସ୍ମରଣେ



ଡାକ୍ତର ନୟନ କୁମାର ମହାନ୍ତି
(ଏକାଦଶାହ ଅବସରରେ)

ଇଂ ଡକ୍ଟର ହୃଷିକେଶ ସାହୁ

ଡାକ୍ତର ନୟନ କୁମାର ମହାନ୍ତି ହେଉଛନ୍ତି ବାଲେଶ୍ୱର ମାଟିର ଅନ୍ୟତମ ସୁଯୋଗ୍ୟ ସନ୍ତାନ ଓ ସ୍ଥାନୀୟ ଗୋପାଳ ଗାଁରେ ତାଙ୍କର ପୈତୃକ ବାସଭବନ । ଆଜି ତାଙ୍କର ଏକାଦଶାହ ଅବସରରେ ବାଲେଶ୍ୱର ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ଜଣାଉଛି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି । ଡ. ନୟନ କୁମାର ମହାନ୍ତି କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରୁ ଡାକ୍ତରୀ ଶିକ୍ଷା ଲାଭ କରିଥିଲେ । ସେ ମୂତ୍ରାଶୟ ଜନିତ ରୋଗର ବିଶେଷଜ୍ଞ ଡାକ୍ତର ଭାବେ ପରିଚିତ । ଦିଲ୍ଲୀ ମେଡିକାଲ କାଉନ୍‌ସିଲ ଦ୍ୱାରା ସେ ନିଯୁକ୍ତି ପ୍ରାପ୍ତ ହୋଇ ଏମ୍ସ ସମେତ ବହୁ ମେଡିକାଲ କଲେଜରେ ପ୍ରମୁଖ ଭୂମିକା ନିଭାଇ ଆସୁଥିଲେ । ୨୦୦୫ ମସିହାରୁ ବାଲେଶ୍ୱରରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କମିଟି ଗଠନ ହୋଇ ଦାବି ସରକାରଙ୍କଠାରେ ଉପସ୍ଥାପନ କରାଯାଉଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଡାକ୍ତର ନୟନ ମହାନ୍ତିଙ୍କ ଭାଇ ଶ୍ରୀ ନିରୋଜ କୁମାର ମହାନ୍ତିଙ୍କଠାରୁ ତାଙ୍କର ଦିଲ୍ଲୀରେ ରହୁଥିବା ବିଷୟରେ ଜାଣି ତାଙ୍କ ଯୋଗାଯୋଗ କରାଗଲା । ସେ ସେତେବେଳେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ମହାନିର୍ଦ୍ଦେଶକ ପଦବୀରେ ଥାଆନ୍ତି । ବିଭିନ୍ନ ରାଜ୍ୟର ଦାବୀ ଓ ସ୍ୱାସ୍ଥ୍ୟସେବା ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସେତେବେଳର ସରକାର ଏକ ପ୍ରସ୍ତାବ ପାରିତ କଲେ । ଯେଉଁଥିରେ ଡାକ୍ତର ମହାନ୍ତିଙ୍କର ପ୍ରମୁଖ ହାତ ଥିଲା । ଫଳରେ ପ୍ରଥମେ ସାରା ଦେଶ ପାଇଁ ୫୫ଟି ମେଡିକାଲ କଲେଜ ପ୍ରତିଷ୍ଠା କରିବାର ନିଷ୍ପତ୍ତି ହେଲା । ତାହା ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗୁଡ଼ିକ ଉନ୍ନିତ କରି । ପରବର୍ତ୍ତୀ ପର୍ଯ୍ୟାୟରେ ଅଧିକ ମେଡିକାଲ କଲେଜ ପାଇଁ ସରକାର ନିଷ୍ପତ୍ତି ନେଲେ । ଏ ସବୁ ମଧ୍ୟରେ ବାଲେଶ୍ୱରରେ ମେଡିକାଲ କଲେଜ ପାଇଁ ସମୟପୋଯୋଗୀ ପରାମର୍ଶ ନଥିପତ୍ର ପ୍ରସ୍ତୁତ ପାଇଁ କାଗଜ କରୁଥିଲେ ଡ. ମହାନ୍ତି । ତାଙ୍କରି ପରାମର୍ଶକୁ ଆଧାର କରି କ୍ରିୟାନୁଷ୍ଠାନ କମିଟି ସରକାରୀ ସ୍ତରରେ ଯେଉଁସବୁ କାର୍ଯ୍ୟ କରିବା କଥା କରି ଆସୁଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଡାକ୍ତର ମହାନ୍ତି ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଦାମୋଦର ରାଉତଙ୍କର ଅସ୍ତ୍ରପଚାର ଦିଲ୍ଲୀ ଏମ୍‌ସରେ କରିଥିଲେ ଓ ପ୍ରତ୍ୟେହ ଡାକ୍ତର ମହାନ୍ତି ଶ୍ରୀଯୁକ୍ତ ଦାମୋଦର ରାଉତଙ୍କ ପାଖକୁ ଆସୁଥିଲେ । ଶ୍ରୀଯୁକ୍ତ ଦାମୋଦର ରାଉତ ଅସ୍ତ୍ରପଚାର ପାଇଁ ସାଥିରେ ଆମ ମାଟିର ଅନ୍ୟତମ ଜନନେତା ସ୍ୱର୍ଗତଃ ଅରୁଣ ଦେ'ଙ୍କୁ ସାଥିରେ ନେଇ ଯାଇଥିଲେ । ଡାକ୍ତରଖାନାରେ ଚିକିତ୍ସିତ ହେବା ଅବସରରେ ବାଲେଶ୍ୱର ତଥା ଓଡ଼ିଶାରେ ନୂତନ ମେଡିକାଲ କଲେଜ ପ୍ରତିଷ୍ଠା କଥା ପଡ଼ିଲା । ସ୍ୱାସ୍ଥ୍ୟମନ୍ତ୍ରୀ ଦିଲ୍ଲୀକୁ ସ୍ୱାସ୍ଥ୍ୟ ସଚୀବକୁ ଡାକି ଫାଇଲରେ ଅନୁମୋଦନ କଲେ ଓ ପ୍ରଥମେ ୪ଟି ମେଡିକାଲ କଲେଜ ବାଲେଶ୍ୱର ବଲାଙ୍ଗିର କୋରାପୁଟ ଓ ପୁରୀ ପାଇଁ ପ୍ରସ୍ତାବ ରହିଲା । ଫଳରେ ଆଜି ଆମେ ବାଲେଶ୍ୱରରେ ମେଡିକାଲ କଲେଜର ସୁଫଳ ପାଇପାରୁଛୁ । କେବଳ ସେତିକି ନୁହେଁ ଏମ୍ସ ସାଟଲାଇଟ୍ ସେଣ୍ଟରର ସ୍ଥାପନ ପାଇଁ ସେ ଆମକୁ ପ୍ରତିଶ୍ରୁତି ଦେଇଥିଲେ । ସେ ଏଥିପାଇଁ ସମସ୍ତ କାର୍ଯ୍ୟଧାରା କରୁଛନ୍ତି ଓ ତାହା ମଧ୍ୟ ସଫଳ ହୋଇଛି । ସେ ଥିଲେ ବାଲେଶ୍ୱର ମେଡିକାଲ କଲେଜ ଓ ଏମ୍ସ ପ୍ରତିଷ୍ଠାର ପ୍ରଚ୍ଛଦପଟର ପ୍ରକୃତ ବିନ୍ଧାଣୀ । ଜଣେ ଡାକ୍ତର ଭାବରେ ଯେତିକି ଖ୍ୟାତି ଅର୍ଜନ କରିଛନ୍ତି ସେହିଭଳି ଜଣେ ଉତ୍ତମ ପ୍ରଶାସକ ଭାବରେ ସେ ସୁପରିଚିତ । ଅବସର ପରେ ମଧ୍ୟ ସେ ଦିଲ୍ଲୀର ଡି.ଏମ୍‌ସି ମେଡିକାଲ କଲେଜରେ ଅଧକ୍ଷ ଭାବରେ କାର୍ଯ୍ୟରତ ଥିଲେ ଓ ମାତ୍ର ୭୬ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି । ସେ ତାଙ୍କର ବୃତ୍ତିଗତ ପ୍ରଶିକ୍ଷଣ ପାଇଁ ଜର୍ମାନ୍, ଫ୍ରାନ୍ସ, ସ୍ପେନ୍ ପ୍ରଭୃତି ଦେଶକୁ ଯାଇ ସଫଳତା ଲାଭ କରିଛନ୍ତି । ସେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଠାରୁ ଫେଲୋସିପ୍, ଇଣ୍ଡୋଅଷ୍ଟ୍ରେଲିଆ ଫେଲୋସିପ୍, ଭାରତୀୟ ଜାତୀୟ ବିଜ୍ଞାନ ଫେଲୋସିପ୍ (ୟୁନାଇଟେଡ୍ କିଙ୍ଗଡମ୍ ) ପାଇଛନ୍ତି । ସେ ୨୦୧୩ ମସିହାରେ ନିଟ୍ ପ୍ରବେଶିକା ପରିକ୍ଷାରେ ଅଧକ୍ଷ କାର୍ଯ୍ୟ ତୁଲାଇଥିଲେ । ସେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଥିବା ମୂତ୍ରାଶୟ ଜନିତ ସଂଗଠନର ସଦସ୍ୟ ଥିଲେ । ତାଙ୍କ ଦ୍ୱାରା ରଚିତ ୨୦୦ରୁ ଅଧିକ ଉପାଦେୟ ଲେଖା ଜାତୀୟ ଓ ଆନ୍ତର୍ଜାତୀୟ ପତ୍ରିକାରେ ସ୍ଥାନିତ ହୋଇଛି । ଏହା ବ୍ୟତୀତ ବହୁ ଦେଶରେ ସେ ତାଙ୍କର ମୂତ୍ରାଶୟ ଜନିତ ବିଭିନ୍ନ ସମସ୍ୟା ଉପରେ ବକ୍ତବ୍ୟ ରଖି ଉଚ୍ଚ ପ୍ରଶଂସିତ । ଏହା ବ୍ୟତୀତ ସେ ବହୁ ଅନୁଷ୍ଠାନ ସରକାରୀ ଦପ୍ତର ଦ୍ୱାରା ସଂବର୍ଦ୍ଧିତ ହୋଇଛନ୍ତି । ବାଲେଶ୍ୱରରେ ପ୍ରତିଷ୍ଠିତ ମେଡିକାଲ କଲେଜ ଓ ଏମ୍ସ ପାଇଁ ତାଙ୍କ ଅବଦାନ ଚିର ସ୍ମରଣୀୟ । ପୁଣି ଥରେ ତାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ ।

କାର୍ଯ୍ୟକାରୀ ସଭାପତି
ସରକାରୀ ମେଡିକାଲ
କ୍ରିୟାନୁଷ୍ଠାନ କମିଟି
ବାଲେଶ୍ୱର

## ଓଡିଶା ଠିକା ଶ୍ରମିକ ମହାସଂଘର କାର୍ଯ୍ୟକାର୍ତା ସମ୍ମିଳନୀ, ରାଜ୍ୟରେ ମେଂଟ ଗଠନକୁ ବିରୋଧ

ବଲାଣି, ୧୬/୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ବଡ଼ବିଲ ହରି ଓଁ ଗାର୍ଡେନ ରେ ଓଡିଶା ଠିକା ଶ୍ରମିକ ମହାସଂଘର କାର୍ଯ୍ୟକାର୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଶ୍ରମିକ ବିରୋଧୀ ନୀତି ଯୋଗୁଁ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଥିବା ଠିକା ଶ୍ରମିକ ଅବହେଳାର ଶୀକାର ହେଉଥିବା ନେଇ ଅଭିଯୋଗ କରିବା ସହିତ ବିଭିନ୍ନ ଶ୍ରମିକ ନେତା ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷି ଥିଲେ । ଏହା ବ୍ୟତୀତ ଆଗାମୀ ନିର୍ବାଚନ ନିମନ୍ତେ ମେଂଟକୁ ଘୋର ବିରୋଧ କରାଯାଇଥିଲା । ଏହି ସମ୍ମିଳନୀରେ ଚମ୍ପୁଆର ଭାରତୀୟ ଜନତା ପାର୍ଟି ର ନେତା ଡକ୍ଟର ମୁରଲୀ ମନୋହର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭାରତୀୟ ମଜଦୁର ସଂଘର ଜିଲ୍ଲା ସମ୍ପାଦକ ବିବେକାନନ୍ଦ ମହାନ୍ତ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ କୋଷାଧ୍ୟକ୍ଷ ଉମାକାନ୍ତ ଦାସ, ଉପ ସଭାପତି ଦୁଲାଲ ସୋରେନ, ଜିଲ୍ଲା କୋଷାଧ୍ୟକ୍ଷ ନିର୍ମଳ ବାରିକ, ଓଡ଼ିଶା ଠିକା ଶ୍ରମିକ ସଂଘର କୋଷାଧ୍ୟକ୍ଷ ଲକ୍ଷ୍ମଣ ମହାକୁଡ଼, ବଲାଣି ଠିକା ମଜଦୂର ସଂଘର କାର୍ଯ୍ୟକାରୀ ସଭାପତି କମଳା ପତି ଯାଦବ, କେନ୍ଦୁଝର ରେଳବାଇ କର୍ମଚାରୀ ସଂଘର ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ, କେନ୍ଦୁଝର ମେଡିକାଲ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ରିମାମଣି ବାରିକ, ଦୈତାରି ମଜଦୂର ସଂଘର ସାଧାରଣ ସମ୍ପାଦକ ଗଣେଶ୍ୱର ପାତ୍ର, କେଜେଏସ ଆଲୁଓ୍ୱାଲିଆ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ସଞ୍ଜୟ ନାୟକ, ବଲାଣି ମଜଦୂର ସଂଘ ର ସାଧାରଣ ସମ୍ପାଦକ ଗଙ୍ଗାରାମ ମୁଣ୍ଡା,ଶ୍ରମିକ ନେତା ସଲମା ମାଝୀ, ଖଗେଶ୍ୱର ମହାନ୍ତି, ଅରୁଣ ମହାରଣା,ଅହଲ୍ୟା ମୁଖୀ, ଶ୍ରୀକାନ୍ତ ପାତ୍ର ଓ ରବିନ୍ଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଡକ୍ଟର ଶର୍ମା ଶ୍ରମିକଙ୍କ ହକ କିଭଳି ବାଟ ମାରଣା ହେଉଛି ଏବଂ କିଭଳି ନିଜ ହକ ପାଇବେ ସେ ନେଇ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ଶ୍ରମିକଙ୍କୁ ସଚେତନ କରିବା ସହ ସରକାରଙ୍କୁ ଚଳିତ ନିର୍ବାଚନରେ ଜବାବ ଦେବାକୁ କହିଥିଲେ। ବଲାଣି ଠିକା ଶ୍ରମିକ ସଂଘର କାର୍ଯ୍ୟକାରୀ ସଭାପତି କମଳା ପତି ଚଳିତ ନିର୍ବାଚନରେ ହେବାକୁ ଥିବା ମେଂଟକୁ ଜନ ବିରୋଧୀ ବୋଲି କହିବା ସହ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଥିଲେ।

## ନିଖିଳ ଓଡିଶା ଆଶାକର୍ମୀ ସଙ୍ଘ ଇନ୍ଦୁପୁର ସିଏଚ୍‌ସି କମିଟି ପକ୍ଷରୁ ଗଣଧାରଣା

କେନ୍ଦ୍ରାପଡ଼ା, ୧୬/୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ନିଖିଳ ଓଡିଶା ଆଶାକର୍ମୀ ସଂଘ ସିଏଚ୍‌ସି କମିଟି ପକ୍ଷରୁ ଆଜି ଗଣଧାରଣା ଦିଆଯାଇଥିଲା । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ଆବଶ୍ୟକୀୟ ସରଞ୍ଜାମ ପାଇଁ ୧୦ହଜାର ଟଙ୍କା ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ଆଶାକର୍ମୀମାନଙ୍କୁ ପ୍ରଦାନ କରାଯାଇଥିବା ବେଳେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଜଣେ ବି ଆଶାକର୍ମୀଙ୍କୁ ଏହି ଅର୍ଥ ପ୍ରଦାନ କରାଯାଇନଥିବାରୁ ସେମାନେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣଧାରଣାରେ ବସି ରହିଥିଲେ । ଆଶାକର୍ମୀମାନେ ନିଷ୍ଠାର ସହିତ କାର୍ଯ୍ୟ ସମ୍ପାଦନ କରି ମାଆ ଓ ଶିଶୁର ସ୍ୱାସ୍ଥ୍ୟରକ୍ଷା ସହିତ ଶିଶୁର ଜନ୍ମ ବ୍ୟବଧାନ, ଯକ୍ଷ୍ମା, ମିଳିମିଳା, ମ୍ୟାଲେରିଆ, କୁଷ୍ଠ ଆଦିକୁ ସମୂଳେ ବିଲୋପ କରିବା ସହିତ ଅନ୍ୟାନ୍ୟ କାମଗୁଡିକ ସୁଚାରୁ ରୂପେ କରିଥାନ୍ତି । ରାଜ୍ୟ ସରକାର ସାଇକେଲ ମରାମତି, ଶାଢୀ, ବାର୍ଷିକ ସରଞ୍ଜାମ ପ୍ରଭୃତି କ୍ରୟ କରିବା ପାଇଁ ବାର୍ଷିକ ୧୦ହଜାର ଟଙ୍କା ଗତ ଜାନୁଆରୀ ମାସ ୩୧ ତାରିଖରେ ସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ ମଧ୍ୟ କେନ୍ଦ୍ରାପଡା ଜିଲ୍ଲାର ଅନ୍ୟ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀମାନେ ଏହି ଅର୍ଥ ପାଇଥିବାବେଳେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଆଶା ଭଉଣୀମାନେ ଏଥିରୁ ବ ୍ତ ହୋଇଛନ୍ତି । ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି । ଏହାମଧ୍ୟରେ ଦେଢମାସ ବିତିଯାଇଥିଲେ ମଧ୍ୟ ଆଶାକର୍ମୀମାନଙ୍କୁ ଏହି ପ୍ରାପ୍ୟ ପ୍ରଦାନ କରା ନଯିବାରୁ ସେମାନେ ବାଧ ହୋଇ ଗଣଧାରଣାରେ ସାମିଲ ହୋଇଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି । ସଂଘର ସଭାପତି ସରସ୍ୱତୀ ସ୍ୱାଇଁ ଓ ସମ୍ପାଦିକା ନନ୍ଦିନୀ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ଜିଲ୍ଲା ସମ୍ପାଦିକା କାନ୍ତିପ୍ରଭା ନାୟକ, ଇନ୍ଦୁପୁର ସିଏଚ୍‌ସି ଉପସଭାପତି ଜୟନ୍ତୀ ବାରିକ,ଜିଲ୍ଲା ଉପସଭାପତି ଭଜହରି ପ୍ରଧାନ, ଏଆଇଟିୟୁସି ନେତା ଅକ୍ଷୟ ମଲ୍ଲିକ, ମାନିନୀ ମଲ୍ଲିକ, ନୟନାବତୀ ଜେନା, ସସ୍ମିତା ବାରିକ, ଗୋଲାପି ସାହୁ, ମାତାଜୀ ନାୟକ, ରେଣୁବାଳା ସେଣ, ସ୍ନେହଲତା ପ୍ରଧାନ, ଉର୍ମିଳା ସେଠୀ, ବାସନ୍ତୀ ସାହୁ, ସବିତା ନାୟକ, ସସ୍ମିତା ପୃଷ୍ଟି, ରଞ୍ଜିତା ପରିଡା ପ୍ରମୁଖ ଶତାଧିକ ଆଶାକର୍ମୀ ଏହି ଗଣଧାରଣାରେ ସାମିଲ ହୋଇଥିଲେ। ଅପରାହ୍ନରେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ଶ୍ରୀକାନ୍ତ ସ୍ୱାଇଁ ଓ ବିପିଏମ୍ ମଞ୍ଜୁଲତା ସାହୁ ଗଣଧାରଣା ସ୍ଥଳରେ ପହଂଚି ସଂଘର କର୍ମକର୍ତାଙ୍କ ସହ ଆଲୋଚନା କରି ଆସନ୍ତା ୩୧ତାରିଖ ସୁଦ୍ଧା ଏହି ଅର୍ଥ ଆଶାକର୍ମୀଙ୍କ ବ୍ୟାଙ୍କ ଜମାଖାତାକୁ ପଠାଯିବାର ପ୍ରତିଶ୍ରୁତି ଦେବା ପରେ ଗଣଧାରଣା ପ୍ରତ୍ୟାହୃତ କରାଯାଇଥିଲା ।

## ଭଣ୍ଡାରିପୋଖରୀରେ ନିର୍ମାଣ ହେବ ୩୩ କେଭି ବିଦ୍ୟୁତ ଷ୍ଟ୍ରକଚର

ଭଦ୍ରକ, ୧୬/୩ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକର ସଦର ମହକୁମାରେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ଷ୍ଟ୍ରକଚର ନିର୍ମାଣ କରାଯିବ। ଶନିବାର ରାଜ୍ୟ କ୍ୟାବିନେଟରେ ଏହା ଅନୁମୋଦନ ଲାଭ କରିଛି। ବ୍ଲକ ଅଞ୍ଚଳରେ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇବା ପାଇଁ ଥିବା ଷ୍ଟ୍ରକଚର ଭଣ୍ଡାରିପୋଖରୀ ସଦର ମହକୁମା ପାଇଁ ଯଥେଷ୍ଟ ହେଉନାହିଁ। ଏଥିପାଇଁ ଏକ ସ୍ୱତନ୍ତ୍ର ଷ୍ଟ୍ରକଚର ଆବଶ୍ୟକ ବୋଲି ୫ଟି ଅଧକ୍ଷଙ୍କ ଭଣ୍ଡାରିପୋଖରୀ ଗସ୍ତ ବେଳେ ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ଦେବେନ୍ଦ୍ର ଦାଶ, ହେମନ୍ତ ଜେନା, ଜିଲ୍ଲାପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ସଂସଦ ପ୍ରତିନିଧି ଲଳିତ ରାଉତ ପ୍ରମୁଖ ଲିଖିତ ଭାବେ ଜଣାଇଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ ମଧ୍ୟ ଏହି ଆବଶ୍ୟକତା ସମ୍ପର୍କରେ ୫ଟି ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଦାବି ରାଜ୍ୟ କ୍ୟାବିନେଟରେ ଶନିବାର ଅନୁମୋଦିତ ହୋଇଛି। ଏଠାରେ ସୂଚନା ଯୋଗ୍ୟ ଯେ ବ୍ଲକ ଅଞ୍ଚଳର ବିଦ୍ୟୁତ ସେବା ଯୋଗାଣ ପାଇଁ ସର୍ବପୁରାତନ ୧୬ ନଂ ଜାତୀୟ ରାଜପଥର ଧାମନଗର ଛକ ଷ୍ଟ୍ରକଚର ରହିଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଡାହାଲା ଠାରେ ଓ ୩ୟ ପର୍ଯ୍ୟାୟରେ ରାଢୋ ଠାରେ ମାଳଦା ଷ୍ଟ୍ରକଚର ସହ ବିଶୋଳ ଠାରେ ଏକ ଷ୍ଟ୍ରକଚର ନିର୍ମାଣ କରାଯାଇଛି। ଏହି ୪ଟି ଷ୍ଟ୍ରକଚର ବ୍ୟତୀତ ଭଣ୍ଡାରିପୋଖରୀ ବ୍ଲକ ସଦର ମହକୁମାରେ ଅନ୍ୟ ଏକ ଷ୍ଟ୍ରକଚର ନିର୍ମାଣ କରାଯିବ।

## ଚତୁର୍ଥ ହଂସଧ୍ୱନି କାର୍ଯ୍ୟକ୍ରମ ଉଦ୍‌ଘାଟିତ



ବାସୁଦେବପୁର, ୧୬/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଗୁଆ ଗଡିଆ ପଞ୍ଚାୟତର ମିର୍ଜାପୁର କମାର ଗାଁ ଠାରେ ସରସ୍ୱତୀ ସଙ୍ଗୀତ ମହାବିଦ୍ୟାଳୟ ଆୟୋଜିତ ଚତୁର୍ଥ ହଂସଧ୍ୱନି ସଙ୍ଗୀତ ନୃତ୍ୟ ଉତ୍ସବ ଉଦଘାଟିତ ହୋଇଯାଇଛି । ଏହି ଉତ୍ସବରେ ମହାବିଦ୍ୟାଳୟ ର ସଭାପତି ମନ୍ମଥ ଅଗସ୍ତି ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ କବି ସୁଦର୍ଶନ ଅଗସ୍ତି, ଶୁଭଶ୍ରୀ ମୁଖାର୍ଜୀ, ଦେବକୀ ନନ୍ଦନ ଚୌଧୁରୀ, କବି ବିକାଶ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶ୍ରୀନିବାସ ଘଟୁଆରୀ ଓ ମନିସ ଅଗସ୍ତି ମଞ୍ଚ ସଂଯୋଜନା କରିଥିଲେ । ଏହି ଅବସରରେ ଓଡ଼ିଶୀ ନୃତ୍ୟ ଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି ଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଓଡ଼ିଶୀ ନୃତ୍ୟଶିଳ୍ପୀ ସମୀର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ଖୁବ୍ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ । ବହୁ ସଂଖ୍ୟା ରେ କଳା ସଂସ୍କୃତି ପ୍ରେମୀ ସାଧକ ଓ ଜନ ସାଧାରଣ ଯୋଗ ଦେଇଥିଲେ ।

## ସାମ୍ବାଦିକଙ୍କ ସମସ୍ୟା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ




ଖୋର୍ଦ୍ଧା, ୧୬/୩ (ନି.ପ୍ର): ରାଜ୍ୟରେ କର୍ତବ୍ୟରତ ସାମ୍ବାଦିକ ମାନଙ୍କ ସମସ୍ୟା ସମ୍ପର୍କ ରେ ବିଭିନ୍ନ ସାମ୍ବାଦିକ ସଂଗଠନ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ଲା କାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ସମସ୍ୟା ଗୁଡିକ ର ସମାଧାନ କରିବା ନିମନ୍ତେ ଏକ ଦାବୀପତ୍ର ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ ।ପ୍ରମୁଖ ଦାବୀ ଗୁଡିକ ମଧ୍ୟରୁ ବରିଷ୍ଠ ସାମ୍ବାଦିକ ମାନଙ୍କୁ ପେନସନ ପ୍ରଦାନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ରେ ସାମିଲ ହୋଇଥିବା ହିତାଧିକାରୀ ମାନଙ୍କ ପିତା, ମାତା ଓ ୨୫ ବର୍ଷ ରୁ ଉର୍ଦ୍ଧ୍ୱ ପିଲାମାନଙ୍କୁ ସାମିଲ କରିବା, ଆକ୍ରିଡେସନ କମିଟି ଗଠନ, ରାଜ୍ୟରେ ପ୍ରେସ ଏକାଡେମୀ ସ୍ଥାପନ ପ୍ରଭୃତି ଦାବୀ ଗୁଡିକ ସହୃଦୟତା ର ସହ ବିଚାର କରି ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ସେ ସବୁ ପୂରଣ କରିବା ଦିଗରେ ପଦକ୍ଷେପ ନେବାକୁ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଓ.ୟୁ.ଜେ. ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ତପନ କୁମାର ନାୟକ, ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲାଶାଖା ସଭାପତି ପ୍ରଭାତ ମିଶ୍ର, ଓ. ୟୁ.ଡବ୍ଲୁ.ଜେ. ଖୋର୍ଦ୍ଧା ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀଙ୍କ ସମେତ ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ଉପ ସଭାପତି ଲଳିତ ମୋହନ ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ପ୍ରେସ କ୍ଲବ ତଥା ଓ. ୟୁ.ଡବ୍ଲୁ. ଜେ. ଖୋର୍ଦ୍ଧା ଜିଲ୍ଲା ଶାଖା ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ମହମ୍ମଦ ମୋତାହାର ୟୁସୁଫ, ପ୍ରଭାତ ପାଣିଗ୍ରାହୀ, ରାଜେଶ ମହାନ୍ତି, ଅବ୍ୟକ୍ତ ହରି ହର ଖାଡ଼ଙ୍ଗା, ପ୍ରମୋଦ ମହାପାତ୍ର, ଅନସର ଅଲ୍ଲୀ, ସଞ୍ଜୟ କର, ସୟଦ ଲିୟାକତ ଅଲ୍ଲୀ, ଶୁଭଲକ୍ଷ୍ମୀ ସାମନ୍ତରାୟ, ଲୋହିତ ନାରାୟଣ ମହାପାତ୍ର, ଅୟସ ମହାନ୍ତି, ପ୍ରମୋଦ ମହାପାତ୍ର, ପି. ତ୍ରିପତି ବାଲାଜୀ ପାତ୍ର, ଆକାଶ ବିଶ୍ୱାଳ ପ୍ରମୁଖ ଗଣମାଧ୍ୟମ ର ପ୍ରତିନିଧି ମାନେ ଖୋର୍ଦ୍ଧା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଙ୍କ କାର୍ଯ୍ୟାଳୟ ରୁ ଏକ ଶୋଭାଯାତ୍ରା ରେ ବାହାରି କଳାବ୍ୟାଚ ପରିଧାନ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦାବୀ ପତ୍ର ପତ୍ର ପ୍ରଦାନ କରିଥିଲେ ।

## ବସ୍ - ଟ୍ରଲର ଧକ୍କା : ୧୦ ଆହତ

କେନ୍ଦୁଝର, ୧୬/୩ (ନି.ପ୍ର): ବସ୍ ସହ ଟ୍ରଲର ମୁହାଁମୁହିଁ ଧକ୍କା ହେବା ଫଳରେ ୧୦ ଜଣ ଆହତ ହୋଇଛନ୍ତି । ୫୨୦ ନଂ ଜାତୀୟ ରାଜପଥର ବଡବିଲ ଥାନା ଅନ୍ତର୍ଗତ ଭଦ୍ରାସାହି ଛକରେ ଆଜି ଏହି ଦୁର୍ଘଟଣା ଘଟିଛି । ଯୋଡ଼ାରୁ ବଡ଼ବିଲ ଅଭିମୁଖେ ଯାଉଥିବା ବସ୍ ରଙ୍ଗ୍ ସାଇଡ୍ ରେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି । ଯଦ୍ୱାରା ୧୦ ଜଣ ଆହତ ହୋଇଛନ୍ତି । ଆହତ ମାନଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

## ମାର୍ଚ୍ଚ ୧୮ରେ କେନ୍ଦୁଝର ବନ୍ଦ ଡାକରା ଦେଲା ଟ୍ରକ ମାଲିକ ସଂଘ

କେନ୍ଦୁଝର, ୧୬/୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଶୁଆକାଟୀସ୍ଥିତ ଓଡିଶା ଖଣି ନିଗମ ଗନ୍ଧମାର୍ଦ୍ଦନ ଲୌହ ଖଣି ଠାରୁ ଗୁହାଳଡିହି ରେଳ ସାଇଡିଂ ପର୍ଯ୍ୟନ୍ତ ରେଳ ସଂଯୋଗୀକରଣ କୁ ବିରୋଧ କରି ଆସନ୍ତା ୧୮ତାରିଖ ସୋମବାର ଦିନ କେନ୍ଦୁଝର ବନ୍ଦ ଡାକରା ଦେଇଛି କେନ୍ଦୁଝର ଜିଲ୍ଲା ଟ୍ରକ ମାଲିକ ସଂଘ। ଏହି ଅବସରରେ ଶନିବାର ଦିନ ସଂଘ କାର୍ଯ୍ୟାଳୟ ଠାରେ ଏକ ପ୍ରେସ ମିଟ୍ ରେ ସୂଚନା ଦେଇଛନ୍ତି ଟ୍ରକ ମାଲିକ ସଙ୍ଘ । ଟ୍ରକ ମାଲିକ ଦିପ୍ତୀକାନ୍ତ ପଟ୍ଟନାୟକ ୧୮ତାରିଖ ଦିନ ଥିବା ୨୪ଘଂଟିଆ ବନ୍ଦ ପାଳନ କିପରି କରାଯିବ ସେ ସଂପର୍କରେ ସୂଚନା ଦେବା ସହ ସାମ୍ବାଦିକ ମାନଙ୍କର ପ୍ରଶ୍ନର ଉତର ରଖିଥିଲେ। ରେଳବାଇର ୨୦୨୩-୨୪ ବର୍ଷରେ ଓଡିଶା ଖଣି ନିଗମ ପରିଚାଳିତ ଶୁଆକାଟୀସ୍ଥିତ ଗନ୍ଧମାର୍ଦ୍ଦନ ଲୌହ ଖଣିରୁ ରେଲଓ୍ୱେ ସାଇଡିଂକୁ ୧୨.୬ କିଲୋମିଟର ରେଳପଥ ପାଇଁ ୨୦କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କରାଯାଇଥିବା ବେଳେ ଚଳିତ ବଜେଟ ଅର୍ଥାତ ୨୦୨୪-୨୫ରେ ଆଉ ୨୦କୋଟି ମଞ୍ଜୁର ହୋଇଛି। ଏହି ଦୂରତା ପାଇଁ ୧୮୯କୋଟି ୯୩ଲକ୍ଷର ଅଟକଳ କରାଯାଇଥିବା ସହ ଚଳିତ ବଜେଟରେ ମଧ୍ୟ ୨୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ରେଳ ସଂଯୋଗ ହେଲେ କେନ୍ଦୁଝର ଜିଲ୍ଲାରେ ଟ୍ରକ ଉପରେ ନିର୍ଭର କରି ଚଳୁଥିବା ପାଖାପାଖି ହଜାର ହଜାର ଟ୍ରକ ମାଲିକ ଏବଂ ଏହା ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜଡିତ ପାଖାପାଖି ୩ଲକ୍ଷରୁ ଉର୍ଦ୍ଧ ଲୋକ ଏହାଦ୍ୱାରା ପ୍ରଭାବିତ ହେବେ। କେନ୍ଦୁଝର ଜିଲ୍ଲାର ହଜାର ହଜାର ଶିକ୍ଷିତ ବେକାରଙ୍କ ପାଇଁ ବଂଚିବାର ମାଧ୍ୟମ ଥିବା ଟ୍ରକ ବ୍ୟବସାୟ , ରେଳ ମନ୍ତ୍ରଣାଳୟର ଏଭଳି ନିଷ୍ପତି ଯୋଗୁଁ ଟ୍ରକ ବ୍ୟବସାୟ ଠପ କରି ଦେବ। ବିଗତ ଦିନରେ ଦେଖା ଯାଇଥିବା ୩ବର୍ଷ ଗାଡି ବନ୍ଦ ହେବା ଫଳରେ କେନ୍ଦୁଝରର ଅର୍ଥନୀତି ପୁରା ପୁରି ଭୁଷୁଡି ଯାଇଥିଲା। ତେଣୁ ଆଗକୁ ଯେପରି ଏହାର ପୁନରାବୃତି ନହୁଏ ତାକୁ ନେଇ ଆଜିର ଏହି ଆନ୍ଦୋଳନ କରାଯାଉଛି ବୋଲି କହିଥିଲେ। ଓଏମ୍‌ସି ଶୁଆକାଟୀ ଗନ୍ଧମାର୍ଦ୍ଦନ ଲୌହ ଖଣି ଠାରୁ ଗୁହାଳଡିହି ପର୍ଯ୍ୟନ୍ତ ରେଳ ସଂଯୋଗୀକରଣକୁ ବିରୋଧ କରି ଆସନ୍ତା ୧୮ ତାରିଖ ସୋମବାର ଦିନ ୨୪ ଘଂଟିଆ କେନ୍ଦୁଝର ଜିଲ୍ଲା ବନ୍ଦ ଡାକରାକୁ ସଂପୂର୍ଣ୍ଣ ସହଯୋଗ କରିବାକୁ ଜିଲ୍ଲାବାସୀଙ୍କୁ ନିବେଦନ କରାଯାଇଛି। ୧୮ ତାରିଖ ବନ୍ଦ ପରେ ମଧ୍ୟ ଦାବି ସଫଳ ନହେବା ପର୍ଯ୍ୟନ୍ତ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବା ସଂଗେ ସଂଗେ ସବୁ କ୍ଷେତ୍ରରେ ଏ ଆନ୍ଦୋଳନ ଆଗକୁ ଜାରି ରଖାଯିବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଥିଲେ। ଏହି ରେଳ ସଂଯୋଗୀକରଣ ବିରୋଧ କରି ୧୮ ତାରିଖରେ ହେବାକୁ ଥିବା ବନ୍ଦକୁ କେନ୍ଦୁଝର ଜିଲ୍ଲାର ସମସ୍ତ ଅଗ୍ରଣୀ ଅନୁଷ୍ଠାନ ଯଥା- ବଣିକ ସଂଘ, ବସ ମାଲିକ ସଂଘ, ଅଟୋ ସଂଘ, ମେକାନିକ ସଂଘ, ମିନି ବସ ମାଲିକ ସଂଘ, ଶୁଆକାଠି ଆଂଚଳିକ ଟ୍ରକ ମାଲିକ ସଂଘ, ଜିଲ୍ଲା ଡ୍ରାଇଭର ସଂଘ, ଯୋଡା ଟ୍ରକ ମାଲିକ ସଂଘ, ମାଟୁଆ ସଂଘ, ଯୋଡା ଆଂଚଳିକ ଟ୍ରକ ମାଲିକ ସଂଘ, ଭଦ୍ରାସାହି ଓ ବଡବିଲ ଟ୍ରକ ମାଲିକ ସଂଘ ସହ ଜିଲ୍ଲାର ଅନ୍ୟାନ୍ୟ ସବୁ ଟ୍ରକ ମାଲିକ ସଂଘ ଏବଂ ଏଥି ସହିତ ଜିଲ୍ଲାର କୋଣ ଅନୁକୋଣରେ ଥିବା ବିଭିନ୍ନ ସଂଗଠନ ଓ ଗାଡି ମାଲିକମାନେ ଏହି ବନ୍ଦକୁ ସହଯୋଗ କରୁଥିବା ପ୍ରେସ୍ ମିଟରେ ସୂଚନା ଦିଆଯାଇଛି। ଏହି ବନ୍ଦ ପାଳନ ଦିନ କେନ୍ଦୁଝରଗଡ ରେଳ ଷ୍ଟେସନ ଠାରେ ରେଳ ରୋକ କରାଯିବ ବୋଲି ଟ୍ରକ ମାଲିକ ଦିପ୍ତୀକାନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେହିପରି ଆମ୍ବୁଲାନ୍ସ ସେବା, ଅଗ୍ନିଶମ ଗାଡି, କ୍ଷୀର ଗାଡି, ସ୍କୁଲ ଓ କଲେଜ ପରୀକ୍ଷା ସମେତ ଜରୁରୀ ସେବାକୁ ଆନ୍ଦୋଳନରୁ ବାଦ ଦିଆଯିବ ବୋଲି ଏହି ଅବସରରେ ସୂଚନା ଦିଆଯାଇଛି।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୭ ମାର୍ଚ୍ଚ ୨୦୨୪
email : rabibarachayan2015@gmail.com

# ରବିବାର ଚୟନ

......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର




## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

**ଭାଗ-୪୩**

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ସୀତାଙ୍କ ମୁଖରୁ ଏପରି ପତିସେବା, ପତିଧର୍ମ କଥା ଶୁଣି ସୁଧାମୟୀ, ପ୍ରୀତିଦା, କମଳା ଆଦି ମୁନିକୁମାରୀମାନେ କହିଥିଲେ, ଦେବୀ ତପସ୍ୱିନୀ ଆପଣଙ୍କ ମୁଖରୁ ସ୍ୱାମୀସେବା, ସ୍ୱାମୀଧର୍ମର କଥା ଶୁଣି ଆମେ ଧନ୍ୟ ହୋଇଗଲୁ । ହେଲେ ଆଜି ଏ ଶରତ ପୂର୍ଣ୍ଣିମା ସନ୍ଧ୍ୟାରେ ଆପଣ ଯେଉଁ କଥା ମନେପକାଇ ମନ ଦୁଃଖରେ ବସିଥିଲେ ତାହା ଆମକୁ ଶୁଣାଇଲେ ନାହିଁ ।

ଶୁଣାଇବି ସୁଧାମୟୀ ସେକଥା ତୁମକୁ ନିଶ୍ଚୟ ଶୁଣାଇବି । ସେହିକଥା ଆରମ୍ଭ କରୁକରୁ ସ୍ୱାମୀଙ୍କ କଥା ମୋ ମନକୁ ଆସିବାରୁ ମୁଁ ଅନେକ କଥା ତୁମକୁ କହିଗଲି ସଖୀ । ଏହି ଶରତ ପୂର୍ଣ୍ଣିମା ମୋ ଜୀବନରେ ଅଦିନିଆ କଳା ମେଘକୁ ଡାକି ଆଣିଥିଲା । ସେହିଦିନ ହିଁ ମୋ ଆନନ୍ଦର ପୂର୍ଣ୍ଣିମାକୁ ଗ୍ରାସ କରିଥିଲା ଦୁଃଖର ରାହୁ ।

ସେଦିନ ସୂର୍ଯ୍ୟାସ୍ତ ପୂର୍ବରୁ ସ୍ୱାମୀ ମୋର ଏକାକୀ ଗୋଦାବରୀ କୂଳକୁ ଭ୍ରମଣରେ ଯାଇଥିଲେ। ମୁଁ ତାଙ୍କ ସହିତ ଯିବାପାଇଁ ଅଳି କରିବାରୁ ସେ କହିଥିଲେ ସୀତେ ! ତୁମେ କାହିଁକି ମୋ ସହିତ ଯିବ । ମୁଁ ଅଳ୍ପସମୟ ପାଇଁ ଯିବି ଆଉ ଆସିବି । ଆଜି ଶରତ ପୂର୍ଣ୍ଣିମା । ତୁମର ଏହି ପୂର୍ଣ୍ଣିମା ଭଳି ଶୋଭନୀୟ ମୁଖ ସହିତ ଆକାଶର ଚନ୍ଦ୍ର ପ୍ରତିଯୋଗିତା କରିବ । ତୁମକୁ ଅଧିକ ଆକର୍ଷଣୀୟ କରିବାପାଇଁ ମୁଁ ଆଜି ତୁମ ଗଭାରେ ମାଳତୀ, ଯୂଇ, ଯାଇ ଫୁଲର ମାଳ ପିନ୍ଧାଇ ଦେବି । ଏଠି ଲତାମାନଙ୍କରେ ସେ ଫୁଲ ମୁଁ ଦେଖିବାକୁ ପାଉନାହିଁ। ମୁଁ ଯାଉଛି, ଗୋଦାବରୀ ତଟରେ ପ୍ରତୀୟମାନ ହେଉଥିବା ବିଭିନ୍ନ ଲତା ସନ୍ଧିରେ ସେ ଫୁଲମାନ ନିଶ୍ଚୟ ମିଳିବ । ସେଥିରୁ କିଛି ଫୁଲ ଧରି ମୁଁ ଖୁବ୍ ଶୀଘ୍ର ଫେରି ଆସିବି । ତୁମେ ଏହିଠାରେ ମୋତେ ପ୍ରତୀକ୍ଷା କରିଥାଅ । ଲକ୍ଷ୍ମଣ କୁଆଡ଼େ ଯାଇଛି । ସେ ମଧ୍ୟ ସନ୍ଧ୍ୟା ପୂର୍ବରୁ ଫେରି ଆସିବ । ମୁଁ ଆସିଲେ ଆମେ ଆଜି ଏଇ ବୃକ୍ଷରାଜି ଗହଳରେ ନରହି ଅଦୂରରେ ଥିବା ପଥର ମୁଣ୍ଡିଆ ପାଖକୁ ଚାଲିଯିବା। ସେହିଠାରେ ଆମେ ସନ୍ଧ୍ୟାକାଳୀନ ମୁକ୍ତ ସମୀରଣ ସହିତ ସନ୍ଧ୍ୟାକାଶରେ ହସୁଥିବା ଶରତ ଶଶୀର ମନଲୋଭା ରୂପଶୋଭାକୁ ଉପଭୋଗ କରିବା । ତାର ସୁଧାଝରା ରୁପା କିରଣରେ ସ୍ନାନକରି ଆଜି ରାତିକୁ ସେହିଠାରେ କଟାଇଦେବା । ଏହାକହି ମୋର ଶିର ଚୁମ୍ବନ କରି ସ୍ୱାମୀ ମୋର ଚାଲି ଯାଇଥିଲେ ।

ତାଙ୍କ ଯିବା ପଥକୁ ଅନାଇ ରହିଥାଏ ମୁଁ । କ୍ରମେକ୍ରମେ ରଘୁବଂଶର ତ୍ରାଣକର୍ତ୍ତା ଦିନନାଥ ଅସ୍ତାଚଳକୁ ଢଳି ପଡ଼ିଲେ । ସନ୍ଧ୍ୟା ଆଗତ ଜାଣି ପକ୍ଷୀମାନେ କଳକଳ ସଂଗୀତ ଗାନକରି ବାହୁଡ଼ି ଆସିଲେ ତାଙ୍କ ନୀଡ଼କୁ । ମୃଗ ଶାବକମାନେ ଏଣେତେଣେ ଧାଇଁ ଲେଉଟି ଆସୁଥାନ୍ତି ତାଙ୍କ ଗୁମ୍ଫା ନିକଟକୁ । ଆକାଶରୁ କାକର ଟପ୍‌ଟପ୍ ହୋଇ ଝରି ପଡୁଥାଏ ବୃକ୍ଷରାଜିର ପତ୍ର ମାନଙ୍କରେ । ସୂର୍ଯ୍ୟଦେବ ଅସ୍ତାଚଳକୁ ଚାଲିଗଲେଣି । ପୂର୍ବାକାଶକୁ ଶୁଭ୍ରକାନ୍ତିରେ ଉଦ୍‌ଭାସିତ କରି କଳାକର ଉଦୟ ହେଲେଣି । ବନଭୂମିରେ କିଛିସମୟ ପାଇଁ ଛାଇଗଲାଣି ମଳିନ ଅନ୍ଧକାର । ମୋ ମନରେ ଶଙ୍କା । ସ୍ୱାମୀ ମୋର ଫେରୁନାହାନ୍ତି କାହିଁକି ? ବେଳ ପ୍ରହରେ ଥାଉ ସେ ଗଲେଣି । ବଚନ ଦେଇ ଯାଇଥିଲେ ସନ୍ଧ୍ୟା ପୂର୍ବରୁ ଫେରିବେ, କିନ୍ତୁ ଏପର୍ଯ୍ୟନ୍ତ ଫେରୁନାହାନ୍ତି । କାହିଁକି କେଜାଣି ଅଜଣା ଭୟରେ ମୁଁ ଶିହରି ଉଠିଥିଲି । ଲକ୍ଷ୍ମଣ ବେଳ ଲେଉଟାଣିରୁ ଗଲେଣି ଯେ ସେ ବି ଫେରୁନାହାନ୍ତି । କିଛି ଅଘଟଣ ଘଟିଲାକି ? ବେଳେବେଳେ ଲକ୍ଷ୍ମଣ ରାତି ପ୍ରହରେକୁ ଫେରନ୍ତି । ତାଙ୍କ ଉପରେ ବିରକ୍ତ ହେଲେ ସେ କହନ୍ତି, ଏ ପର୍ଯ୍ୟନ୍ତ କ'ଣ ଆପଣ ମୋତେ ଚିହ୍ନିପାରିଲେ ନାହିଁ ଭାଉଜ । ଭାଇ ଯାହାର ଦିଗ୍‌ବିଜୟୀ ବୀର, ସେ କାହିଁକି କାହାକୁ ଭୟ କରିବ। ତାଛଡ଼ା ଆପଣଙ୍କ ଦିଅର ସ୍କନ୍ଧରେ ଯେ ପର୍ଯ୍ୟନ୍ତ ଧନୁ ତୂଣୀରରେ ଶର ରହିଛି ସେ ପର୍ଯ୍ୟନ୍ତ ଯକ୍ଷ, ରକ୍ଷ, କିନ୍ନର, ରାକ୍ଷସ କେହି ମୋର କିଛି କରିପାରିବେ ନାହିଁ । ଆପଣ କେବେବି ମୋ କଥା ଚିନ୍ତାକରି ଦୁଃଖ କରିବେ ନାହିଁ ।

ଭାରି ଏକଜିଦିଆ ଲକ୍ଷ୍ମଣ । ଯାହା ବୁଝିଥିବେ ସେ ତାଙ୍କୁ ଆଉ କେହି ବୁଝାଇ ପାରିବେ ନାହିଁ, ତାଙ୍କ ଭାଇ ତଥା ମୋ ବ୍ୟତିରେକେ । ମୁଁ ତାଙ୍କୁ ସଦା ମୋ ସାନଭାଇ ଭାବରେ ଦେଖେ ଦିଅର ଭାବରେ ନୁହେଁ । ସେ ମଧ୍ୟ ଆସୁନାହାନ୍ତି । କ୍ରମେ ଅନ୍ଧକାର ମାଡ଼ି ଆସିଲାଣି । ମୁଁ କ'ଣ କରିବି ? ବାହାରେ ରହିବା ବିପଦ ଜାଣି ମୁଁ ଗୁମ୍ଫା ଭିତରକୁ ଯିବାପାଇଁ ପ୍ରସ୍ତୁତ ହେଉଥିବାବେଳେ ମୋ ସ୍ୱାମୀଙ୍କ କୋମଳ କଣ୍ଠର ମୃଦୁବାଣୀ ଝରିପଡ଼ିଲା ମୋ କର୍ଣ୍ଣକୁହରରେ 'ସୀତେ !' ପଛକୁ ବୁଲି ମୁଁ ଦେଖେ ତ ସେ ଆସି ମୋ ପାଖରେ ଛିଡ଼ା ହୋଇଗଲେଣି। ପତ୍ର ଦୋନାରେ ପୁଳାଏ ଫୁଲ ଧରି ମୋତେ ଚାହିଁ ସେ କହିଥିଲେ, ମୋ ଆସିବାରେ ସାମାନ୍ୟ ବିଳମ୍ବ ହୋଇଯିବାରୁ ତୁମେ ଭୟ ପାଇଲ କି ? ସବୁଜାଣି ଆପଣ ଯେ କାହିଁକି ବିଳମ୍ବ କରୁଥିଲେ ତାହା ମୁଁ ଜାଣିପାରୁ ନାହିଁ ସ୍ୱାମୀ । ମୁଖରେ ଶୁଷ୍କହସର ଧାରାଟିଏ ଟାଣି ସେ କହିଥିଲେ ବଣରେ ଗୋଟାଏ ଦୁର୍ଘଟଣା ଘଟିଗଲା ପ୍ରିୟେ । ସେଇଥିପାଇଁ ମୋର ଏ ବିଳମ୍ବ ।

ଦୁର୍ଘଟଣା ! ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କରିଥିଲି ମୁଁ । କ'ଣ ହେଲା ସ୍ୱାମୀ । ପଥରେ କୌଣସି ବାଘ, ଭାଲୁ ଆକ୍ରମଣ କଲେ ଅଥବା କୌଣସି ରାକ୍ଷସ...

ମୋ ପାଟିରୁ କଥା ନେଇ ସେ କହିଥିଲେ ନା ସୀତେ ତାହା ନୁହେଁ । ବାଘ ଭାଲୁଙ୍କର ମୁଁ କି ଦୋଷ କରିଛିକି ସେମାନେ ମୋତେ ଆକ୍ରମଣ କରିବେ ?

ତାହେଲେ କୌଣସି ରାକ୍ଷସ ଆପଣଙ୍କୁ ଦେଖି

ନା ନା ସୀତେ ତାହା ବି ନୁହେଁ । ତୁମ ଅନୁମାନ କିନ୍ତୁ ମିଥ୍ୟା ନୁହେଁ । ଲଙ୍କା ଏଠାରୁ ବେଶି ଦୂର ନୁହେଁ । ଲଙ୍କାର ଅସୁରମାନେ ଏ ସ୍ଥାନକୁ ସମୁଦ୍ର ପାର ହୋଇ ଆସିଥାନ୍ତି । ରାକ୍ଷସ ଯେତେ ଦୁର୍ଦ୍ଦାନ୍ତ ହୋଇଥିଲେ ବି ତୁମ ସ୍ୱାମୀଙ୍କ ଶରମୁନରୁ ସେ କ'ଣ ରକ୍ଷା ପାଇ ପାରିବ ?

ତା'ହେଲେ ଆପଣ କି ପ୍ରକାର ବିପଦରେ ପଡ଼ିଲେ ମୋତେ ଖୋଲି କୁହନ୍ତୁ ସ୍ୱାମୀ । ମୋତେ ପାଖକୁ ଟାଣିନେଇ ସେ କହିଥିଲେ, କହିବି ସୀତେ କହିବି । ତୁମକୁ ନକହି ଆଉ କାହାକୁ କହିବି ସେ କଥା । ଆଜିର ଦୁର୍ଘଟଣାର କଥା ଶୁଣିଲେ ତୁମେ ନହସି ରହିପାରିବ ନାହିଁ ।

ଏପରି କି ଦୁର୍ଘଟଣା ହେଲା ଯେ ମୋତେ ହସିବାକୁ ପଡ଼ିବ ।

କହିବି ପ୍ରିୟେ କହିବି । ତୁମେ ଟିକିଏ ଧୈର୍ଯ୍ୟ ଧର । ଚାଲ ଆମେ ସେହି ପଥର ମୁଣ୍ଡିଆ ପାଖକୁ ଯିବା । ଆକାଶରେ ଜହ୍ନ ଉଇଁ ଆସିଲାଣି । ସେଠାରେ ବସି ଏ ଫୁଲସବୁକୁ ମାଳା ଗୁନ୍ଥି ମୁଁ ତୁମ କେଶରେ ସଜାଇଦେବି । ତୁମ ହସ୍ତ ପଦରେ ଖଞ୍ଜିଦେବି ଫୁଲର ଅଳଙ୍କାର । ସେ ପଥର ଉପରେ ମୁଁ ବସିବି । ମୋ କୋଳରେ ମଥାରଖି ତୁମେ ଶୟନ କରିବ । ମୁଁ ଅନୁଭବ କରିବି ଚନ୍ଦ୍ରରୁ ଝରୁଥିବା ମଧୁ ଆନନ୍ଦଦାୟକ ନା ମୋ ପ୍ରିୟା ମୁଖରୁ ଝରୁଥିବା ମଧୁ ଆନନ୍ଦ ବର୍ଦ୍ଧକ। ସେହିଠାରେ ତୁମକୁ ମୁଁ ଶୁଣାଇବି ଆଜିର ଘଟିଥିବା ଘଟଣା ଯାହା ତୁମ ହୃଦୟକୁ ବିଚଳିତ କରି ଦେଇପାରେ।

ପ୍ରଭୁ ପ୍ରଭୁ କହି ମୁଁ ଲୋଟି ପଡ଼ିଥିଲି ତାଙ୍କ ବକ୍ଷଦେଶରେ । ମୋତେ କୋଳକରି ଶୂନ୍ୟରେ ତୋଳି ସେ ନେଇ ଯାଇଥିଲେ ମୁକ୍ତାକାଶ ତଳେ ଥିବା ସେହି ପଥର ମୁଣ୍ଡିଆ ନିକଟକୁ । ସେହିଠାରେ ମୋତେ ବସାଇ ସେ କହିଥିଲେ ସୀତେ ! ଆଜି ମୁଁ ଯେଉଁ କାର୍ଯ୍ୟ କରିବି ତୁମେ ମୋତେ ସେଥିରେ ବାଧା ଦେବ ନାହିଁ । ଏହାକହି ସେ ଗୁଣୁଗୁଣୁ ଗୀତ ଗାଇ ଫୁଲସବୁକୁ ମାଳାର ରୂପ ଦେଲେ । ତାଙ୍କର ଏହି କାର୍ଯ୍ୟକୁ ଦେଖି ମୁଁ କହିଥିଲି ମୋ ଜୀବନ ଆଜି ଧନ୍ୟ ହୋଇଗଲା ସ୍ୱାମୀ । ଆଜି ପର୍ଯ୍ୟନ୍ତ ମୋ ପ୍ରଭୁଙ୍କ ସୁଲଳିତ କଣ୍ଠରୁ ପ୍ରେମାମୃତ ଝରା ସଂଗୀତ ମୁଁ କେବେ ଶୁଣିନଥିଲି । ଆଜି ଏ ଅମୀୟ ସଂଗୀତ ମୋତେ....

(କ୍ରମଶଃ)


♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪


# ଓଡ଼ିଆ ଭାଷା ଓ ସାହିତ୍ୟର ଗତି

### ଡକ୍ଟର ଲକ୍ଷ୍ମଣ ସାହୁ



ଓଡ଼ିଆ ଭାଷା ଏକ ଖ୍ରୀଷ୍ଟ- ପୂର୍ବ କାଳୀନ ପ୍ରାଚୀନ, ଉତ୍କୃଷ୍ଟ, ସ୍ୱତନ୍ତ୍ର ସମୃଦ୍ଧ ଶାସ୍ତ୍ରୀୟ ଭାଷା । ବହୁ ଘାତ ପ୍ରତିଘାତ ଗଡାଣି ଉଠାଣି ଦେଇ ସର୍ବଶେଷରେ ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି । ଏ ମାଟିର ସ୍ରଷ୍ଟାଗଣ ସାହିତ୍ୟ ସର୍ଜନା ମାଧ୍ୟମରେ ଓଡ଼ିଆ ଭାଷାକୁ ଉନ୍ନ ?ତ କରିଆସିଛନ୍ତି । ଯୁଗ ଯୁଗ ଧରି ସର୍ଜନାଶୀଳ ସ୍ରଷ୍ଟାଗଣ ଓଡ଼ିଆ ଭାଷାର ବିକାଶ ଘଟାଇବାକୁ ଯତ୍ନବାନ ହେବା ଏକ ଜାତୀୟ କର୍ତ୍ତବ୍ୟ ବୋଧ ବୋଲି ମନେ କରିଛନ୍ତି । ସତ୍ ସାହିତ୍ୟ ହିଁ ମାନବସମାଜର ବିବିଧ ସାମାଜିକ, ରାଜନୀତିକ, ଅର୍ଥନୀତିକ ସମସ୍ୟାର ସମାଧାନ କରିପାରେ ।

ମାନବିକତାର ବିକାଶ ଦିଗରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମଣିଷ ଓ ସମାଜର ଅନେକ ସମସ୍ୟାକୁ ସମାଧାନ କରିବାରେ ସାହିତ୍ୟର ସ-ହିତର ଭାବନା ଲୁଚି ରହିଛି । ତେଣୁ ସାହିତ୍ୟ ହେଉଛି ସତ୍ୟମ୍, ଶିବମ୍ ଓ ସୁନ୍ଦରମ୍ । ଦୁଃଖ-ସୁଖ ଓ ହସ -କାନ୍ଦ, ଯନ୍ତ୍ରଣା ଭୋଗୁଥିବା ବ୍ୟକ୍ତିଙ୍କ ସହିତ ଏକ ଭାବପ୍ରବଣ ଯୋଡ଼ି ସାହିତ୍ୟ ପାଠକଙ୍କୁ ସେହି ସମସ୍ୟା ପ୍ରତି ସମ୍ବେଦନଶୀଳ କରେ । ସାହିତ୍ୟ ସମାଜକୁ ସଠିକ୍ ମାର୍ଗଦର୍ଶନ ଦିଏ । ପ୍ରକୃତ ସାହିତ୍ୟିକ ସାମାଜିକ ବିଲକ୍ଷଣକୁ ଚିହ୍ନଟ କରି ସେମାନଙ୍କ ବିପକ୍ଷରେ ସାଧାରଣ ଲୋକଙ୍କୁ ସଚେତନ କରାଇଥାଏ । ସାହିତ୍ୟ ସମାଜ ଓ ବ୍ୟକ୍ତିକୁ ନୈତିକ ମାର୍ଗ ଦର୍ଶନ କରାଇବା ସହ ସମାଜରୁ କୁସଂସ୍କାର ଦୂରକରି ଏକ ସୁସ୍ଥସମାଜ ଗଠନରେ ସାହାଯ୍ୟ କରିବା ପାଇଁ ଆଗଭର ହୋଇ ଥାଏ । ଭାଷା ପ୍ରଜ୍ଞାର ଐଶ୍ୱର୍ଯ୍ୟମୟ ଆଭାସରେ ଯେତେବେଳେ ଉଦଭାସିତ ହୁଏ ସେତେବେଳେ ସାହିତ୍ୟର ସ୍ୱରୂପ ଗ୍ରହଣ କରିଥାଏ । ଏହି ଦୃଷ୍ଟିରୁ ଭାଷା ଓ ସାହିତ୍ୟ ଅଙ୍ଗାଙ୍ଗୀ ଭାବେ ଜଡିତ ।

ଅନେକଙ୍କ ଦୃଷ୍ଟିରେ ସାହିତ୍ୟ ଭାଷାକୁ ବଞ୍ଚାଇ ରଖେ । ବାସ୍ତବରେ ପୃଥ ?ବୀରେ ଏଭଳି ଅନେକ ଭାଷା ରହିଛି ଯାହାର କୌଣସି ଲିଖିତ ସାହିତ୍ୟ ନାହିଁ । କିନ୍ତୁ ସେହି ଭାଷାଗୁଡିକ ଶତାବ୍ଦୀ ଶତାବ୍ଦୀ ଧରି ଅଦ୍ୟାବଧି ବଞ୍ଚି ରହିଛି । ଏକଥା ସତ୍ୟ ସାହିତ୍ୟ ଭାଷାକୁ ଗୌରବମଣ୍ଡିତ କରେ, କିନ୍ତୁ ବଞ୍ଚାଇ ରଖି ପାରେ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ ସଂସ୍କୃତ ଓ ମୈଥିଳୀ ପ୍ରଭୃତି ଭାଷାରେ ଉଚ୍ଚକୋଟିର ସାହିତ୍ୟ ଥିଲେ ହେଁ ସେହି ସବୁ ଭାଷା ବିପୁଳ ସାହିତ୍ୟର ଅଧିକାରୀ ହୋଇ ମଧ୍ୟ ସେହିସବୁ ଭାଷା ସଂପ୍ରତି ମାତୃଭାଷା ଗୌରବରୁ ବଞ୍ଚିତ ଭାଷା ହେଉଛି । ଜ୍ଞାନ ବିଜ୍ଞାନର ବସ୍ତୁ ହେଉଛି କଳ୍ପନାର ଭାବ ବସ୍ତୁ । କହିବାକୁ ଗଲେ ଭାଷାକୁ ନେଇ ସାହିତ୍ୟ , କିନ୍ତୁ ସାହିତ୍ୟକୁ ନେଇ ଭାଷା ନୁହେଁ । ଅବଶ୍ୟ ଭାଷା ବିକାଶରେ ସାହିତ୍ୟ ପ୍ରତ୍ୟକ୍ଷ ଭାବରେ କୌଣସି ଭୂମିକା ନିର୍ବାହ କରିନଥିଲେ ମଧ୍ୟ ପରୋକ୍ଷ ବହୁ ସାହାଯ୍ୟ କରିଥାଏ ।

ଭାଷାର ଆତ୍ମପ୍ରକାଶ ହିଁ ସାହିତ୍ୟ । ଭାଷା ବିସ୍ଫୋରଣରେ ଭାଷା ସାହିତ୍ୟର ସୀମା ସରହଦ ପାର ହୋଇ ବହୁ ଦୂରକୁ ଓ ବହୁ ଦିଗକୁ ଚାଲି ଯାଇଛି । ବର୍ତ୍ତମାନ ଭାଷା ଏତେ ବଢ଼ିଯାଇଛି ଯେ, କୌଣସି ସାହିତ୍ୟ ତାକୁ ନିଜ ଭିତରେ ଧରିବାକୁ ସକ୍ଷମ ନୁହେଁ । ପୂର୍ବରୁ ଭାଷା ଥିଲା ସାହିତ୍ୟର ଗୋଟିଏ ଅଙ୍ଗ । କିନ୍ତୁ ଭାଷା ବିସ୍ଫୋରଣ ପରେ ସାହିତ୍ୟ ହୋଇଯାଇଛି ଭାଷାର ଗୋଟିଏ ଅଙ୍ଗ । ଭାଷାର ସମ୍ଭାର ସାହିତ୍ୟ ସମ୍ଭାର ଠାରୁ ଶତ ଗୁଣରେ ବ୍ୟାପକ, ବିସ୍ତୀର୍ଣ୍ଣ , ପ୍ରସାରିତ, ପ୍ରଚାରିତ ଓ ବୈଚିତ୍ର୍ୟପୂର୍ଣ୍ଣ ହୋଇଯାଇଛି । ସାହିତ୍ୟ ବ୍ୟତୀତ ଅନ୍ୟାନ୍ୟ ସୂତ୍ରରୁ ଶବ୍ଦ, କଳ୍ପ ବା କନସେପ୍ଟ, ବ୍ୟାକରଣ ଆସି ଓଡ଼ିଆ ଭାଷାକୁ ଅଣନିଶ୍ୱାସୀ କରି ପକାଉଛି । ସାହିତ୍ୟ ବାହାରେ ଏପରି ହଜାର ହଜାର ଶବ୍ଦ ବ୍ୟବହୃତ ହେଉଛି, ଯାହାର କୌଣସି ପତ୍ତା ନାହିଁ ସାହିତ୍ୟକୁ ଦେଖିଲେ ।

ଓଡ଼ିଆ ସାହିତ୍ୟର କ୍ରମବିକାଶରୁ ଜଣାଯାଏ ପଡ଼େ, ଭାଷା ବିକଶିତ ହେବା ଫଳରେ ସାହିତ୍ୟ ସମୃଦ୍ଧ ହୋଇଛି । ଅର୍ଥାତ୍, ପ୍ରାକ-ସାରଳା ଯୁଗୀୟ ସାହିତ୍ୟର ଭାଷା ଠାରୁ ସାରଳା ଯୁଗର ଭାଷା ତା' ଠାରୁ ଉନ୍ନତ । ସେପରି ପଞ୍ଚସଖା ଯୁଗ ସାହିତ୍ୟର ଭାଷା ସାରଳା ଯୁଗର ସାହିତ୍ୟର ଭାଷା ଅପେକ୍ଷ ଉନ୍ନ ?ତ ଓ କାବ୍ୟଯୁଗ ସାହିତ୍ୟର ଭାଷା ସର୍ବାପେକ୍ଷା ଉନ୍ନ ?ତ । କାବ୍ୟଯୁଗରେ ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗ ଆରମ୍ଭ ହେଲା । ସେହି ସମୟରେ ମୁଦ୍ରାଯନ୍ତ୍ର, ସମ୍ବାଦପତ୍ର, ପାଠ୍ୟପୁସ୍ତକ, ଅନୁବାଦ ଇତ୍ୟାଦିର ପ୍ରଣୟନ ଦ୍ୱାରା ଭାଷାର ପ୍ରସାରଣ ଓ ବ୍ୟବହାରରେ ଅଭୂତପୂର୍ବ ବିପ୍ଳବ ଆସିଛି । ଅନ୍ୟ ଭାଷାରେ କହିଲେ ସେହି ସମୟରେ ଓଡ଼ିଆ ଭାଷାର ବିସ୍ଫୋରଣ ଆରମ୍ଭ ହୋଇ ଭାଷା ଓ ସାହିତ୍ୟ ହୋଇଗଲା । ସେହି ସମୟରେ ଇଂରାଜୀ ଓ ବଙ୍ଗଳା ସାହିତ୍ୟକୁ ଅତିକ୍ରମ କରି ଭାଷା ବହୁତ ଆଗେଇ ଯାଇଛି ।

ବର୍ତ୍ତମାନ ଅଗଣିତ ସ୍ରଷ୍ଟା ବହୁବିଧ ସାହିତ୍ୟ ସୃଷ୍ଟି କରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରୁଛନ୍ତି । କିନ୍ତୁ ଅନେକ ସାହିତ୍ୟ କଳ୍ପନାଶ୍ରୟୀ, କଳ୍ପନା ପ୍ରସୂତ ସାହିତ୍ୟ ପାଠକର ଭାବନା ରାଜ୍ୟରେ ମାୟାର ଇନ୍ଦ୍ରଜାଲ ସୃଷ୍ଟି କରିଥାଏ, ଅଥଚ ଭାଷାର ବିକାଶ ଘଟାଇବାକୁ ଅସମର୍ଥ । ତଥ୍ୟ ଭିତ୍ତିକ ସାହିତ୍ୟ ଭାଷାର ବିକାଶ ଘଟାଇଥାଏ । ଜ୍ଞାନକୋଷ, ଭାଷାକୋଷ, ପ୍ରବନ୍ଧ, ଅଭିଧାନ, ପାଠ୍ୟପୁସ୍ତକ, ସମ୍ବାଦପତ୍ର, ପତ୍ରପତ୍ରିକା ପ୍ରଭୃତିରୁ କୌଶଳ ଓ ତ ?ଥ୍ୟ ଉପଲବ୍ଧ ହେଉଥିବାରୁ ପାଠକଗଣ ସାହିତ୍ୟ ଅପେକ୍ଷା ଏହିସବୁ ବହିରୁ ତଥ୍ୟ ଖୋଜୁଛନ୍ତି । ଓଡ଼ିଆ ଭାଷାର ଚିନ୍ତାମୂଳକ ମୌଳିକ ଗଦ୍ୟ ସାହିତ୍ୟର ଏକାନ୍ତ ଅଭାବ ରହିଛି । ଭାଷାର ଉନ୍ନତିରେ କାବ୍ୟ କବିତା ଅପେକ୍ଷା ତଥ୍ୟମୂଳକ ଲେଖାର ଉପାଦେୟତା ଯଥେଷ୍ଟ ରହିଛି । ଏବେ ସମ୍ବାଦପତ୍ର ଗୁଡ଼ିକ କଳ୍ପନାର ପ୍ରଚାର ନକରି ଉଦ୍ଭାବନ, ଆବିଷ୍କାର, ପ୍ରଯୁକ୍ତି ବିଦ୍ୟା, ବିଜ୍ଞାନ, ବାଣିଜ୍ୟ ପ୍ରଭୃତି ସମ୍ପର୍କୀୟ ଅନେକ ଅଜ୍ଞାତ ତଥ୍ୟ ପାଠକଙ୍କ ନିକଟରେ ପହଞ୍ଚାଉଛନ୍ତି । ଫଳରେ ଅନେକ ନୂତନ ଶବ୍ଦ ଓଡ଼ିଆ ଭାଷାରେ ପ୍ରବେଶ କରୁଛି ।

ଓଡ଼ିଶା ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ । ଭାରତରେ ପ୍ରାୟ ୨୦୦ ଭାଷା ମଧ୍ୟରେ ଓଡ଼ିଆ ଭାଷା ଶ୍ରେଷ୍ଠ ଏହା ସଂସ୍କୃତ ଭାଷାର ସମସାମୟିକ ଏକ ଆର୍ଯ୍ୟଭାଷା । ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର,ଓ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲିପିରୁ ପ୍ରମାଣିତ । ଓଡ଼ିଶୀ ସଙ୍ଗୀତର ଷୋଡ଼ଶୀ ଓ ଚଉତିଶା ଓଡ଼ିଆ ବର୍ଣ୍ଣମାଳା ସହ ଶବ୍ଦଗଠନ ଓ ସଙ୍ଗୀତ ରଚନା ଶୈଳୀରୁ ତା'ର ପ୍ରମାଣ ମିଳେ । ବୈଦେଶିକ ଗବେଷକ ସାର ଜନ ବିମସ, ଜର୍ଜ ଆବ୍ରାହିମ୍ ଗ୍ରୀୟରସନ୍ ଆଦିଙ୍କ ମତରେ ଓଡ଼ିଆ ଭାଷା ଭାରତୀୟ ଭାଷା ପରମ୍ପରା ଏକ ସ୍ୱୟଂ ସମୃଦ୍ଧ ଓ ସ୍ୱାଧୀନ ଭାଷା । (କ୍ରମଶଃ)


♥ ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
(ମୋ) ୯୦୪୦ ୧୫୧୪୭୫


## କବିତା...

### ।। ଦୃଶ୍ୟାନ୍ତର ।।



**● ସୁମିତା ବେହେରା**

ଦେଲି
ମୋର ହସର ଧାର
ଧୋଇଦେବାପାଇଁ ତମାମ୍ ଅନ୍ଧାର
ଦେଲି
ମୋ ଆଖିର ସ୍ୱପ୍ନଭରା ଚାହାଣୀ
ଲେଖିବା ପାଇଁ
ଯେତେ ଅକଳ୍ପିତ ମଧୁର କାହାଣୀ ।
ଯଦିଓ ମୁଁ ଭଲ ଭାବେ ଜାଣେ
ଶୂନ୍ୟ କୋଳରେ ମୁଣ୍ଡ ରଖି
ପୂର୍ଣ୍ଣ କଳସକୁ ଆୟୁଷ୍ମାନ କହି
ଚୁପ୍ ଚାପ୍ ନିରବତାରେ ମିଳେଇ ଯିବା
ଏତେ ସହଜ ନୁହେଁ ।

ଏଇ ଦୃଶ୍ୟଟିର ବାରମ୍ବାରତା
ସେତେବେଳ ଯାଏଁ ଥାଏ
ଯେତେବେଳେ ଟିକିଏ ଆତ୍ମୀୟତାର
ଚନ୍ଦନ ବୋଲିହୋଇ
ଛାତିରୁ ବାହାରୁଥିବା ଉଷ୍ମ ନିଃଶ୍ୱାସକୁ
ଦୂରକୁ ଫିଙ୍ଗି ଦେଇ ହୁଏ ।

ଏବେ ନେବ ତ ନିଅ
ବାକି ତକ ଦେହର କମ୍ପନ
ସର୍ତ୍ତ ଏୟା ଯେ
ଫିଙ୍ଗିବାକୁ ହେବ ଛଳ ପ୍ରୟାସ
ଏଇ ଯେଉଁ ଫୁଲସବୁ ଫୁଟୁଛନ୍ତି
ଭୟର ବ୍ୟାପ୍ତି ଠାରୁ ବାହାରି
ମହକୁଛନ୍ତି ଏକଲା କାନ୍ତାରରେ
କେବେ ଭାଙ୍ଗିବନି ତାଙ୍କ ସ୍ୱପ୍ନମୟ ଦୁନିଆଁ
ରକ୍ତରେ କେବେ ଲେଖା ହେବନି
ଆସନ୍ତାକାଲି ର ଖବର ।

ମୁଁ ଦେଖୁଛି
ତମ ସମ୍ବେଦନାରେ ଥାଏ ଅନେକ ଅସ୍ତ୍ର
ଗୋଟେ ନିର୍ବାକ ଜଙ୍ଗଲକୁ ଉଜାଡି
ଦେବାପାଇଁ
ତମ ଆଖିରେ ଥାଏ
ଅନେକ ଭୋକ
କାତର ପ୍ରାର୍ଥନାକୁ ଡୋକି ଦେବା ପାଇଁ
ଥରେ ଭାବିଛ,
ମୋର ଏଇ ଦେଇଦେବା ଭିତରେ
ତମେ କେତେଥର ନିଃସ୍ୱ ହୋଇଛ
ସବୁକିଛି ହରାଇ ।


♥ ବାରିପଦା,
ମୟୂରଭଞ୍ଜ


### ।। ଈଶ୍ୱରୀ ।।



**● ପ୍ରେମାନନ୍ଦ ଖଣ୍ଡୁଆଳ**

ଖବରହେଲା ବସିବା ଠାଆରୁ ଉଠିଆସୁ
ନାରଣ ମାହାନ୍ତି
ଖୋସଣିରେ ଥାଉ ନଥାଉ ଅଣାଏ ଦ୍ୱିଅଣା
ପୋଛୁ ନପୋଛୁ ତୁଣ୍ଡକୁ
ନିଗଡୁଥିବା ମୁଣ୍ଡ ଝାଳ,
ପିନ୍ଧି ଥାଉ ନଥାଉ ଧୋତି-ଜାମା
ଯେମିତି ଆସୁଚି ଆସୁ ।

ହଂସୁଆନଈରେ ଅକାତ କାତ ପାଣି,
ପ୍ରବଳ ସୁଅରେ
ଆଖିରେ ନିଆଁ ଜାଳୁଚି କିମ୍ବାରାଣୀ,
ଘାଟ ବାନ୍ଧିଦେଇ ଘାଟିଆ ପାର୍
କେମିତି ଯିବ ମାହାନ୍ତିପୁଅ ?
ଈଶ୍ୱରୀ ଈଶ୍ୱରୀ ଡାକିଲାବେଳକୁ
ଛେଳି ଚରେଇବା ଛାଡ଼ି
ଦୌଡ଼ି ଆସୁଚି ବୋକୀ ଝିଅ ।

କଣ୍ ଗୋଟେ ଘଟିଥିବ ବୋଲି
ମନ୍ଥି ହଉଚି ଛାତି-ପେଟ
ଝୁଅଘରେ ଲୀଳା ଲଗେଇଥିବ କି
ନଟ ସାଆନ୍ତରା
ସମୁଦୁଣୀ ଗୋଡ଼ ଘା' ବିଷିପି
ବାହରୁଥିଲେ ପୋକ
ପ୍ଲସ୍-ଟୁ ପରୀକ୍ଷା ଖରାପରୁ
ଏଡ଼େ ମୁହଁ କରି ବସିଥିଲା ନାତୁଣୀ
ସୁରତରୁ ଫେରିଥିଲା ଜୋଇଁ
ଛାଡୁନଥିଲା ଜର
ପିତା ଜେନା ଦେଇଥିଲା ତାବିଜ
ଦେଇଥିଲା କାଟପାଣି,
ଜଗାନ୍ନା କହୁଛି ଶନିସପ୍ତା ଭୋଗ ।

କଣ ଭାବିଲା କେଜାଣି ବୋକୀଝିଅ...
କହିଲା ଡାକିଲୁ ଯଦି ଈଶ୍ୱରୀ
ଚଢ଼ ଘାଟ, ନେ ମୋ ଛେଳି ଦଉଡ଼ି
ଫିଙ୍ଗ ସେକୂଳ ବୁଦାକୁ
ଦଉଡ଼ି ଟାଣ୍... ଦଉଡ଼ି ଟାଣ୍...,
ବୋକୀଝିଅକୁ ଅପଲକରେ ଚାହିଁ
କାଠ ହୋଇଯାଇଥିଲା
ଅବୁଝା ନାରଣ ।


♥ ବାର୍ହାପୁର, ରାଜନଗର, କେନ୍ଦ୍ରାପଡ଼ା
ମୋ. ୯୩୩୭୩୧୩୬୬୫


### ।। ମୁଁ ବୋଲି ସିନା ।।



**● ନୀଳମାଧବ କର**

'ମୁଁ ବୋଲି ସିନା
ରହିଛି, ସମାଳିଛି, ସହିଛି
ହେଲେ, ଆଉ କେହି ଏମିତି କରିବେନି
କେବେଠୁ ଛାଡ଼ି ଚାଲି ଯାଆନ୍ତେଣି
ସମସ୍ତେ ।'

ହେଲେ କେହି ଯାଆନ୍ତିନି ।
ସବୁ ସେମିତି ଘାଣ୍ଟି ଚକଟି
ହୁଅନ୍ତି ଜୀବନ ସାରା, ଗଡ଼ିଆରେ ।
ବିନାପଙ୍କରେ ଯେ ପଦ୍ମ ଫୁଟେନି କେଉଁଠି,
ଏ କଥା ସମସ୍ତେ ଜାଣନ୍ତି ।

ଯିଏ ଯାଆନ୍ତି, ପଦ୍ମ ଖୋଜି, ବିନା ପଙ୍କରେ
ସେ ଜାଣନ୍ତି, ମୁକ୍ତି ମିଳେ କି ମିଳେନା ।

ଛାଡ଼ି ଚାଲି ଯିବାକୁ,
ଆଉ ଗୋଟେ ଦୁନିଆ,
ସ୍ୱପ୍ନରେ ଥାଏ ସିନା,
ଏ ପୃଥିବୀରେ ତା ଠିକଣା ନଥାଏ ।


♥ ଓଲଭରହାମ୍ପଟନ, ୟୁକେ


### ।। ସନ୍ଦେଶଖାଲି ।।



**● ବୃନ୍ଦାବନ ଦାସ**

ଏକ ଚଟୁଳ ଜିହ୍ୱାର ଲାଳସା
ନିଆଁପରି ଚାଟି ସଫା କରୁଥାଏ
କେତେ ଶ୍ୟାମଳ ଇଚ୍ଛାର ଫସଲ ଯେଉଁଠି
ସେଠି ସନ୍ଦେଶଖାଲି ।

ସନ୍ଦେଶଖାଲି ଏମିତି ଏକ ଜାଗା ନୁହେଁ
ଯେଉଁଠି ପଡିହେବ ଇତିହାସର ପଦଚିହ୍ନ
ଲୁହସବୁ ନଈ ହୋଇ
ବନ୍ଧବାଡ ଭାଙ୍ଗିଲା ପରେ
ଅଖ୍ୟାତରୁ ଖ୍ୟାତ ହୋଇଯିବା ବୋଧେ
ସନ୍ଦେଶଖାଲିର ଭାଗ୍ୟ ।

ବାଘ ଆଁ' ହେଣ୍ଟାଳରେ
ନିଶ୍ଚିହ୍ନ ହେଉଥାଏ ନିରୀହ ଅନୂଢାର କୋହ
ଲୁଚଉଥାଏ ସିଏ
ତା'ର କୀଟ ଦଂଶିତ କ୍ଷତବିକ୍ଷତ ଦେହ
ଛଞ୍ଚାଣ ପଞ୍ଝାରେ ଗାଏବ ହେଉଥାଏ
କେତେ ଛ'ମାଣ ଆଣ୍ଠଗୁଣ୍ଠ ।

ସୁନ୍ଦରବନ ସମୁଦ୍ର ମୁହାଁଣି ଝଡରେ
ଲୋଟି ପଡୁଥାଏ
କଅଁଳ ସ୍ୱପ୍ନରେ ଛନଛନ
ବିଶ୍ୱାସର କେତେ କଢି ।

ଗୁଡି ଆକାଶ ଛୁଇଁବା ଆଗରୁ
ସୂତା ଛିଣ୍ଡି ମାଟିରେ ପଡିଲା ପରି
ଅହଙ୍କାର ବି ଧୂଳିରେ ଲୋଟେ
ହଠାତ୍ ଯେଉଁଦିନ
ବିସ୍ଫୋରିତ ହୁଏ କେବେ ପାଟି ଖୋଲିନଥିବା
ମୂକ ମଣିଷର କ୍ରୋଧ ।

କେତେଦିନ ସ୍ୱରକୁ ଚାପି ଦିଆଯିବ ?
ଗଣତନ୍ତ୍ରରେ
କେତେଦିନ ଜହ୍ଲାଦ ଭୟ ସଂଚରିବ ?
ଗଣତନ୍ତ୍ରରେ
କେତେଦିନ ସ୍ୱାଧୀନତାର
ଗଳା ଚିପା ଯାଇପାରିବ ?
ଗଣତନ୍ତ୍ରରେ
ଗଣ ମାତିଲେ
ଫୁଟି ବାହାରିପଡିବ ପ୍ରକୃତ ସତ
ଠିକ୍ ସନ୍ଦେଶଖାଲି ପରି
ଶାସକର ଗାଦି ହଲିବ ହିଁ ହଲିବ ।


♥ ଅଧ୍ୟାପକ:
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
(ମୋ) ୯୭୭୭୮୪୩୦୩୧


### ।। ପ୍ରେମ ।।

**● ରାମକୃଷ୍ଣ ସାହୁ**

ଥରେ ଯଦି ଭେଟ ହୋଇଗଲା
ନିଜ ସହିତ
ଆଉ ଅନ୍ୟ ବୋଲି କିଛି ନଥିବ !
ହିମାଳୟର ମୌନ ଆଲିଙ୍ଗନ
ଦେହ ସାରା ଛନ୍ଦି ହୋଇଥିବା
ପାହାଡୀ ନଈର ଗୀତ
ମାଟିର ଗାଢ ସବୁଜ ସୁଆଦ
ଭୋର୍ ସ୍ୱପ୍ନର କୁହୁଡି
ଲୁହଧୁଆ ଆଖିର ଆଲୁଅ
ସବୁ ତମେ ଓ ତମର ।
ସତରେ
ତୁମେ କେଡେ ସୁନ୍ଦର !


♥ ଡି.ଆଇ.ଇ.ଟି. ରୋଡ,
ଅଇଁଠାପାଲି, ସମ୍ବଲପୁର,
ଫୋନ:୯୪୩୭୦୧୪୨୦୧

# ସରକାରୀ ପୃଷ୍ଠପୋଷକତା ବିନା ଓଡିଆ ଭାଷା ସାହିତ୍ୟ ବଂଚିପାରିବ ନାହିଁ : ଅନୀଲ କୁମାର ପାଢୀ

**ଅନୀଲ କୁମାର ପାଢୀ,** ଓଡଆ ସାହିତ୍ୟ ଜଗତରେ ଗୋଟେ ସ୍ୱଷ୍ଟ ପଦଚିହ୍ନ । ପ୍ରଜ୍ଞା, ପ୍ରତିଭା ଓ ମାନବବାଦର ଅନବଦ୍ୟ ସ୍ରଷ୍ଟା ଭାବରେ ସେ ନିଜ ପାଇଁ ତିଆରି କରିସାରିଛନ୍ତି ଯେଉଁ ପରିଚୟର ବଳୟ, ତାହା ତାଙ୍କୁ ଚିହ୍ନିତ କରାଏ ଜଣେ ଅନନ୍ୟ ସୃଜନଶୀଳ ମଣିଷ ଭାବରେ । ସେ ଗୋଟେଇ ପାରନ୍ତି ମାର୍ମିକ ଅନୁଭୂତିକୁ, ସେ ଶବ୍ଦରେ ସଜାଡି ପାରନ୍ତି ଅନୁଭବର ଅନୁରାଗକୁ । ଜୀବନବୋଧ ସହ ବାସ୍ତବତାର ନିରୋଳା ଭାବୋଚ୍ଛ୍ୱାସରେ ତାଙ୍କ ଶବ୍ଦ ସବୁ ପାଲଟି ଯାଆନ୍ତି ସତ୍ୟକୁ ପରଖିବାର ଗୋଟେ ଗୋଟେ ସ୍ୱର୍ଦ୍ଧା । ତାଙ୍କ ସହ ଏଥରର ଆଳାପ...



**ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ**

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଆଦ୍ୟ ସ୍ଫୁରଣ ସବୁବେଳେ ନବ୍ୟନୂତନ ଓ ସୌନ୍ଦର୍ଯ୍ୟ ବିଭୂଷିତ ହୋଇଥିଲେ ବି ଏହା ଭିତରେ ଥାଏ ଅନେକ ଅକଥ୍ୟ ଯନ୍ତ୍ରଣା। ଏମିତି ମଞ୍ଜିଟିଏ ବିନା ଘାତପ୍ରତିଘାତରେ ଅଙ୍କୁରୋଦଗମିତ ହୁଏ ନାହିଁ। ସେହିପରି ସର୍ଜନଶୀଳତାର ଆଦ୍ୟ ଓଁକାର ମାଟିପାଣି ଓ ଆକାଶହୀନ ଏକ ଶୂନ୍ୟରେ ଧ୍ୱନି ସୃଷ୍ଟିକରେ। ମୋର ଆଦ୍ୟ ସ୍ଫୁରଣର ନିର୍ଦ୍ଦିଷ୍ଟ ତାରିଖଟି ମୋର ମନେନାହିଁ; ତେବେ, ମୋ ପରିବେଶ ଏତେବେଶୀ ଅନ୍ତରଂଗ ଓ ସପ୍ତରଂଗୀ ଥିଲା ଯେ ଅଜାଣତରେ କବିତାଟିଏ ଲେଖିହୋଇଯାଇଥିଲା ସମ୍ଭବତଃ। ପିଲାଦିନ ହୋଇଥିବ ଓ ମୁଁ ଜଣେ କିଶୋର ହୋଇଥିବି। ଗୋଟିଏ କବିତା ଆଉ ଗୋଟିଏ କବିତା ଖୋଜିଲା ଏବଂ ଏମିତି ଖୋଜାଖୋଜିରେ ମୁଁ ଲେଖକ ପାଲଟିଗଲି।

■ ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ମୁଁ ଯଦି କିଛି ପରିମାଣରେ ଲେଖକ ତେବେ ମୋ ଆଦ୍ୟ ପ୍ରେରଣାର ସ୍ରୋତ ତ୍ରିମୁଖୀ। ପ୍ରଥମେ ମୋର ଗାଁ, ତାପରେ ମୋର ମା' ଓ ତୃତୀୟପାଦରେ କୁଳଦେବତା ରଘୁନାଥ। ଗାଁ ମୋତେ ରୋମାଣ୍ଟିସିଜମ୍, ମା' ମୋତେ ଜୀବନର ସଂଘର୍ଷ ଓ ରଘୁନାଥ ମୋତେ ମିଷ୍ଟିସିଜମ୍ ଶିଖେଇଛନ୍ତି। କହିବାକୁ ଗଲେ ଆଜି ବି ମୁଁ ଏହି ତିନୋଟି ଧାରାକୁ ଛାଡିପାରିନି। ଲେଖକୀୟ ଜୀବନରେ ମୋର ଗୁରୁ କେବଳ ମୋ ମା'। ମୁଁ କାହାରି ପ୍ରଭାବରେ ପଡିନାହିଁ ବୋଲି କହେ ଓ ମାନେ। ଏକଥା ସାହିତ୍ୟ ଦର୍ଶନ ଦୃଷ୍ଟିରୁ ମିଥ୍ୟା ହୋଇପାରେ। ମା' ପରି ଉତ୍ସଟିଏ ଥାଉଥାଉ ଆଉ କାହିଁ କାହାକୁ ଖୋଜିବି! ହଁ, ଯଦି ମୋ ଲେଖାର ସାଦୃଶ୍ୟତା କାହା ସହ ଥାଏ ତା'ହେଲେ ତାହା ଏକ ସଂଯୋଗ ମାତ୍ର!

■ ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?

■■ ଲେଖକମାନେ କେବଳ ସମସ୍ୟା ଉପରେ ଗୁରୁତ୍ୱ ଦେବେ କାହିଁକି! ଯୁଗ ବଦଳିଛି, ଲେଖକୀୟ ଅବବୋଧରେ ଏବେ ସମସ୍ୟା ବଦଳରେ ରହିଚି ମୁହୂର୍ତ୍ତଟିଏର ଚେତନା। ଲେଖକ ଓକିଲ, ସମାଜ ସଂସ୍କାରକ, ଐତିହାସିକ କି ରାଜନୀତିକ ବ୍ୟକ୍ତି ନୁହେଁ। ସମସ୍ୟାମାନ ସାଧାରଣତଃ ପୁନଃପୌନିକ ହୋଇଥାଏ ଯାହା ସାହିତ୍ୟର ସ୍ୱାସ୍ଥ୍ୟ ପାଇଁ ଅନୁକୂଳ ନୁହେଁ। ଆପଣ ଜାଣନ୍ତି ଯେ ମଣିଷର ଶରୀର ପ୍ରକାରନ୍ତରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ପ୍ରତିଫଳନ। ଶରୀର ଭିତରେ ଉଲ୍କାପାତ ହୁଏ, ଗ୍ରହଣ ଓ ପରାଗ ହୁଏ, ତାରାମାନେ ବ୍ଲାକହୋଲ୍ କି ସୁପରନୋଭାରେ ରୂପାନ୍ତରିତ ହୁଅନ୍ତି। ଏସବୁ ସମସ୍ୟା ଓ ରୂପାନ୍ତର ଯେହେତୁ ସ୍ଥୂଳ ଓ ସାର୍ବଜନୀନ ନୁହେଁ, ଏଇମାନଂକ ସ୍କେଚ୍ ତିଆରିକରିବା ମୋ ମତରେ ଲେଖକମାନଙ୍କର ଧ୍ୟେୟ ହେବା ଉଚିତ୍। କ୍ଷୁଧା ଓ ବ୍ୟାଧି ବ୍ୟତିରେକ ମୋତେ ସ୍ଥୂଳ ଜଗତରେ ଅନ୍ୟକିଛି ସମସ୍ୟା ପରି ଲାଗେନାହିଁ।

■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ । ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?

■■ ଏ ସମୟରେ ଅଧିକ ଗଳ୍ପ ଲେଖାଯାଉଛି, ଏହା ନିଃସନ୍ଦେହରେ କୁହାଯାଇପାରେ। ଲେଖକ ବଢିଲେ ସର୍ଜନା ବଢିଲା। ଏକଥା ବି ସତ୍ୟ ଯେ ଗଳ୍ପମାନ ଉଚ୍ଚକୋଟୀର। କଥା ହେଉଛି ଯଦି ଏସବୁ ସତ୍ୟ ତେବେ, ପାଠକ କାହାଁନ୍ତି! ଆଜିକାର ସମୟରେ ପ୍ରତ୍ୟେକ ପାଠକ ଓ ଲେଖକ ଥ୍ରୀ ଡି ଚଷମା ପିନ୍ଧିଛନ୍ତି। ଏମାନେ ଥ୍ରୀନ୍ ଡାଇମେନସନ୍‌ରେ ନଥିବା ବେଳେ ଚତୁର୍ଥ ଆୟାମ୍‌ର କଥା କହିବାକୁ ତତ୍ପର। ସମସ୍ତେ ଲେଖକ ହେବେ ଏବଂ ଯେଉଁକଥା ଏମାନଙ୍କ ଅକ୍ତିଆରରେ ନାହିଁ ସେ ବିଷୟରେ କହିବେ। ଓଡିଶାରେ ଏକକୁ ପଢିବାର ଜଳବାୟୁ କେବେବି ନଥିଲା। ଟଂକାଦେଇ ବହି ଛାପିବା, ସଭାସମିତିକୁ ଯିବା, ପୁରସ୍କାର ପାଇବାରୁ ଫୁରୁସତ୍ କାହିଁ। ମୋ ମତରେ ସାହିତ୍ୟ ସଭାମାନଂକ ସଂଖ୍ୟା ଅଧାରୁ ଅଧିକ କମେଇଦେବା ଉଚିତ୍ ଏବଂ ଟଂକାଦେଇ ମନଇଚ୍ଛା ବହି ଛାପୁଥିବା ଲେଖକମାନଙ୍କୁ ପ୍ରକାଶକ ଗୁଣବତ୍ତା ଦୃଷ୍ଟିରୁ ଗ୍ରହଣକରିବା ଉଚିତ୍। ସେହିପରି ସଂପାଦକମାନେ ମଧ ଲେଖା ଚୟନରେ କଠୋର ହେବା ଦରକାର।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବକି ?

■■ ମାତୃଭାଷା ସଂକଟରେ ବୋଲି ଜଣା ତ ପଡୁଛି। କାରଣ ଆମେ ବିଶ୍ୱଭାଷା ନୁହଁନ୍ତି। ଆମ ଭାଷାରେ ଅନ୍ତର୍ଜାତିକ ବ୍ୟବସାୟ, ଶିକ୍ଷା, ଯୋଗାଯୋଗ ଇତ୍ୟାଦି ଚାଲିପାରିବ ନାହିଁ। ଏଣୁ, ଓଡିଆ ଭାଷାର ସୁରକ୍ଷା ପାଇଁ ଓଡିଶାର ସାଢେ ଚାରିକୋଟି ଲୋକେ ଯତ୍ନବାନ ହେବା ଉଚିତ୍। ପୃଥିବୀରୁ ଅନେକ ଭାଷା ଲୋପ ପାଇଗଲାଣି। ଓଡିଆ ଭାଷା ମଧ୍ୟ ଲୋପପାଇବାର ଧାଡିରେ ଠିଆହୋଇଛି। ତେବେ, ଗୋଟିଏ ମାତୃଭାଷା ଏତେ ଶୀଘ୍ର ଲୋପ ପାଇନପାରେ। ଏଥିପାଇଁ ଓଡିଆ କହିବା ଓ ଓଡିଆ ପଢିବାର ଆବଶ୍ୟକତା ଅଛି। ତୃତୀୟଟି ହେଲା ଓଡିଆ ଲେଖିବା ଏବଂ ଏଥିରେ ମୁଁ ସାହିତ୍ୟିକମାନଙ୍କୁ ସାମିଲ କରୁଛି। ମୋତେ ଲାଗୁଛି ଓଡିଆ ଭାଷାର ବିକାଶରେ ଆଉ ସାହିତ୍ୟିକମାନଙ୍କର ଭୂମିକା ନାହିଁ। ଓଡିଆ ବହିକୁ ଆଜିକାର ଛାତ୍ରଛାତ୍ରୀମାନେ ପଢିବା ମୁଁ ଆଦୌ ଦେଖିନି। ଓଡିଆ ଭାଷାକୁ ବଂଚେଇବା ପାଇଁ ଆମର ଦୃଷ୍ଟି ସାହିତ୍ୟ ଉପରୁ ହଟିଯାଇ ଅନ୍ୟସବୁ ବିକଳ୍ପ ଉପରେ କେନ୍ଦ୍ରିତ ହେବା ଆବଶ୍ୟକ।

■ ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?

■■ ଜମା ନୁହେଁ। ଏବେକାର ସାହିତ୍ୟ ମଣିଷ ଭିତରେ କେବଳ ଜାନ୍ତବତା ସୃଷ୍ଟି କରିପାରେ। ବୀଭତ୍ସତା ହିଁ ବିଶ୍ୱ ସାହିତ୍ୟର ପୁଂଜି। ଆମର ସମସ୍ୟାଗୁଡିକ ପ୍ରକୃତରେ କଣ! ସାମାଜିକ, ଅର୍ଥନୀତିକ, ରାଜନୀତିକ, ଧାର୍ମିକ ତ! ଏଇଥିପାଇଁ ତ ଯୁଦ୍ଧ। ଯୁଦ୍ଧ ଆମ ସମୟର ଏକଇ ସମସ୍ୟା କାରଣ ଏହି ଯୁଦ୍ଧ କାରଣରୁ ପୃଥିବୀ ଅତିକମ୍‌ରେ ଏକୋଇଶ ଥର ନଷ୍ଟ ହୋଇପାରେ। ସାହିତ୍ୟ ଯୁଦ୍ଧକୁ ରୋକାଯାଇପାରିବ ? ସାହିତ୍ୟିକମାନେ ଭାରତୀୟ ପୁଲିସ ପରି। ଏମାନେ ଘଟଣା ଘଟିବାର ବହୁ ପଛରେ ପହଁଚନ୍ତି। ତେଣିକି କୁରୁକ୍ଷେତ୍ର ଯୁଦ୍ଧର ମୃତ ସୈନିକ, ସେମାନଙ୍କ ବିଧବା ପତ୍ନୀମାନଂକ ରୋଦନ ଓ ଭୀଷ୍ମ ଶରଶଯ୍ୟା ଏମାନଙ୍କ ଦୃଷ୍ଟିଗୋଚର ହୁଏ। ଏଲିଜି ଲେଖାଯାଏ। ସମସ୍ୟା ଦୂରକରିବାରେ ସାହିତ୍ୟିକ କେତେ ସହାୟ ମୁଁ ଜାଣେନା, ହେଲେ ସମସ୍ୟା ତିଆରି କରିବାରେ ସାହିତ୍ୟିକମାନେ ସିଦ୍ଧହସ୍ତ।

■ ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡିଆ ସାହିତ୍ୟ ତ ଆଗାମୀ ପଚାଶବର୍ଷ ଯାଏ ରହିବାର ସମ୍ଭାବନା ଅଛି। ହେଲେ, ଏଥିପାଇଁ ଏକ ନୀତିଗତ ଖସଡା ତିଆରି କରିବାକୁ ହେବ, ଉଭୟ ସରକାରୀ ଓ ବେସରକାରୀ ସ୍ତରରେ। ସରକାରୀ ପୃଷ୍ଠପୋଷକତା ବିନା ଓଡିଆ ଭାଷା ସାହିତ୍ୟ ବଂଚିପାରିବ ନାହିଁ। ବେସରକାରୀ ସ୍ତରରେ ସଂଗଠକ, ସଂପାଦକ ଓ ପ୍ରକାଶକମାନଙ୍କୁ ନିଜ ଦୃଷ୍ଟିର ସୀମିତତା ବାହାରକୁ ଯାଇ ବଣମଲ୍ଲୀମାନଂକୁ ଖୋଜି ଆଣିବାକୁ ହେବ ଏବଂ ଆଚରଣରେ ନିରପେକ୍ଷ ହେବାକୁ ପଡିବ। ସବୁ ଅଂଚଳକୁ ସମାନ ଗୁରୁତ୍ୱ ଦେବାକୁ ହେବ। ଏପରି ହେଲେ, ଭାଷା ୨୦୬୦ ମସିହା ପର୍ଯ୍ୟନ୍ତ ଗତି କରିପାରେ, ନହେଲେ, ୨୦୩୫କୁ ଓଡିଆ ଭାଷା ଓ ସାହିତ୍ୟର ଅନ୍ତିମ ବର୍ଷ ବୋଲି ନିଃସନ୍ଦେହରେ ଗ୍ରହଣ କରାଯାଇପାରେ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାର ପ୍ରୋତ୍ସାହିତ କରେ। ଏହା ଜରୁରୀ ବି। ହେଲେ, ଏବର ସାହିତ୍ୟ ପୁରସ୍କାରମାନ ସାହିତ୍ୟିକମାନଙ୍କୁ ଲାଂଛିତ ଓ ଉପହସିତ କରାଉଛି। ମୋ ମତରେ କେହିବି ଜଣେ ଯୋଗ୍ୟ ବ୍ୟକ୍ତି ପୁରସ୍କାର ପାଉନାହାଁନ୍ତି। ଦୈବାତ ଯଦି କେହି ଯୋଗ୍ୟ ବ୍ୟକ୍ତି ପୁରସ୍କାର ପାଇଗଲା ତ ସେ ଘରକୋଣରେ ଲୁଚିକି ବସୁଛି କାଳେ ଲୋକେ କହିବେ ତୋଷାମଦିଆ, ଅଯୋଗ୍ୟ, ଲାଂଚପ୍ରଦାନକାରୀ ଇତ୍ୟାଦି। ମୋର ପୁରସ୍କାରରେ ବିଶ୍ୱାସ ନାହିଁ ଓ ଏହା ମୋତେ ଉଲ୍ଲସିତ କରିବାର କିଛି କାରଣ ନାହିଁ। ଓଡିଆ ସାହିତ୍ୟ ତରଫରୁ ମାତ୍ର ଗୋଟିଏ ବାର୍ତ୍ତା ଓଡିଆଲୋକମାନଂକ ପାଖକୁ ଯିବା ଉଚିତ୍ ଓ ତାହା ହେଲା, ଓଡିଆ ଭାଷାକୁ ବଂଚେଇରଖିବା। ♥

---

■ **ଅକ୍ଷରେ ଅନୀଲ କୁମାର ପାଢୀ**



ପ୍ରାଧ୍ୟାପକ, ଇଂରାଜୀ ବିଭାଗ
କୁଞ୍ଜବିହାରୀ ମହାବିଦ୍ୟାଳୟ
ବାରଙ୍ଗ, ଖୋର୍ଦ୍ଧା - ୭୫୧୦୨୪
ପିତା : ସ୍ୱର୍ଗତଃ ନୀରଞ୍ଜନ ପାଢୀ
ମାତା: ସ୍ୱର୍ଗତାଃ ଦ୍ରୌପଦୀ ପାଢୀ
ଜନ୍ମ ତିଥି : ୦୯ - ୦୪ - ୧୯୬୯
ଜନ୍ମସ୍ଥାନ : ଜଡିଦା ଗ୍ରାମ, ସୋର, ବାଲେଶ୍ୱର
ବର୍ତ୍ତମାନ ଓ ସ୍ଥାୟୀ ଠିକଣା :
ସାରାଂଶ, ପ୍ଲଟ୍ ନମ୍ବର : ୧୭୯/୨୧୨୯, ଲେନ୍ :- ୭,
କଲ୍ୟାଣୀ ନଗର, ପାତ୍ରପଡା, ଭୁବନେଶ୍ୱର -୧୯

■ **ପ୍ରକାଶିତ ପୁସ୍ତକ** ■ :

**ଗଳ୍ପ ସଂକଳନ**

୧. ଏକ ବିସ୍ଫୋରଣର ଅପେକ୍ଷାରେ
୨. ସୋପାନ ସୋପାନ ମୁକ୍ତି
୩. ଆର୍ଦ୍ରା ନକ୍ଷତ୍ରର ବର୍ଷା
୪. ଛାଇପରି କିଛି
୫. ସନ୍ଧିକ୍ଷଣ
୬. ହାଟ
୭. ନୀଡ ନିର୍ଜନ
୮. ଶେଷ ରାତିର ଶୋଷ
୯. ନୂଆ ସ୍ୱପ୍ନର ସ୍କେଚ୍
୧୦. ଘା' ଓ ମେଫିଷ୍ଟୋଫିଲିସ୍
୧୧. ବିସ୍ଥାପିତ ଈଶ୍ୱର
୧୨. ଗ୍ରୀନ ରୁମ୍
୧୩. ଷ୍ଟାପଲର୍
୧୪. ବିମ୍ବ ପ୍ରତିବିମ୍ବ
୧୫. ଗ୍ରୀନ୍ ରୁମ୍
୧୬. ଅରଣ୍ୟ ଅଜଗର
୧୭. ଶ୍ରେଷ୍ଠ ଗଳ୍ପ
୧୮. ଅଣୁଗଳ୍ପ ୧୨୧
୧୯. ନିର୍ବାଚିତ ଗଳ୍ପ
୨୦. ବୋଲେ ହୁଁ ଟି
୨୧. ୧/୧୨ ଏବଂ ଅନ୍ୟାନ୍ୟ ଗଳ୍ପ
୨୨. ଆଲପିନ୍
୨୩. ମିଛ ଗପର ସତ ପାଖ
୨୪. ଅନୀଲ ପାଢୀଙ୍କ ପ୍ରେମଗଳ୍ପ

**ଉପନ୍ୟାସ :**

୧. ମେଘରାତି
୨. ସାରା ରାସ୍ତା
୩. ଓ' ଏକାକୀ
୪. ମଧ୍ୟପଦ
୫. ଅନ୍ଧାର ସେତିକି
୬. କେତେଦୂରେ ଜୀବନ
୭. କାୟାଲୋକର ତନ୍ଦ୍ରା
୮. ଆଦିମୂଳ

**ସମାଲୋଚନା ଓ ପ୍ରବନ୍ଧ :**

୧. ଅଳ୍ପ ଆଳାପ
୨. କିଞ୍ଚିତ ଅନାବରଣ

**କବିତା :**

୧. ଅବୁଦ୍ଧ



ପତ୍ନୀ, ପୁତ୍ର ଓ କନ୍ୟାଙ୍କ ସହ କଥାକାର ଅନୀଲ କୁମାର ପାଢୀ ।

---

# ବିପର୍ଯ୍ୟସ୍ତ ଗ୍ରାମ୍ୟ ଜୀବନ

## ଡକ୍ଟର ମନୋରଞ୍ଜନ ବିଷୋୟୀ

ଭୂଗର୍ଭରୁ ମାତୃଗର୍ଭକୁ ଏବଂ ମାତୃଗର୍ଭରୁ ଭୂଗର୍ଭକୁ ଯାତ୍ରା କରିବା ଭିତରେ ଜୀବନଟିଏ ଗଢ଼ିଉଠେ । ଭାରତୀୟ ଦର୍ଶନରେ ମଣିଷ ବଦଳେ କିନ୍ତୁ ମାଟି ବଦଳେ ନାହିଁ । ଏପରିକି ମାଟିରୁ ଜନ୍ମଲାଭ କରୁଥିବା ସାଂସ୍କୃତିକ ବାର୍ତ୍ତା ପରିବର୍ତ୍ତିତ ହୁଏ ନାହିଁ । ଚିହ୍ନାମାଟିର ସନ୍ତାନ ବାହ୍ୟ ଔଜ୍ଜଲ୍ୟରେ ଅନ୍ଧ ହୋଇ କ୍ରମେ ଅଚିହ୍ନା ମନେ ହୁଅନ୍ତି । ଏହାହିଁ ହୋଇଛି ସାଂପ୍ରତିକ କାଳର ଏକ ନିଖୁଣ ସତ୍ୟ । ଏକଦା ସାମୂହିକ ସୂତ୍ରରେ ଆବଦ୍ଧ ମଣିଷ ପାଇଁ ସୁଖ ଦୁଃଖ ଉଭୟ ଥିଲା ସାମୂହିକ । ଆଜି କିନ୍ତୁ ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟ ପଛରେ ପାଗଳ ମଣିଷ ଆପଣାର ସ୍ୱାର୍ଥର ପରିଧି ଭିତରେ ସଂପୂର୍ଣ୍ଣ ରୂପେ ବନ୍ଦୀ । ଉତ୍ସବ ମୁଖର ପରିବେଶ ନାହିଁ; ନାହିଁ ମଧ୍ୟ ସରଳ ମାନବର ନିରଳସ ଇସ୍ତାହାର । କେଉଁଠି ନିଜ ପିଲାଙ୍କୁ ଗାଁ ସ୍କୁଲରେ ପାଠ ନ ପଢ଼ାଇ ସହରରେ ପାଠ ପଢ଼ାଇବାର ମୋହ ପାରିବାରିକ ସଂପର୍କରେ ଠିଆ କରାଇଛି ପାଚେରୀ ତ ଆଉ କେଉଁଠି ଭାଇ ଭାଇ ଭିତରେ ଭାଗ ବଣ୍ଟାକୁ ନେଇ ଚୂଡ଼ାନ୍ତ ଫଇସଲା ପାଇଁ ଭଦ୍ରଲୋକଙ୍କୁ ଡକା ଯାଇଛି । ଲାଗୁଛି ସ୍ୱାର୍ଥ ସର୍ବସ୍ୱ ଏ ଦୁନିଆରେ ଆଜି ସଭିଏଁ ଆପଣାର ସ୍ୱପ୍ନରେ ବିଭୋର । ଗାଁ ମନ୍ଦିର ପରିସର ଆଜି ତରୁଣ ଗୋଷ୍ଠୀର ଗଞ୍ଜେଇ ଆଖଡ଼ାରେ ପରିଣତ ହେବା ଠାରୁ ଆରମ୍ଭ କରି; ରାଜନୀତି ଆଜି ଉଦ୍‌ଭ୍ରାନ୍ତ ଯୁବଗୋଷ୍ଠୀର ସ୍ୱପ୍ନର ସମ୍ଭାର ପାଲଟିଛି । ଫଳରେ ଗାଁ ମଧ୍ୟ ଦି' ଭାଗ ହେବାରେ ଲାଗିଛି । ଏକ ମନ ହୋଇ ଚଳୁଥିବା ଗାଁ ଲୋକ ଆଜି ରକ୍ତମୁଖା ଦିଶୁଛନ୍ତି । ଆଜି ଗାଁରେ ବାପା-ମାଆ, କକା-ଖୁଡ଼ି, ମଉସା-ମାଉସୀ, ପିଉସା-ପିଉସି, ଭାଇନା-ଭାଉଜ, ମାମୁ-ମାଇଁ, ସଙ୍ଗାତ, ମଇତ୍ର ଭଳି ଆତ୍ମୀୟତାର ଉଚ୍ଚାରଣ ଭିତରେ ପରସ୍ପର ଡକାଡକି ହେଉଥିବା ସଂପର୍କ ସବୁ ଶିଥିଳ ହୋଇ ପଡ଼ିଛି । ଏପରିକି ଅନେକ ଘଟଣାରେ ଗାଁ ମାମଲତକାରମାନଙ୍କର ଅଦ୍ଭୁତ ନ୍ୟାୟନିଶାପ ଗ୍ରାମ୍ୟ ଜୀବନକୁ ବିପର୍ଯ୍ୟସ୍ତ କରି ଦେଇଛି । ଏହାସହ ଗାଁରେ ସରକାରଙ୍କ ଦ୍ୱାରା ପ୍ରଚଳିତ ସବୁ ବ୍ୟବସ୍ଥା କିପରି ଉପହସିତ ତାହା କଣ୍ଟ୍ରୋଲ ଦୋକାନର ଚିତ୍ର ଭିତରୁ ସ୍ୱଷ୍ଟ ହୋଇପଡୁଛି । ଗାଁର ଶିକ୍ଷିତ ଗୋଷ୍ଠୀ କୌଳିକ ବୃତ୍ତି ବିମୁଖ ହୋଇ ସହର ଅଭିମୁଖେ ଅନ୍ଧଭାବରେ ଯାତ୍ରା; ଗାଁ ପ୍ରତି ଥିବା ସୂକ୍ଷ୍ମ ସଂପର୍କର ଡୋରୀକୁ ଶିଥିଳ କରିଦେଇଛି । ଏପରିକି ସହରର ଚାକଚକ୍ୟ ଅନେକ ପରିବାରରେ ଆଣିଛି ଦାରୁଣ ବିଡ଼ମ୍ବନା । କାରଣ ବାପାମାଆ ଯେଉଁ ପୁଅର ପାଠପଢ଼ାରେ ସମଗ୍ର ଜୀବନକୁ ସମର୍ପି ଦେଇଛନ୍ତି; ସେହି ପୁଅ ଏକ ଧନୀ ଦୁଲାଳୀକୁ ବାହା ହେବା ପରେ ଭୁଲିଯାଉଛି ଆପଣାର ଅତୀତ ଓ ବାପାମାଆଙ୍କୁ । ବସ୍ତୁତଃ ଏହାହିଁ ହେଉଛି ଆଜି ପ୍ରତି ଗାଁର ନିଛକ ପ୍ରତିରୂପ । ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ସୁଦୂର ପରାହତ ।

**ଆପଣା ମାଟି, ପାଣି, ପବନ ଓ ଆକାଶ ଯେଉଁ ନିବିଡ଼ ଆଲିଙ୍ଗନରେ ମଣିଷକୁ ବଞ୍ଚିବାର ମନ୍ତ୍ର ଶିଖାଇଥାଏ; ସେଥିରୁ ମୁକ୍ତ ହେବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ ।**


ପରିଶେଷରେ କେବଳ ଏତିକି କହିବି- ଆଜି ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଯେତେ ଆତ୍ମମଗ୍ନ ହେଉନା କାହିଁକି; ଯେଉଁ ମୁହୂର୍ତ୍ତକ ପାଇଁ ସେ ସଂପର୍କର ପୃଥିବୀ କଥା ଚିନ୍ତା କରେ; ସେତିକିବେଳେ ସେ ବିଷଣ୍ଣ ହେବା ସ୍ୱାଭାବିକ । ପ୍ରଗତିର ଶେଷ ବିନ୍ଦୁରେ ଜଗତୀକରଣର ଗୀତ ଗାଉଥିବା ଏ ମଣିଷ ପରମ୍ପରାଠାରୁ ବିଚ୍ଛିନ୍ନ ହେବା ସମ୍ଭବ ନୁହେଁ । ଆପଣା ମାଟି, ପାଣି, ପବନ ଓ ଆକାଶ ଯେଉଁ ନିବିଡ଼ ଆଲିଙ୍ଗନରେ ମଣିଷକୁ ବଞ୍ଚିବାର ମନ୍ତ୍ର ଶିଖାଇଥାଏ; ସେଥିରୁ ମୁକ୍ତ ହେବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ସବୁ ମଣିଷ ପାଇଁ ମାଟି ହିଁ ହେଉଛି ମା'ର ରୂପାନ୍ତର । ଖୁବ୍ ନିବିଡ଼ ଓ ଆତ୍ମୀୟ । କିନ୍ତୁ ଏ ମାଟିରେ ଚଳପ୍ରଚଳ କରୁଥିବା ମଣିଷ ଗୁଡ଼ିକ ଭାବରେ ଓ ରକ୍ତରେ ଆତ୍ମୀୟ ହେବା ସତ୍ତ୍ୱେ; ଭୋଗ ସର୍ବସ୍ୱ ମନୋବୃତ୍ତି ନେଇ ଅଚିହ୍ନା ପାଲଟି ଯାଇଛନ୍ତି । ଏହାହିଁ ହେଉଛି ଚଳନ୍ତି ସମୟର ଦୁଃଖ ।



♥ ଦାମୋଦରପୁର, ଗଂଜାମ
(ମୋ) ୮୮୯୫୧୪୧୭୨୭

## ପ୍ରିୟ ପାଠକ-୬

# ଏହି ପ୍ରଶଂସା ମୋ ଗାଳ୍ପିକ ଜୀବନର ଶ୍ରେଷ୍ଠ ପୁରସ୍କାର



**ତରୁଣ କୁମାର ସାହୁ**

ମୁଁ ପଚାରିଲି ମାଡାମ୍ ଆପଣ କିଏ କହୁଛନ୍ତି ? ମାଡାମ କହିଲେ ମୁଁ ଶାନ୍ତନୁ ଆଚାର୍ଯ୍ୟଙ୍କ ସ୍ତ୍ରୀ କହୁଛି। ମୁଁ ଆନନ୍ଦ ଆତିଶଯ୍ୟରେ ବିହ୍ୱଳିତ ହୋଇଗଲି । ଆଶାତୀତ ଥିଲା ଏ ମତ । ଶ୍ରୀମତୀ ନିରୂପମା ଆଚାର୍ଯ୍ୟଙ୍କଠାରୁ ଏଭଳି ଏକ ସୁସମ୍ବାଦ ସକାଳୁ ସକାଳୁ ପାଇବି ବୋଲି କେବେ ଆଶା କରିନଥିଲି । ତାଙ୍କର ଏହି ପ୍ରଶଂସା ମୋ ଗାଳ୍ପିକ ଜୀବନର ଶ୍ରେଷ୍ଠ ପୁରସ୍କାର।

ଅଳ୍ପ କିଛି ଲେଖା ଲେଖିବା ପରେ ଏବଂ ଗୋଟିଏ ଦୁଇଟି ପୁସ୍ତକ ପ୍ରକାଶିତ ହେବା ପରେ ଲେଖକଟି ବ୍ୟସ୍ତ ହୋଇଯାଏ କେମିତି ଗୋଟିଏ ପୁରସ୍କାର ମିଳନ୍ତା ତାକୁ କୌଣସି ଏକ ସାହିତ୍ୟ ସଂଗଠନ ତରଫରୁ। ଏଭଳି ମାନସିକତା ପରିଲକ୍ଷିତ ହେଉଛି ଅନେକ ସାହିତ୍ୟିକଙ୍କ ନିକଟରେ। ଗପ, କବିତା ଓ ଉପନ୍ୟାସ ଲେଖିବା ପରେ ଯେଉଁ ଆନନ୍ଦ ପ୍ରାପ୍ତ ହୁଏ, ଲେଖା ପଢ଼ିବା ପରେ ପାଠକଟିଏ ଶ୍ରଦ୍ଧା ନିବେଦନ କଲେ ତାହା ଦ୍ୱିଗୁଣିତ ହୋଇଥାଏ । ପୁରସ୍କାର ପଛରେ ଗୋଡ଼ାଇଲେ ସର୍ଜନଶୀଳ ମଣିଷଟି ବାଟ ଭୁଲେ, ବିପଥଗାମୀ ହୁଏ । ଠିକ୍ ଓଲଟା ହୁଏ ଯେତେବେଳେ କେହି ଜଣେ ବିଦଗ୍ଧ ପାଠକ ଶ୍ରଦ୍ଧାଶୀଳ ହୋଇ ମତବ୍ୟକ୍ତ କରେ । ପାଠକୀୟ ଶ୍ରଦ୍ଧା ହିଁ ତ ଲେଖକ ପାଇଁ ଶ୍ରେଷ୍ଠ ପୁରସ୍କାର ।

ମୁଁ କଥାକାର । ମୁଖ୍ୟତଃ ଗଳ୍ପ ଲେଖେ । ତିନି ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ଗପ ଲେଖାରେ ନିମଜ୍ଜିତ । ବେଳେବେଳେ ପାଠକୀୟ ଶ୍ରଦ୍ଧା ଲାଭ କରିବାର ସୌଭାଗ୍ୟ ଯୁଟିଛି। ଥରେ ମୋର 'ଅବ୍ୟକ୍ତ' ଗପ ପଢ଼ି ଜଣେ ମହିଳା (ବିଶିଷ୍ଟ ସାହିତ୍ୟିକ) ମୋତେ ଚିଠିଟିଏ ଲେଖିଥିଲେ ଯାହାର ଅର୍ଥ ଏହିଭଳି- ମୋ ଜୀବନରେ ଘଟିଥିବା ଘଟଣାକୁ ଆପଣ ଏତେ ନିଖୁଣ ଓ ଚମତ୍କାର ଢଙ୍ଗରେ ପ୍ରକାଶ କରିଛନ୍ତି ଏ ଗପଟିରେ । ମୁଁ ପଢ଼ି ଅଭିଭୂତ ହୋଇଯାଇଛି । ଆପଣ ଏତେ କଥା ଜାଣିଲେ କେମିତି ମୋ ବାବଦରେ । ମୁଁ ତ ଆପଣଙ୍କୁ କେବେ ଭେଟି ନାହିଁ । ତେବେ ଭେଟିବାକୁ ଚାହୁଁଛି । ଆସନ୍ତା ରବିବାର ଦିନ 'ଶ୍ରୀରାମଚନ୍ଦ୍ର ଭବନ'ରେ ହେବାକୁ ଥିବା ସାହିତ୍ୟ ସଭାକୁ ଯାଉଛି । ଆପଣ ଆସିଲେ ଭେଟ ହୁଅନ୍ତା ।

ମୁଁ ଯାଇ ପାରିଲି ନାହିଁ କିମ୍ବା ଉକ୍ତ ଭଦ୍ର ମହିଳାଙ୍କୁ ଭେଟି ପାରିଲି ନାହିଁ । ଅବ୍ୟକ୍ତ ଯନ୍ତ୍ରଣାଟେ ରହିଗଲା ଛାତି ଭିତରେ ।

ଆଉ ଥରକର କଥା । ମୁଁ ସାଲେପୁର କଲେଜର ଅଧ୍ୟାପକ ଥିବା ବେଳର କଥା । ସେତେବେଳେ ସାଲେପୁର କଲେଜର ଅଧ୍ୟକ୍ଷ ଥିଲେ ଅବନୀ କାନୁନ୍‌ଗୋ । ହଠାତ୍ ଦିନେ ସକାଳେ କମନ୍‌ରୁମ୍‌କୁ ଆସି ମୋତେ କହିଲେ- ତୁମ ଗପଟା ପଢ଼ିଲି । ଆଚ୍ଛା, ତୁମକୁ ତ ମୁଁ ଏ ବିଷୟରେ କିଛି କହି ନଥିଲି । ତୁମେ ଏତେ କଥା ଜାଣିଲ କେମିତି ? ତେବେ ଖୁବ୍ ଭଲ ହେଇଛି ଗପଟା।

ପ୍ରକୃତରେ ତାଙ୍କ ପାଖରୁ ମୁଁ ଗପରେ ବର୍ଣ୍ଣିତ ଘଟଣା ସଂପର୍କରେ କିଛି ଶୁଣି ନାହିଁ । ଅଧିକ ଯୌତୁକ ଦାବି କରିବାରୁ ତାଙ୍କର ଜଣେ ସମ୍ପର୍କୀୟାଙ୍କର ବାହାଘର ଭାଂଗି ଯାଇଥିଲା । ମୋ ଗପର ବିଷୟବସ୍ତୁ ବି ସେଇୟା ଥିଲା । ମୋତେ ବହୁତ ଖୁସି ଲାଗିଲା ଯେ ମୋର କଳ୍ପନା ପ୍ରସୂତ ଗପଟି ବାସ୍ତବ ଜୀବନରେ ଘଟିଥିବା ଘଟଣା ସହିତ ଆଶ୍ଚର୍ଯ୍ୟଜନକ ଭାବେ ମେଳ ଖାଇ ଯାଉଛି ।

> ପ୍ରକୃତରେ ତାଙ୍କ ପାଖରୁ ମୁଁ ଗପରେ ବର୍ଣ୍ଣିତ ଘଟଣା ସଂପର୍କରେ କିଛି ଶୁଣି ନାହିଁ । ଅଧିକ ଯୌତୁକ ଦାବି କରିବାରୁ ତାଙ୍କର ଜଣେ ସମ୍ପର୍କୀୟାଙ୍କର ବାହାଘର ଭାଂଗି ଯାଇଥିଲା । ମୋ ଗପର ବିଷୟବସ୍ତୁ ବି ସେଇୟା ଥିଲା । ମୋତେ ବହୁତ ଖୁସି ଲାଗିଲା ଯେ ମୋର କଳ୍ପନା ପ୍ରସୂତ ଗପଟି ବାସ୍ତବ ଜୀବନରେ ଘଟିଥିବା ଘଟଣା ସହିତ ଆଶ୍ଚର୍ଯ୍ୟଜନକ ଭାବେ ମେଳ ଖାଇ ଯାଉଛି ।

ଏମିତି ଅନେକ ଗପ ମୋର ପାଠକୀୟ ସ୍ୱୀକୃତି, ଶ୍ରଦ୍ଧା ଓ ଆଦୃତି ଲାଭ କରିଛି। ତାବିଜ, ଗୁଣ୍ଡୁଚି ମୂଷା ଓ ଲଭ୍, ଅବ୍ୟକ୍ତ, ହସକୁଡ଼ି ଝିଅ, ଗାନ୍ଧିବାଦ ପ୍ରଭୃତି ଗପ ପଢ଼ିବା ପରେ ଅନେକ ପାଠକ ମୋତେ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି । ସେମାନଙ୍କର ପ୍ରଶଂସା ଭରା ବାକ୍ୟଗୁଡ଼ିକ ମୋ ଭିତରେ ଆନନ୍ଦର ଲହରି ସୃଷ୍ଟି କରିଛି । ମୋର ଗପ 'ହମିଦ୍ ମିଆଁ', ହିନ୍ଦୁ ମୁସଲମାନ ମଧ୍ୟରେ ସଂପ୍ରୀତି ଓ ସଦ୍‌ଭାବ ସୃଷ୍ଟି କରିବାର ପ୍ରୟାସ କରିଛି। ସେଇଥିପାଇଁ ବହୁ ପାଠକ ମୋତେ ସାଧୁବାଦ ଜଣାଇଛନ୍ତି। ଗାନ୍ଧିବାଦ ଉପରେ ଲିଖିତ ମୋର ଦୁଇଟି ଯାକ ଗପ ଅଜସ୍ର ପାଠକୀୟ ଶ୍ରଦ୍ଧା ଲାଭ କରିଛି । ଚିଠି ମାଧ୍ୟମରେ ଓ ମୋବାଇଲ ଯୋଗେ ଅନେକ ପାଠକ ମୋତେ ପ୍ରଶଂସା କରିଛନ୍ତି ଏଇ ଦୁଇଟି ଗପ ପାଇଁ ।

ଗାନ୍ଧିବାଦ ଉପରେ ଲିଖିତ ମୋର ଦ୍ୱିତୀୟ ଗପଟି ହେଉଛି 'ପାପୀ ନୁହେଁ ପାପକୁ' । ଧରିତ୍ରୀ ସାହିତ୍ୟ ପୃଷ୍ଠାରେ ଏହା ପ୍ରକାଶିତ ହେବା ପରେ ମୋ ଜୀବନର ସବୁଠୁ ସୁଖଦ ପାଠକୀୟ ମତ ମୁଁ ପ୍ରାପ୍ତ ହୋଇଥିଲି । ସକାଳୁ ସକାଳୁ ମୋତେ ଫୋନ୍ କଲେ ଜଣେ ବୟସ୍କା ଭଦ୍ରମହିଳା (ତାଙ୍କ କଣ୍ଠରୁ ତାଙ୍କ ବୟସ ମୁଁ ଅନୁମାନ କରି ନେଇଥିଲି) ସେ କହିଲେ 'ତରୁଣ ବାବୁ କହୁଛନ୍ତି ?' ମୁଁ କହିଲି ହଁ ମାଡାମ୍ । ତା' ପରେ ସେ କହିଲେ ଆପଣଙ୍କ 'ପାପୀନୁହେଁ ପାପକୁ' ଗପଟି ପଢ଼ିଲି ଧରିତ୍ରୀରେ। ବହୁତ ବଢ଼ିଆ ହୋଇଛି । ସକାଳୁ ସକାଳୁ ଗପଟି ପଢ଼ି ମନଟା ପବିତ୍ର ହୋଇଗଲା। ବହୁତ ଭଲ ହୋଇଛି ଗପଟା। ମୁଁ ପଚାରିଲି ମାଡାମ୍ ଆପଣ କିଏ କହୁଛନ୍ତି ? ମାଡାମ କହିଲେ ମୁଁ ଶାନ୍ତନୁ ଆଚାର୍ଯ୍ୟଙ୍କ ସ୍ତ୍ରୀ କହୁଛି। ମୁଁ ଆନନ୍ଦ ଆତିଶଯ୍ୟରେ ବିହ୍ୱଳିତ ହୋଇଗଲି । ଆଶାତୀତ ଥିଲା ଏ ମତ । ଶ୍ରୀମତୀ ନିରୂପମା ଆଚାର୍ଯ୍ୟଙ୍କଠାରୁ ଏଭଳି ଏକ ସୁସମ୍ବାଦ ସକାଳୁ ସକାଳୁ ପାଇବି ବୋଲି କେବେ ଆଶା କରିନଥିଲି । ତାଙ୍କର ଏହି ପ୍ରଶଂସା ମୋ ଗାଳ୍ପିକ ଜୀବନର ଶ୍ରେଷ୍ଠ ପୁରସ୍କାର ।



**ପ୍ରିୟ ପାଠକ: ଶ୍ରୀମତୀ ନିରୂପମା ଆଚାର୍ଯ୍ୟ**

♥ ୫୧୨, ସିଲଭର ଲାଇନିଙ୍ଗ୍, ଆପାର୍ଟମେଂଟ, ମିଶନ୍ ରୋଡ୍, କଟକ-୧
ମୋ: ୯୯୩୭୫୮୩୭୬୬

---

*ପଢ଼ିବା ପରେ...*

# ଅସରନ୍ତି ସ୍ୱପ୍ନଭରା ରାତି ଗଢ଼ିବାର ଅନନ୍ୟ ପ୍ରୟାସ: ପ୍ରିୟଙ୍କାଙ୍କ 'କିଛି କଥା କହି ହୁଏ ଆଉ କିଛି ବାକି ରହେ'




ସବୁକାଳେ ଗଭୀର ଆତ୍ମପ୍ରତ୍ୟୟ ଓ କଳାତ୍ମକ ପରିପ୍ରକାଶ ହିଁ ସମୃଦ୍ଧ କରିଛି ଆଧୁନିକ କବିତାକୁ। ଜୀବନ ଓ ଜୀଜିବିସାକୁ କବିତାଙ୍କର ସଫଳ ଭାବେ ରୂପାୟନ କରିପାରୁଥିବା କବି ହିଁ ସବୁବେଳେ ଅନନ୍ୟ ବାରି ହୋଇପଡ଼ନ୍ତି ଅନ୍ୟମାନଙ୍କଠାରୁ। ସେମିତି ଜଣେ ନିଆରା କବି ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ। 'କିଛି କଥା କହିହୁଏ ଆଉ କିଛି ବାକି ରୁହେ' ଶୀର୍ଷକ କବିତା ସଂକଳନଟି ପ୍ରିୟଙ୍କାର ପ୍ରଥମ କବିତା ସଂକଳନ।

ମୁଖବନ୍ଧରେ କବି ପ୍ରିୟଙ୍କା ଚମ୍‌କେଇ ଦେଇଛନ୍ତି ପାଠକଙ୍କୁ। ସିଧାସିଧା ଆରମ୍ଭ ହୋଇଛି କବିତା ବହିରେ କଥାର ଧାଡ଼ି। "କୋଉଠୁ ଆରମ୍ଭ କରିବି ଜାଣିନି। ଖାଲି ଏତିକି ଜାଣେ ମୁଁ ଲେଖୁଛି। ମୋ ନୀରବତାକୁ, ମୋ ଅନୁଭୂତିକୁ ତଥା ମୋ ଜୀବନର ଅକୁହା କାହାଣୀକୁ।"

ଏତକ କଥା କୌଣସି କବିତାଠାରୁ ନ୍ୟୁନ ନୁହେଁ। ଯୋଉ କବିତା କାହାଣୀ ପରି କହି ଦେଇଯାଏ ଆଉ ଯୋଉ କାହାଣୀ କବିତା ପରି ଶୁଭେ, ତାହାହିଁ ଭଲ କବିତା। ଜୀବନର ଅନୁଭୂତି ଓ ଅନୁଭବ ହିଁ ସଫଳ କବିତା। ବାସ୍ତବତାକୁ ଛାଡ଼ି କବିତାର କଳ୍ପନା କରାଯାଇ ନପାରେ।

"ଯାହା ବାକି ରହେ....' ଶୀର୍ଷକରେ କବି ଅଜୟ ସ୍ୱାଇଁ ଚମତ୍କାର କଥାଟିଏ ଲେଖିଛନ୍ତି 'କୌଶଳ, ଶାବ୍ଦିକ ବା ପ୍ରତୀକ ପ୍ରୟୋଗର ଚାତୁରୀ ଓ ଦକ୍ଷତା ବି ଉଚ୍ଚକୋଟୀର କବିତା ନୁହେଁ। ବକ୍ତବ୍ୟର ସାନ୍ଦ୍ରତା, ନିର୍ଦ୍ଦିଷ୍ଟତା, ଭାଷାର ପରିଚ୍ଛନ୍ନତା ଭଲ କବିତା ପାଇଁ ସର୍ବାଦୌ ଆବଶ୍ୟକ।"

ଏସବୁ ପ୍ରାୟତଃ ଦୃଶ୍ୟମାନ ହୁଏ ପ୍ରିୟଙ୍କାଙ୍କ 'କିଛି କଥା କହି ହୁଏ କିଛି କଥା ବାକି ରୁହେ' କବିତା ବହିରେ ଥିବା କବିତାମାନଙ୍କରେ। କବିଟିଏ କେବେ କବିତା ଗଢ଼େନାହିଁ ବରଂ ବୁଣିଦିଏ ତା ଭାବନାର ଭୂମି ଉପରେ ଅନୁଭବର ମଂଜି। ସେ ମଂଜି ମାଟି ଫଟେଇ ଉପରକୁ ଉଠେ, ପତ୍ର ମେଲେ। ପଲ୍ଲବିତ ହୁଏ। ଫୁଲ ଫୁଟେ, ବାସ ଛୁଟେ। ସେ ବାସ୍ନା କବିତାର। କବିତାର ସେ ବାସ୍ନା ବିଭୋର କରେ ପାଠକକୁ।

ପ୍ରଥମ କବିତା 'କବିତା: ପାଞ୍ଚୋଟି ସ୍କେଚ'ରେ ସକାଳ, ଅପେକ୍ଷା, ଧର୍ମଯୁଦ୍ଧ, କବିତା ପ୍ରେମିକାକୁ ଆଙ୍କିଥିବା ପ୍ରିୟଙ୍କା ତାଙ୍କ 'ଜାଣେ' କବିତାରେ ଦିଶନ୍ତି ବେଶ୍ ସ୍ପଷ୍ଟ।

ତୁମେ ଫେରିଲେ ବି ବଦଳିଯିବନି
ମୋ ଗାଁ ନଈର ମଲା ଇତିହାସ।
\+ \+ \+ \+ \+
ତୁମ ଆସିବା କି ନ ଆସିବାରେ
କ୍ଷଣିକେ ଅଟକି ଯାଏନା ପୃଥିବୀ,
\+ \+ \+ \+ \+
ତୁମ ଫେରିବାର ବିଳମ୍ବ ହେଲେ ବି
ନିଲାମ ହୁଏନା ସହର,
\+ \+ \+ \+ \+
ତୁମେ ଫେରିବା ନ ଫେରିବାଟା
ଫରକ୍ ପଡ଼େନା କାହାର
ଯଦିଓ ମୁଁ ହିଁ କେବଳ ଜାଣେ
ତୁମେ ଫେରିଲେ ମୋର/
ନଫେରିଲେ ବି ମୋର।

କବିତା ହେଉଛି କବି ହୃଦୟରେ ତରଙ୍ଗ ସୃଷ୍ଟି କରୁଥିବା ଅନୁଭବ। ଯୋଉ ଅନୁଭବର କଷଟି ପଥରରେ ସେ ତାର ଅନୁଭୂତି ଘଷେ, ମାଜେ। ତା'ପରେ ଯାଇ ସେତକ ଆଉଟା ସୁନାପରି ଦିଶେ ଚକ୍‌ଚକ୍। ସେ କେବଳ ଅନୁଭବ କରେ ନାହିଁ ବରଂ ଅନ୍ୟର ହୃଦୟକୁ ଚିହ୍ନେ। ପ୍ରିୟଙ୍କାଙ୍କ କବିତାରେ ଭରି ରହିଛି ସେଇ ଉପଲବ୍ଧି।

"ବୋଉ ଓଳିଗି ହୁଏ
ଲୁହ ପୋଛି ଅମାରରୁ ଧାନ ବିକେ
ଉଡ଼ିବାକୁ ଡେଣା ଖଂଜି ଦେଇ
ମୋ ଲାଗି ଗଢୁଥାଏ
ଚଢ଼େଇର ବସା
ବୋଉ ମୋର ଭାଗ୍ୟ
ବୋଉ ହିଁ ଭବିଷ୍ୟତ
ବୋଉ ଏକା ମୋର/ ଜୀବନ ଚାଳିଶା (ବୋଉ)

କବି ପ୍ରିୟଙ୍କାଙ୍କ କବିତାରେ କେଉଁଠି ଦିଶେ 'କବିତା ଲେଖୁଥିବା ଝିଅ'ର 'ସ୍ୱପ୍ନ' ତ କେଉଁଠି 'ଅତୀତ', କେଉଁଠି 'ବିକଳ୍ପ' ତ କେଉଁଠି 'ବଂଚିବାର କଳା' ଖୋଜି 'ଫୁଲ ବିକୁଥିବା ଝିଅ' ପାଇଁ 'ଚାଳିଶ ଟଙ୍କାର ଜୀବନ'। କୋଉଠି ସେ ମାପୁଥାନ୍ତି 'ରାତିର ବୟସ' ତ କୋଉଠି ଲେଖୁଥାନ୍ତି 'ମିଛ ସହରର ଗପ'।

ତାଙ୍କ କବିତାରେ କବିତାର ଧାଡ଼ିମାନେ ବର୍ଷି ପାରନ୍ତି ଅମୃତର ବର୍ଷା। କେବଳ କବିତାରେ ଜୀଇଁବା ନିଶାରେ ଆଙ୍ଗୁଳି ସନ୍ଧିରୁ ଖସିଯାଏ ତାଙ୍କ ଭାଗର ସବୁତକ ସୁଖ।

ଏହି କବିତା ସଂକଳନଟି କବି ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କର ପ୍ରଥମ ସଂକଳନ ହେଲେ ବି ବୟସ ଅନୁସାରେ ବେଶ୍ ପରିପକ୍ୱ ଲାଗନ୍ତି କବି। ସମୁଦାୟ ସଇଁତ୍ରିଶଟି କବିତାର ପାହାଚ ଏଥିରେ। କେବେ କବି କଳଙ୍କର ଦେହକୁ ଘୋଡ଼େଇ ଦେବାକୁ ମାଗି ଆଣନ୍ତି ରାତିଠାରୁ ଫାଳେ ଅନ୍ଧାର ତ କେତେବେଳେ ପ୍ରଜାପତି ଭଳି ଉଡ଼ିଯିବାର ସ୍ପର୍ଦ୍ଧା ଖୋଜୁଥାନ୍ତି ମାଟିରେ ପାଦ ଥୋଇବାର କପାଳରେଖାରେ। ସମୟର ପ୍ରତିକୂଳତାକୁ ବେଖାତିର କରି ଗୀତ ଗାଇବାର କ୍ଷମତା ରଖୁଥିବା ନଈ, ମାଟି ଫାଟି କଅଁଳୁଥିବା ପିଲାଦିନକୁ ଝୁରି ହୁଅନ୍ତି ।

ସେ କହନ୍ତି -

ମୁଁ ସେଇଠିଥାଏ ଯୋଉଠି
ପବନର ପାନିଆରେ ବେଣୀ ବାନ୍ଧେ
ମେଘରଂଗର ଆକାଶ। (ମୁଁ ସେଇଠିଥାଏ)
\+ \+ \+ \+ \+
ବୟସକୁ ଦୋଷ ଦେଇ କୁହନ୍ତି-
ପୃଥିବୀର ଜରାୟୁରୁ ପୁଣି
କେତେ ଋତୁ ଜନ୍ମ ନିଏ
ବାପାଙ୍କ ନିଟୋଳ ନାଁରେ
ସବୁକିଛି ଏକଦମ୍ ଶାନ୍ତପଡ଼େ
ସାହି ସମ୍ପର୍କୀୟଙ୍କ ଟାହି ଟାପରାଠୁ
ଅରମ୍ଭ କରି।
ବୁକୁତଳ କୋଳାହଳ ଯାଏଁ।
ବୋଉ ଥମିଯାଏ, ଦୋଷ ଦେବି ଶିକ୍ଷା ଦିଏ
ହେଲେ ବୟସ ଆଉ ଥମେନି।
(ବୟସର ଦୋଷ)
\+ \+ \+ \+ \+
ସହଜ ବି ନଥିଲା
ଆପଣାର ପରିଚୟ ଫିଙ୍ଗି
ଛଳନାର ଲାଲ ରଂଗ ମାଖି
ଆଇନା ଆଗରେ
ନିଜ ପରି ନହୋଇ
ଅବିକଳ ତୁମ ପରି
ସଜେଇ ହେବାଟା (ସହଜ ନଥିଲା)

ପ୍ରଥମ କବିତା ବହିରେ ଅନେକ କବିତାରେ କବିଙ୍କ ଉଚ୍ଚାରିତ ଶବ୍ଦ ସବୁ କେତେବେଳେ ମନେହୁଏ ଫୁଲର ପାଖୁଡ଼ା ପରି ନରମ କୋମଳ ତ କେଉଁଠି ଅସ୍ତିତ୍ୱ ଖୋଜୁ ଖୋଜୁ ପରିପକ୍ୱତାର ବେଢ଼ଣରେ ଦିଶନ୍ତି ମହିମ୍ନ।

ଏବେ ଆଲୁଅ ବି ଅନ୍ଧାର ପରି ନିରବ !
ଉଡ଼ିଗଲେ ହଲେ ରଂଗ ବେରଙ୍ଗର ପ୍ରଜାପତି,
ପ୍ରଜାପତି ଉଡ଼ିଯିବା ପରେ
ହୃଦୟଟା ଏଥର ମୁକୁଳା ସହର। (ଅସ୍ତିତ୍ୱ)

ସେ ଜାଣନ୍ତି ସବୁ କଇଁ ଭାଗ୍ୟରେ ଜହ୍ନଟେ ନଥାଏ, ସେ ବୁଝନ୍ତି ମାଟି ଉପରେ ବିଂଚି ହୋଇ ପଡ଼ିଥିବା କୋହ ମାନଙ୍କର ନା ଅଛି ଧର୍ମ, ନା ଅଛି ଜାତି ନା ଅଛି ପରିଚୟ। ସେ କୁହନ୍ତି, ସେଇଠି ହିଁ ପ୍ରାପ୍ତିର ଶେଷ, ତାହାହିଁ ତାର ଅସ୍ତିତ୍ୱ।

"ମୁଁ ପଚାରେ ଏମିତି କାହିଁକି
ସେ ମୁହଁ ଫେରେଇ ନିଏ
ମୁଁ ପୁଣି ପଚାରିହୁଏ ତାକୁ
ଏଥର ତା ଟଳମଳ ପାଦକୁ ସମ୍ଭାଳି ନେଇ
ସେ କହେ,
ଥରେ ଲେଖା ହୋଇ ଯୁଗ ଯୁଗ
ଅଲିଭା ରହିବାର ଅବିନଶ୍ୱରତା ହିଁ ତ ପ୍ରେମ।
\- (ପ୍ରେମ)

କବି ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ରୋଗୀ ସେବାପରି ଜନମଙ୍ଗଳ ଓ ବ୍ୟସ୍ତବହୁଳ କାର୍ଯ୍ୟରେ ଥାଇ ମଧ୍ୟ କବିତା ପ୍ରତି ତାଙ୍କର ଅନୁରାଗ, ନିଷ୍ଠା ତାଙ୍କୁ ଦେଇଛି କବିର ପରିଚୟ। ଜଣେ ନବ ପ୍ରଜନ୍ମର କବି ଭାବରେ ଯେତିକି ପରିପକ୍ୱତା ତାଙ୍କ ଶବ୍ଦ ବସାଣରେ ରହିବା କଥା, ତା'ଠାରୁ ଢ଼େର୍ ଅଧିକା ନିଷ୍ଠା ଦୃଶ୍ୟମାନ ହଏ ତାଙ୍କ କବିତାରେ। କବିତାର ଭାଷାଗୁଡ଼ିକ ସରଳ ଓ ବୋଧ୍ୟଗମ୍ୟ। ଚିରାଚରିତ ଜୀବନଯାତ୍ରା ଭିତରେ ଜହ୍ନରାତି ଓ ଅସରନ୍ତି ସ୍ୱପ୍ନଭରା ରାତି ଗଢ଼ିବାର ପ୍ରୟାସ ହିଁ ପ୍ରିୟଙ୍କାଙ୍କ କବତା ଅନୁରାଗର ଭିନ୍ନ ଏକ ଦିଗନ୍ତ।

'କିଛି କଥା କହିହୁଏ ଆଉ କିଛି ବାକିରହେ' ପରି ଗୋଟେ ନିଆରା କାବ୍ୟମୟ ଶୀର୍ଷକ ଥିବା ପୁସ୍ତକଟିରେ ଭୋକର ଭୂଗୋଳ, କେହି ଜଣେ, ଭିଜାମାଟିର ବାସ୍ନା, ପ୍ରେମ, ଗଣିକା, ସମୟାତୀତ, ଶୁଣିଯା'ରେ ମିତ, ତୁମ ପାଇଁ ଶେଷ ଗୀତ ଆଦି କବିତା ମାନଙ୍କରେ ଅନୁଭବ, ଅନୁରାଗର ଅନନ୍ୟ ଉଚ୍ଚାରଣ ଆଦି ଅନେକ କବିତା ପ୍ରିୟଙ୍କାଙ୍କୁ ନିଶ୍ଚିତ ଭାବରେ ଜଣେ ଗଭୀର ଓ ଗମ୍ଭୀର ଭାବନାର କବି ଭାବରେ ପରିଚିତ କରାଇବ ଏହା ନିଶ୍ଚିତ। ନିଜସ୍ୱ ସ୍ୱତନ୍ତ୍ର ଶୈଳୀରେ କବିତାଗୁଡ଼ିକ ଭାବ, ଭାଷା ଓ ଉପସ୍ଥାପନା ସବୁଥିରେ ବେଶ୍ ପ୍ରାଞ୍ଜଳ। ପ୍ରିୟଙ୍କା ପ୍ରିୟଦର୍ଶିନୀ ବେଶ୍ ସୃଜନଶୀଳ, ଦୃଢ଼ ଓ ବିଶ୍ୱାସୀ ଆତ୍ମସତ୍ତା ସମ୍ପନ୍ନ। ତାଙ୍କ ପାଖରେ ଅନେକ ପ୍ରତିଶ୍ରୁତି। ତାଙ୍କ ପାଇଁ ମୋର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ବହିଟି ବର୍ଷା ପବ୍ଲିକେଶନ, ଭୁବନେଶ୍ୱର ଦ୍ୱାରା ପ୍ରକାଶିତ।

୯୮ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ ୧୫୦ଟଙ୍କା ରଖାଯାଇଛି । କବିଙ୍କର ଠିକଣା ସହଦେବଖୁଣ୍ଟା, ବାଲେଶ୍ୱର-୧



♥ ସମୀକ୍ଷା : ସୈରିନ୍ଧ୍ରୀ ସାହୁ
ଦେବଶ୍ରୁତି ନିବାସ, ଜେଲରୋଡ
ବାଲେଶ୍ୱର-୧
(ମୋ) ୯୩୩୭୭୩୭୦୫୩

---

# କେରାଣ୍ଡିର ସାହସ ଓ ବୁଦ୍ଧି

**ରମେଶ ଚନ୍ଦ୍ର ଦାଶ**

ବର୍ଷାଦିନ । ଗୋଟିଏ ନାଳରେ ଶେଉଳଟିଏ ତାର ଛୁଆମାନଙ୍କୁ ଧରି ଖାଦ୍ୟ ସଂଗ୍ରହ କରିବାକୁ ବାହାରିଥାଏ । ନାଳଟିର ଅଳ୍ପ ସୁଅରେ ପାଣି ଚାଲିଥାଏ । ପିଲାମାନଙ୍କୁ ପହଁରିବାକୁ କୁତୁକୁତୁ ଲାଗୁଥାଏ । ଏହି ସମୟରେ ମାଆ ଶେଉଳ ଦେଖିଲା ଗୋଟିଏ କେରାଣ୍ଡି ଏକୁଟିଆ ଖେଳୁଛି । ମାଆ ଶେଉଳ କହିଲା- ତୁମେ ଯାଇ ସେଇଟିକୁ ଧରି ଖାଅ । ଏହା କହିବା ସହିତ ସେ ଟିକେ ଦୂରେଇ ଗଲା । ତାର ଛୁଆମାନେ ସଙ୍ଗେ ସଙ୍ଗେ କେରାଣ୍ଡିର ଚାରିପଟେ ଘେରିଗଲେ । ସେମାନଙ୍କ ଭିତରୁ ଜଣେ କହିଲା- ଆମେ ତୁମକୁ ଖାଇବୁ । ତୁମେ ପ୍ରସ୍ତୁତ ହୋଇଯାଅ । କେରାଣ୍ଡି ଦେଖିଲା ତାର ମୃତ୍ୟୁ ନିଶ୍ଚିତ । ତଥାପି ସାହସ ଧରି କହିଲା-ହଇରେ ପିଲାମାନେ, ତୁମେ ତ ଦେଖୁଛ ମୁଁ କେଡ଼େ ଟିକି । ଆଉ ତୁମମାନଙ୍କ ସଂଖ୍ୟା କେତେ ? ମୋତେ ଖାଇଲେ ତୁମମାନଙ୍କ ଭିତରୁ କାହାରି ପେଟ ପୂରିବନି । ମୋର ମୃତ୍ୟୁ ନିଶ୍ଚିତ । ତାହା ଜାଣି ମୁଁ ଏହି ସମୟରେ କିଛି ପୂଣ୍ୟ ଅର୍ଜନ କରିବାକୁ ଚାହୁଁଛି । ତୁମେମାନେ ସହଯୋଗ କଲେ ମୋର ସେ କାମନା ପୂର୍ଣ୍ଣ ହେବ । ତା' ସହିତ ତୁମମାନଙ୍କୁ ଖାଦ୍ୟ ବି ପ୍ରଚୁର ମିଳିବ । ଦୂରରେ ଥିବା ସେମାନଙ୍କ ମାଆକୁ ଏକଥା ଶୁଭିଲା ନାହିଁ । ସେ ତ ପିଲାମାନଙ୍କୁ ଶିକାର ଶିଖାଇବାକୁ ଚାହେଁ । ତେଣୁ ଏହି ସମୟରେ ସେ ତା'ର ନିଜ ଖାଦ୍ୟ ସଂଗ୍ରହ କରିବାରେ ଲାଗିଲା ।

ଏଣେ ପିଲାମାନେ କେରାଣ୍ଡିର କଥାକୁ ବିଶ୍ୱାସ କରିଗଲେ । ତାପରେ କେରାଣ୍ଡି ସେମାନଙ୍କୁ କହିଲା- ମୋର ବାପା ଦୂରରେ ଅଛନ୍ତି । ସେ ଆକାରରେ ବହୁତ ବଡ଼ । ବୟସ ଅଧିକ ହେତୁ ଚାଲିପାରୁନାହାନ୍ତି । ତାଙ୍କୁ ଖାଇଲେ ତୁମ ସମସ୍ତଙ୍କର ପେଟ ପୂରିଯିବ । ତାପରେ ମୋତେ ଖାଇବ । ଏହାଦ୍ୱାରା ମୁଁ ମଲାବେଳେ କିଛି ଧର୍ମ ଅର୍ଜନ କରି ସ୍ୱର୍ଗକୁ ଚାଲିଯିବି । ଏହା କହି ସେ ଆଗେ ଆଗେ ଚାଲିଲା । ଶେଉଳର ପିଲାମାନେ ତା' ପଛେ ପଛେ ଚାଲିଲେ । କିଛି ବାଟ ଯିବା ପରେ ଧଣ୍ଡଟିଏ ଏକ ନୟନରେ ପାଣିରୁ ମୁଣ୍ଡକୁ ଟେକି ଚାହିଁଥାଏ । ଟିକିଏ ଦୂରରେ କେରାଣ୍ଡି ରହି କହିଲା- ଏଇ ହେଉଛି ମୋର ବାପା । କୁଆଡ଼େ ଚାଲିପାରୁନାହାନ୍ତି । ତାଙ୍କର ମୁଣ୍ଡକୁ ଦେଖି ତାଙ୍କର ଆକାର ଜାଣିପାରୁଥିବ । ମୁଁ ଏଇଠି ଅପେକ୍ଷା କରିଛି । ତୁମେମାନେ ତାଙ୍କୁ ଖାଇ ସାରିବା ପରେ ମୋତେ ଖାଇବ । ତାପରେ ମୁଁ ସିଧା ସ୍ୱର୍ଗକୁ ଚାଲିଯିବି । ସେମାନେ ଯେମିତି ଧଣ୍ଡର ମୁହଁ ପାଖରେ ପହଁଚିଛନ୍ତି ସେ ଜଣ ଜଣ କରି ଖାଇବାରେ ଲାଗିଲା । କିଛି ସମୟ ପରେ ସେମାନେ ନଫେରିବାରୁ ସେମାନଙ୍କ ମାଆ ଖୋଜି ଖୋଜି ସେଠାରେ ପହଁଚିଲା । ସେତେବେଳକୁ ଧଣ୍ଡ ଅଧା ଖାଇସାରିଲେଣି । ସେ ଖୁବ୍ ଜୋର୍‌ରେ ସାପକୁ ଆକ୍ରମଣ କରିବାକୁ ବାହାରିବାରୁ ସେ ଚାଲିଗଲା । ତାପରେ ଗୋଟିଏ ଛୁଆ ସବୁକଥା ମାଆ ଆଗରେ କହିଲା । ମାଆ ଶେଉଳ ରାଗରେ କେରାଣ୍ଡିକୁ ଖୋଜିଲା ବେଳକୁ ସେ ମାଇଲା ଡ଼ିଆଁ । ଦୂରରେ ରହି ସେ କହିଲା- କେହି କ'ଣ ନିଜ ବୁଢ଼ାବାପାମାଆଙ୍କୁ ଅନ୍ୟର ଆହାର ନିମନ୍ତେ ଛାଡ଼ିଦିଏ । ଏକଥା ପିଲାମାନଙ୍କୁ ଆଗ ଶିଖାଅ ।

ଶେଉଳ କେରାଣ୍ଡିର ସାହସ ଓ ବୁଦ୍ଧିକୁ ପ୍ରଶଂସା କରିବା ସହିତ ଅତି ଲୋଭ ସଦାବେଳେ ମୃତ୍ୟୁର କାରଣ ବୋଲି ପିଲାମାନଙ୍କୁ ସତର୍କ କରାଇଦେଲା ।

♥ ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨, ପୁରୀ
ମୋବାଇଲ୍ ନଂ-୯୭୭୬୨୩୮୫୨୨

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୭ ମାର୍ଚ୍ଚ ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମାର

email : rabibarachayan2015@gmail.com



# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



## ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

## (୧୯) (କ) କେତେକଥା କେତେବ୍ୟଥା

**ଜାତୀୟ ରାଜପଥ ନିର୍ମାଣରେ ସଂପୃକ୍ତ ବୈଷୟିକ ଜ୍ଞାନ ସମ୍ପନ୍ନ ସରକାରୀ ଅଧିକାରୀମାନଙ୍କର ଅଦୂରଦର୍ଶିତା ଓ କ୍ଷେତ୍ର ଉପରକୁ ନଆସି ଜଳ ନିଷ୍କାସନ ଓ ହାଇଡ୍ରେର ଏକ ପାର୍ଶ୍ୱରୁ ଅନ୍ୟପାର୍ଶ୍ୱକୁ ଲୋକଙ୍କ ଯାତାୟତ, କୃଷକର କୃଷିକାର୍ଯ୍ୟ ସଂପାଦନ, କୃଷିଜାତ ଦ୍ରବ୍ୟ ପରିବହନ ଇତ୍ୟାଦି କ୍ଷେତ୍ରରେ ରାଜପଥ ନିର୍ମାଣ ଯୋଗୁଁ ହେଉଥିବା ବା ହେବାକୁଥିବା ସମସ୍ୟା ନେଇ ଲୋକଙ୍କ ଓଜର ଆପତ୍ତିକୁ ଅଣଦେଖାକରି ରାଜନେତାମାନଙ୍କର ସମର୍ଥନରେ ସେମାନେ ଜାତୀୟ ରାଜପଥ ନିର୍ମାଣ କରିଦେଲେ ।**

( କ )ଅପୂରଣୀୟ କ୍ଷତି

୨୦୦୮ ମସିହାର ପ୍ରଳୟଙ୍କରୀ ବନ୍ୟା ସାମଗ୍ରିକ ଭାବରେ ଉତ୍ତର ବାଲେଶ୍ୱରର ପ୍ରଭୂତ କ୍ଷତିସାଧନ କରିଥଲା -ଏକଥା ଅନସ୍ୱୀକାର୍ଯ୍ୟ। ସମୟକ୍ରମେ ସେସବୁ ଅନେକାଂଶ ଭରଣା ହୋଇ ଯାଇଛି। କିନ୍ତୁ ବ୍ୟକ୍ତିଗତ ଭାବରେ ଜଳେଶ୍ୱରର ପୂ.ବିଧାୟକ ଶ୍ରୀଯୁକ୍ତ ଜୟନାରାୟଣ ମହାନ୍ତି, ତାଙ୍କ ସ୍ତ୍ରୀ ଓ ପରିବାରର ହୋଇଥିବା କ୍ଷତି କେବେବି ପୂରଣ ହୋଇନି କି ହୋଇ ପାରିବନି ।

ଜାତୀୟ ରାଜପଥ ନିର୍ମାଣରେ ସଂପୃକ୍ତ ବୈଷୟିକ ଜ୍ଞାନ ସମ୍ପନ୍ନ ସରକାରୀ ଅଧିକାରୀମାନଙ୍କର ଅଦୂରଦର୍ଶିତା ଓ କ୍ଷେତ୍ର ଉପରକୁ ନଆସି ଜଳ ନିଷ୍କାସନ ଓ ହାଇଡ୍ରେର ଏକ ପାର୍ଶ୍ୱରୁ ଅନ୍ୟପାର୍ଶ୍ୱକୁ ଲୋକଙ୍କ ଯାତାୟତ, କୃଷକର କୃଷିକାର୍ଯ୍ୟ ସଂପାଦନ, କୃଷିଜାତ ଦ୍ରବ୍ୟ ପରିବହନ ଇତ୍ୟାଦି କ୍ଷେତ୍ରରେ ରାଜପଥ ନିର୍ମାଣ ଯୋଗୁଁ ହେଉଥିବା ବା ହେବାକୁଥିବା ସମସ୍ୟା ନେଇ ଲୋକଙ୍କ ଓଜର ଆପତ୍ତିକୁ ଅଣଦେଖାକରି ରାଜନେତାମାନଙ୍କର ସମର୍ଥନରେ ସେମାନେ ଜାତୀୟ ରାଜପଥ ନିର୍ମାଣ କରି ଦେଲେ । ଯାହାର କୁପରିଣାମ ୨୦୦୮ ମସିହାରେ ଲୋକଙ୍କୁ ଭୋଗିବାକୁ ପଡିଲା ।

ବନ୍ୟାରେ ରୂପ୍ସା ନିକଟରେ ଜାତୀୟ ରାଜପଥର ଚୂଡାଖିଆପୋଲ ସମ୍ପୂର୍ଣ୍ଣ ଭାବରେ ଧୋଇଗଲା । ପ୍ରବଳ ବେଗରେ ଜଳ ଗୋଟିଏ ପାଖରୁ ଅନ୍ୟପାଖକୁ ବହିବାରେ ଲାଗିଲା । ଦୁଇପାଖରେ ଅତଡା ଖାଇବା ଯୋଗୁଁ ଘାଇର ଓସାର ବଢିଲା । ସ୍ଥାନୀୟ କର୍ତ୍ତୃପକ୍ଷ ମଧ ଘାଇର ଉଭୟ ପାର୍ଶ୍ୱରେ ଯାତାୟତକାରୀଙ୍କ ନିମନ୍ତେ କୌଣସି ସତର୍କ ସୂଚନା ଦେଇନଥିଲେ କି ପ୍ରତିବନ୍ଧକ ସୃଷ୍ଟି କରିନଥିଲେ ।

ଫଳରେ ୨୦୦୮ ମସିହା ଜୁନ୨୫ତାରିଖ ରାତିରେ ଜୟନାରାୟଣ ବାବୁଙ୍କ ସାନପୁଅ ଜଣେ ସାଥୀଙ୍କ ସହିତ ମୋଟର ସାଇକେଲରେ ଯାଉଥିବା ବେଳେ ସେଇଠି ଗଳିପଡିଲେ । ବନ୍ଧୁଜଣକ ରକ୍ଷା ପାଇଯାଇଥିଲେ ବି ତାଙ୍କର ପରଲୋକ ହୋଇଗଲା।

ଏ ଦାରୁଣ ଦୁଃସମ୍ବାଦ ପାଇଲି ତହିଁ ପରଦିନ ଅର୍ଥାତ୍ ୨୬ତାରିଖ ଗୁରୁବାର ଦିନ । ମୁଁ ଓ ଭଣଜା ହେମନ୍ତ ଗିରି (ନାଟୁ) ଜୟନାରାୟଣ ବାବୁଙ୍କ ଘରକୁ ଯାଇ ତାଙ୍କୁ ପରିବାରର ସଦସ୍ୟମାନଙ୍କୁ ସାନ୍ତ୍ୱନା ଦେଲୁଁ । ସେତେବେଳକୁ ଶବଦାହ ସରିଥିଲା । ସେଇଠି ଭେଟିଥିଲୁ ଜିଲ୍ଲାପରିଷଦ ଅଧକ୍ଷ ଗିରିଶ ଚନ୍ଦ୍ର ଦାଶ ଓ ଭଣ୍ଡାରପଲ୍ଲି ବିଧାୟକ ଅନନ୍ତ ଚରଣ ସେଠୀ ଏବଂ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶହଶହ ଶ୍ରଦ୍ଧାଳୁଙ୍କୁ ।

( ଖ ) କୂଳ ତେଜିବାକୁ କୁଣ୍ଠିତ ମନ

ବନ୍ୟା ବିପତ୍ତିର ପ୍ରଭାବ କ୍ରମେକ୍ରମେ କମିବାରେ ଲାଗିଲା । ଲୋକେ ତ ବନ୍ୟାର ଅଦଉତି ସହିବାରେ ଅଭ୍ୟସ୍ତ ! ସେତେବେଳେ ନଦୀକୂଳ ବନ୍ଧ ହୋଇ ନଥାଏ । ସରକାର ସୁଖ ଦୁଃଖିଆ, ଟିକାୟତପୁର, ଠିକିରା, ମହୁଲିଆ ପ୍ରଭୃତି ଗାଆଁମାନଙ୍କର ଅଧିକ ପ୍ରଭାବିତ ଅଧିବାସୀଙ୍କୁ ସେଠାରୁ ନେଇ ଅନ୍ୟତ୍ର ଉଚ୍ଚା ଜାଗାମାନଙ୍କରେ ଥଇଥାନ କରିବା ପାଇଁ ପ୍ରସ୍ତାବ ଦିଅନ୍ତେ, ଲୋକେ ସେଥିରେ ସମ୍ମତ ହେଲେନି। ବାସ୍ତୁ ସିନା ଉଚ୍ଚସ୍ଥାନରେ ମିଳିବ, କିନ୍ତୁ ଏତେ ଉର୍ବର ଚାଷଜମି ସେମାନେ କେଉଁଠୁ ପାଇବେ ? ଏଠାରେ ମାଟି ମୁଠାଇଲେ ସୁନା ମିଳୁଛି । ଯାହାର ପାଣି ପିଇ, ମାଟି ସାଥିରେ ମାଟିହୋଇ ସେମାନଙ୍କ ପୂର୍ବପୁରୁଷ ଜୀବନ ବିତାଇ ଦେଇଛନ୍ତ, ସେଠାକାର ମଧୁର ପାଣି ଓ ଶୀତଳ ପବନରେ ସେମାନେବି ପରିପୃଷ୍ଟ ହୋଇଛନ୍ତି ସେଇସବୁ ମଧୁର ସ୍ମୃତି ବିଜଡିତ ସେ ସ୍ଥାନ ଛାଡି ସେମାନେ ଯିବେ କୁଆଡେ ? ସେଇଥିପାଇଁ ଲୋକେ କହନ୍ତି

'ନଈ କୂଳିଆ ଧୀର ପବନ
ଛାଡି ଯିବାକୁ ନହୁଏ ମନ ।'

ନା, ସେମାନେ ସେ ଜମି ଛାଡି କୁଆଡେ ଯିବେନି, ଆଜି ପର୍ଯ୍ୟନ୍ତ ବି ଯାଇନାହାନ୍ତି ।

ନଦୀକୂଳବାସୀଙ୍କର ମାନସିକତାକୁ ଲକ୍ଷ୍ୟକରି କୁହାଯାଇଛି,

'କୂଳ ବାସୀଜନ
କୂଳ ତେଜିବାକୁ କୁଣ୍ଠିତ ମନ ।'

ଇତି ମଧରେ ନଦୀକୂଳ ପାଖେପାଖେ ଉଚ୍ଚ ମାଟିବନ୍ଧ ହେଲାଣି, ବନ୍ଧ ଉପରେ ମାକିଡିଆ ଠାରୁ ରାଜଘାଟ ଯାଏ ପିଚୁ ଓ ଠାଏଁ ଠାଏଁ କଂକ୍ରିଟ ସଡକ ହୋଇଛି । ନଦୀଗର୍ଭରେ ଆବଶ୍ୟକ ସ୍ଥଳେ ପଥର ପେଚିଂ ହେଇଛି । ସବୁଠାରୁ ବଡକଥା ହେଲା -- ନଦୀରପାଣି, ପାଣିର ସୁଅ ଆଉ ପୂର୍ବୋକ୍ତ ଗାଆଁଗୁଡିକ ପାଖଦେଇ ପ୍ରବାହିତ ହେଉନି, ହେଉଛି ନଦୀର ଦକ୍ଷିଣକୂଳ ମହମ୍ମଦ ନଗର ପାଟଣା ଗାଆଁ ପାଖଦେଇ । ସେପାଖରେ କୂଳ ଖାଉଛି। ନଦୀ ଗର୍ଭରେ ଏପାଖ ଗାଆଁଗୁଡିକୁ ଲାଗି ଚଢ ସୃଷ୍ଟି ହେବାଯୋଗୁଁ ଏମାନେ ଏବେ ଅଧିକ ନିରାପଦ । ଏପଟ ଗ୍ରାମବାସୀ ବା ସେମାନଙ୍କ ପୁର୍ବପୁରୁଷ କୂଳ ଅତଡା ଖାଇବା ଯୋଗୁଁ ନଦୀଗର୍ଭରେ ହରାଇଥିବା ଚାଷଜମି, ଏବେ ନଦୀଭିତରେ ବାହାରିଲାଣି । ସେମାନେ ସେ ଜମି ଚିହ୍ନଟକରି ଚାଷ କରୁଛନ୍ତି।

ସେମାନଙ୍କ ମାଟିପ୍ରତି ମମତା ପ୍ରଶଂସନୀୟ !

( ଗ ) ନଦୀଜଳ ଏବେ ପ୍ରଦୂଷିତ ।

ବହୁପୁର୍ବରୁ ନଦୀରେ ପାଣି ଥାଏ କାଚକେନ୍ଦୁ ପରି ସ୍ୱଚ୍ଛ । ତାହା ଏତେ ସ୍ୱଚ୍ଛ ଯେ ଜଳ ଉପରୁ ଚାହିଁଲେ ତଳେ ବାଲି ଦେଖାଯାଏ । ମୁଁ ତ ଦୁଇଥର କେହି ପକାଇ ଦେଇଥିବା ବା ଉପରୁ ଭାସିଭାସି ଆସିଥିବା ଅଳ୍ପ ପରିମାଣର କିଛି ଟଙ୍କା ପାଇଛି । ଯେତେ ପୁରୁଣା ପରମ୍ପରା ବା ଅନ୍ଧ ବିଶ୍ୱାସ ହେଉନା କାହିଁକି ଧର୍ମପ୍ରାଣ ଲୋକମାନେ ନଦୀପାର ହେବାବେଳେ କିଛିକିଛି ଖୁଚୁରା ପଇସା ପାଣିକି ପକାଇ ପ୍ରଣାମ କରନ୍ତି । ଅବଶ୍ୟ ଏବେ ନଦୀ ପାଣି ଗୋଳିଆ ହୋଇଥିବା ଯୋଗୁଁ ସେସବୁ କେଉଁଠି ଅଛି ଉପରୁ ଚାହିଁଲେ ଜଣାପଡେନି।

ଯାହେଉ ସେ ସ୍ୱଚ୍ଛ ପାଣି ଦେଖିଲେ ପିଇବାକୁ ମନହୁଏ । ସମସ୍ତେ ପିଉଥିଲେ । ଖରାଦିନେ ନଦୀପାରି ହେଉଥିବା ଲୋକଙ୍କର ତାହା ଥିଲା ଜୀବନ ରକ୍ଷାକାରୀ ପାନୀୟ , 'ଜଳ ହିଁ ଜୀବନ' ଉକ୍ତିର ଯଥାର୍ଥତା ପ୍ରତିପାଦିତ କରେ । (କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

## ଚେତନାର ଦର୍ପଣ - ୨୨

# ଆତ୍ମସମର୍ପଣ

♥ ଲଳିତ ମୋହନ ମିଶ୍ର



ଈଶ୍ୱରୀୟ ପ୍ରେମ କ'ଣ ? ସାଂସାରିକ ଲୋକଟି ଅନ୍ୟଠାରୁ କିଛି ପାଇବା ଆଶାରେ ସ୍ୱାର୍ଥପର : ପ୍ରେମ ନୁହେଁ । ଏହା ଅସ୍ଥାୟୀ ଭାବନାର କ୍ଷଣିକ ଉଦ୍ରେକ ନୁହେଁ । ପ୍ରେମର ଭାଷା ଈଶ୍ୱରୀୟ ଭାଷା । ଭାଗ୍ୟଶାଳୀ ଭକ୍ତମାନେ ନିଜ ଭିତରେ ଏହି ମଧୁର ପ୍ରେମକୁ ଅନୁଭବ କରିଥାନ୍ତି । ତୃଷ୍ଣାଗ୍ରସ୍ତ ଭକ୍ତଙ୍କ ହୃଦୟରେ ଦିବ୍ୟ ପ୍ରେମର ଜ୍ୱାଳା ଅହର୍ନିଶ ଜଳୁଥାଏ । ସେ ତାର ଅନ୍ନ ଜଳ ପ୍ରତି ଧ୍ୟାନ ଦିଏ ନାହିଁ। ସେ ସଦା ପ୍ରଭୁଙ୍କଠାରୁ ଅଲଗା ହେବାରେ କଷ୍ଟ ଭୋଗୁଥାଏ । ରାତିରେ ସେ ଶୋଇ ପାରେ ନାହିଁ। ସେ ଜାଣେ ନାହିଁ ଯେ ତାର ପ୍ରେମିକ କେବେ ତାକୁ ଦର୍ଶନ ଦେବେ । ତେଣୁ ସେ ରାତି ଦିନ ଜାଗ୍ରତ ରୁହେ । ଯେତେବେଳେ ଭକ୍ତର ଅହଂକାର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ । ଏବଂ ନିଜ ଗୁପ୍ତ ଇଚ୍ଛାର ତୃପ୍ତି ପାଇଁ ଆକାଂକ୍ଷା ନ ରଖି ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରେ, ସେତେବେଳେ ଭଗବାନ ଭକ୍ତଙ୍କ ସମ୍ମୁଖରେ ଆବିର୍ଭୂତ ହୁଅନ୍ତି ଏବଂ ତା'ର ସବୁ ଲୁହ ପୋଛି ଦିଅନ୍ତି । ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିବାରେ କୌଣସି କ୍ଷତି ନାହିଁ। ଆମ ଶରୀର, ମନ, ଆତ୍ମା ଓ ସମସ୍ତ ସମ୍ପତ୍ତିକୁ ସମର୍ପଣ କରିବାକୁ ପଡ଼ିବ। ତା'ପରେ ଈଶ୍ୱର ନିଜକୁ ଆପଣଙ୍କୁ ଅର୍ପଣ କରିବେ। ଈଶ୍ୱରଙ୍କ ସମସ୍ତ ସମ୍ପତ୍ତି ଆପଣଙ୍କର ହେବ। ଭଗବାନ ତୁମର ହେବେ । ଆପଣ ତାଙ୍କ ପ୍ରତି ଭଲପାଇବା ଦେଖାଇଛନ୍ତି ଏବଂ ତାଙ୍କୁ ନିଜର କରିଛନ୍ତି । ତେଣୁ ସେ ଏବେ ତୁମର ଦାସ । ଯେମିତି ଚିନି ଜଳରେ ମିଶି ଦ୍ରବୀଭୂତ ହୋଇଯାଏ, ଠିକ୍ ସେହିପରି ଭଗବାନ ଆପଣଙ୍କ ସହିତ ମିଶିଯିବେ । ସେ ତ କେବଳ ପୂର୍ଣ୍ଣ ପବିତ୍ର ଶୁଦ୍ଧ ପ୍ରେମମୟ ହୃଦୟ ଇଚ୍ଛା କରନ୍ତି । ଯେଉଁ ପ୍ରେମୀ ପରମ ପ୍ରେମକୁ ବିକଶିତ କରିନେଲା, ସେ ରୀତିନୀତି, ଅପୌଚାରିକତା ଏବଂ ସିଦ୍ଧାନ୍ତର ଦାସ ନୁହେଁ; ଏପରିକି ସେ ସାମାଜିକ ନିୟମରେ ବନ୍ଧା ନୁହେଁ । ସେ କୌଣସି ବାହ୍ୟ ପ୍ରଦର୍ଶନ କରେ ନାହିଁ। ସେ ଘଣ୍ଟି ବଜାଏ ନାହିଁ । ଏପରିକି ଲୋକଙ୍କର ଆକ୍ଷେପ ପ୍ରତି ଚିନ୍ତିତ ନୁହେଁ । ସେ ନିଜର ପ୍ରେମକୁ ପ୍ରେମିକାଙ୍କ ଉପରେ ପ୍ରେମ ବର୍ଷା କରନ୍ତି । ପ୍ରେମ ଏକ ନିରବଚ୍ଛିନ୍ନ ପ୍ରବାହରେ ଅବିସ୍ମରଣୀୟ ବେଗରେ ପ୍ରବାହିତ । ବେଳେବେଳେ ସେ ପ୍ରେମିକର ବିୟୋଗରେ ତୀବ୍ର ଯନ୍ତ୍ରଣା ଅନୁଭବ କରେ, ସେ ଗରମ କଡେଇରେ ଭାଜିବା ଭଳି ଅନୁଭବ କରେ । ସଙ୍ଗେ ସଙ୍ଗେ ଦିବ୍ୟ ସୁଧା ଝରିବାକୁ ଲାଗେ । ତା'ପରେ ସେ ଅନୁଭବ କରେ ଯେମିତି ଗଙ୍ଗାର ଥଣ୍ଡା ପାଣିରେ ଗାଧୋଉଅଛି। ପ୍ରେମିକ ନିଜ ପ୍ରେମିକାଠାରୁ ଗୋଟିଏ ମୁହୂର୍ତ୍ତ ପାଇଁ ବି ଅଲଗା ହେବା ସହ୍ୟ କରିପାରେ ନାହିଁ । ବିଚ୍ଛିନ୍ନତାର ପ୍ରତିଟି ମୁହୂର୍ତ୍ତ ତା ପାଇଁ ମୃତ୍ୟୁର ଯନ୍ତ୍ରଣା। ଗୋଟିଏ ମୁହୂର୍ତ୍ତ ତାକୁ ବର୍ଷେ ଭଳି ଲାଗେ। ବିୟୋଗ ଅବସ୍ଥାରେ ସଂଯୋଗ ପାଇଁ ତୃଷିତ ଏବଂ ବ୍ୟାକୁଳତା । ତା'ର ଆଖି ଅଶାନ୍ତ , ତା'ର ଚେହେରା ଅଭିବ୍ୟକ୍ତହୀନ ଏବଂ ହୃଦୟରେ ଏକ ନିଆଁ ଜଳୁଥାଏ । ସେ ଅନ୍ନ ଜଳ ନିଦ୍ରା ଛାଡ଼ି ଦିଅନ୍ତି। ସେ ଅଶାନ୍ତ ରୁହନ୍ତି। ତାଙ୍କର ପ୍ରେମ ଅବିରତ ଭାବରେ ପ୍ରବାହିତ । ସେ ଅଶ୍ରୁରେ ସାନ୍ତ୍ୱନା ପାଆନ୍ତି । ପ୍ରେମର ମାର୍ଗ ନିଃସନ୍ଦେହ କଷ୍ଟସାଧ। କିନ୍ତୁ ଯେଉଁ ଭକ୍ତ ନିଜର ସଂକଳ୍ପରେ ଦୃଢ଼ ସେ ଭଗବାନଙ୍କ ନିକଟରେ ନିଜକୁ ସମର୍ପଣ କରେ ଏବଂ ପ୍ରଭୁଙ୍କୁ ସ୍ମରଣ କରେ । ସେ ସମସ୍ତ ଅସୁବିଧାକୁ ଅତି ସହଜରେ ଦୂର କରିଦିଏ । ସବୁ ପରିସ୍ଥିତିରେ ସେ ଭଗବାନଙ୍କ କୃପା ଲାଭ କରେ ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# ସମୟ ବନ୍ଧୁ ଓ ଶତ୍ରୁ ସୃଷ୍ଟିକରେ

ଅଜୟ କୁମାର ବେହେରା



ସୁଖ-ଦୁଃଖ ଆନନ୍ଦ-ନିରାନନ୍ଦ ଏକ ମୁଦ୍ରାର ଦୁଇ ପଟ ପରି ସମୟ ସୃଷ୍ଟିରୁ ରହିଛନ୍ତି। ମାନବ କଣ ସବୁ ଜୀବଙ୍କର ଜନ୍ମରୁ ମରଣ ଯାଏ ବ୍ୟାପ୍ତୀ ରହିଛନ୍ତି। ଘର ଭିତରେ ଚାରି କାନ୍ଥ ମଧରେ ସ୍ୱାମୀ ସ୍ତ୍ରୀ ରହି ଜଣେ ଦୁଃଖି ଜଣେ ସୁଖ ପତରେ ରହିବା ବୋଧ ହେଉଛି। ଚଣ୍ଡମୁଣ୍ଡର କର୍ତ୍ତାବି ଏଥିରୁ ମୁକ୍ତ ନୁହଁନ୍ତି। ମର୍ତ୍ତ୍ୟରେ ଅବତୀର୍ଣ୍ଣ ଦେବତା ମୁକ୍ତ ନୁହଁନ୍ତି ଭୂଜ ବିକ୍ରମୀ ଅସୁରମାନେ ମୁକ୍ତ ନୁହଁନ୍ତି। ନଦୀ, ପୁଷ୍କରିଣୀ, ପର୍ବତ, ପାହାଡ଼ ବଡ଼ ବଡ଼ ମହୀଗୃହ ବୃକ୍ଷ ମାନେ ବି ମୁକ୍ତ ନୁହଁନ୍ତି। ଜଙ୍ଗଲି ବଳବାନ ଦନ୍ତାବଳ ହାତି ନଖଦନ୍ତା ବଳୀ ସିଂହ ବାଘ ଏପରି ଚକ୍ରରୁ ମୁକ୍ତ ନୁହଁନ୍ତି।

ଅବତାର ପୁରୁଷ ଶ୍ରୀରାମ, ଶ୍ରୀକୃଷ୍ଣ ମୁକ୍ତ ନୁହଁନ୍ତି। ଜ୍ଞାନରେ ବିଶେଷ ପରିପୂର୍ଣ୍ଣ ଋଷି ମୂନୀ ଯେ ସୁଖ ଦୁଃଖରେ ସ୍ଥିର ହେବା କଥା ସେ ବି କେବେ ରହନ୍ତି ଏପରି ବି ନୁହଁ। ବଶିଷ୍ଠ ଋଷି ଶ୍ରେଷ୍ଠଙ୍କ ଏକ ଶତ ପୁତ୍ରଙ୍କ ଅକାଳ ମୃତ୍ୟୁ ହୋଇଥିଲା। ଦୁଃଖ ଦେଖିବା ପାଇଁ ଇଚ୍ଛା ନକରି ସଦା ଚକ୍ଷୁ ବନ୍ଧନରେ ରହିବା ଗାନ୍ଧାରୀ ପୁତ୍ରଗଣଙ୍କ ମୃତ୍ୟୁରେ ଅଧିର ହୋଇପଡୁଥିଲେ ଧୃତରାଷ୍ଟ୍ରଙ୍କର ମଲ୍ଲ ଚେହେରା ଭୋଜନ ପାନ ଭୋଗରେ ଅଭାବ ନଥିଲା ସେ ତାଙ୍କର ପିଲା ମାନଙ୍କୁ ଜନ୍ମରୁ ଦେଖିନାହାଁନ୍ତି ହେଲେ ସେମାନଙ୍କର ଅକାଳ ମୃତ୍ୟୁରେ ବି ଦୁଃଖରେ ଭାଙ୍ଗି ପଡ଼ିଥିଲେ। ଦିନ ଥିଲା ଦୁର୍ଯ୍ୟୋଧନ ଯୁଧିଷ୍ଠିର ଏକାଠି ଖେଳୁଥିଲେ ପାଠପଢ଼ିଥିଲେ ହେଲେ କ'ଣ ହେଲା ଉଭୟ ଉଭୟଙ୍କ ଅନ୍ତ ଚାହିଁଲେ। ଦେଖ ଜଳ ବକୁଳା ମହାନଦୀ। ଜଳ ଉପରୁ ତଳକୁ ଗଡ଼ିବା ଧର୍ମ ଧରି ପ୍ରାରମ୍ଭରୁ କଲୋଳିନୀ, ସମୁଦ୍ରକୁ ଯାଏ ଯିବାପଥରେ ଲୋକ ଆଡ଼ବନ୍ଧ ବନ୍ଧପକାଇ ନଦୀଗର୍ଭକୁ ଶୁଷ୍କ କରିଦେଇଛନ୍ତି। ବ୍ୟାଙ୍କ ଗୁଡ଼ିକରେ କେତେ ଜମା ହେଉଛି ସେ ଧନରେ କୁବେର ଭଣ୍ଡାର ମାତ୍ର ଅନେକ ବ୍ୟାଙ୍କ ଦେବାଳିଆ ହୋଇ ନାମ ଡୁବା ହୋଇଯାଉଛି। ସଂସାର ବାନ୍ଧିଥିବା ବାପା ମାଆ ଆୟୁ ସରିଲେ କି ପୁଅ କି ଝିଅ କି ସଂସାର ସେ କଣ କହିବେ ଲୋକେ କହନ୍ତି। ଗୁଡ଼ ମିଠା ପରି ଅନେକ ମିଠା ବନ୍ଧୁ ସଙ୍ଗୋଳଇବା ପାଇଁ ସମସ୍ତେ କ୍ରୟ କରିନିଅନ୍ତି, ମିଠାରେ ମୁହଁ ମିଠା କଲେ ଆନନ୍ଦ ଆରମ୍ଭ ବୋଲି ଧରାଯାଏ ମାତ୍ର ଡାଇବେଟିସ ରୋଗୀଙ୍କ ମିଠା ପ୍ରାଣ ଘାତକ ବୋଲି ସେମାନେ ମିଠା ଠାରୁ ଦୂରେଇ ରହୁଛନ୍ତି। ଏକ ପୁରୁଷ ବା ସ୍ତ୍ରୀଙ୍କର ଯୌବନ ଆଗତ ବେଳକୁ ପରସ୍ପର ଆକର୍ଷଣ କେଉଁଠି ଥାଏ ମାଡ଼ିଆସେ ମାତ୍ର ବୃଦ୍ଧ ବୃଦ୍ଧା କାଳକୁ ଏକ ଶଯ୍ୟାବାସ ବିଷମୟ ବୋଧ ହୁଏ। ଋଣ କରି ଯାନ ସ୍ଥାନ ଲୋକ କ୍ରୟ କରନ୍ତି ହେଲେ ଋଣ ପଇଠ ଠିକ ନକଲେ ସେହି ଧନ ଯାନ ହିଁ ଦୁଃଖର କାରଣ ହୋଇଯାଏ।

ବଡ଼ ଲୋକିରେ ଯାନ କ୍ରୟ କରି ହେବ ବା ଅଧିକ ଭଡ଼ାରେ ଉଡ଼ାଯାହାଜରେ ଯାତ୍ରା ଆନନ୍ଦ ଉଚ୍ଛାସରେ କରାଯାଏ ମାତ୍ର ଯାନ ଯଦି ଧକ୍କା ହେଲା ବା କୌଣସି କାରଣରୁ ଯାନ ଗମନ କାଳରେ ଯାନଟି ଦୁର୍ଘଟଣା ହେଲା ସେ ସୁଖ ପାଣି ଫୋଟକା ପରି ଫାଟିଯାଏ। ସୁନା ପିନ୍ଧିବା ଏକ ସୌକ ଚୋର ଘରେ ଅବେଳାରେ ପଶି ଲୁଟିନେଲେ ଦୁଃଖର ଅସରନ୍ତି କଷ୍ଟ ଭଣ୍ଡାର ଖୋଲିଯାଏ। ମୃତ୍ୟୁ ପରମ ସତ୍ୟ ମୃତ୍ୟୁ ନହେଲେ ନାତି ନାତୁଣୀଙ୍କର ସୁଖ ଭୋଗ ହୋଇନପାରେ। ଜଣଙ୍କର ଶ୍ରମ କରିବାର ଶକ୍ତି ବିଲୁପ୍ତରେ ଅନ୍ୟର ଆନନ୍ଦ ଭୋଗ ବଳବତ୍ତର ହେଉଛି। ଏକ ଘରର ଆନନ୍ଦ ଏଇ ଜନ୍ମ ମୃତ୍ୟୁଚକ୍ରରେ ଜଡ଼ିତ ରହିଛି। ପାଞ୍ଚବର୍ଷ ଶାସନରେ ରହିବା ପରେ ନିର୍ବାଚନ ହେଉଛି। ଯଦି ଏପରି ନିର୍ବାଚିତ ଧାରା ନଥାନ୍ତା ତେବେ କେବେ କେହି ଆଉ ପାଠ ପଢନ୍ତେ ନାହିଁ। ଭୋକ ହେଉଛି ବୋଲି ଶ୍ରମ କରିବା ମାନସକୁ ଆସୁଛି। ନଚେତ କିଛି ନ ହେଲେ ପ୍ରଗତି ହୋଇପାରନ୍ତା ନାହିଁ। ମନୁଷ୍ୟ ଠିକି ଠିକି ପୁରସ୍ପର ସହାୟକ ହେବା ପାଇଁ ବିଭିନ୍ନ ପୋଷା ବୃତ୍ତି ଧରୁଛି। ଏକ କାମ କରିଲେ ଏ ସଂସାର କେବେ ଚାଲିବ ନାହିଁ କେବଳ ସୁଖ ଭୋଗି ରହିନପାରେ। କେହି କେବଳ ଦୁଃଖରେ ସଦା ରହିନପାରେ। ସମସ୍ତ ଜୀବନରେ ହସ କାନ୍ଦ ଆସିବ ହିଁ ଆସିବ। ମୂଳ ରଙ୍ଗ ରୂପ ନିର୍ମାଣ ସବୁ ବେଳକୁ ବେଳ ହୋଇ ଚାଲିଛି ନିର୍ମାଣ ଭଙ୍ଗ ହେଲେ ଯାଇ ସମ୍ଭବ। ଏପାଇଁ କାଳୀ ମାଆଙ୍କ ହାତରେ ଖଡ୍ଗ ଖର୍ପର ସହିତ ଅଭୟ ମୁଦ୍ରା। ଏଥିରେ ଜିଓ ଔର ଜିନେ ଦୋ ଧାରା ଲାଗି ରହିଛି। ଯୁଦ୍ଧ ନହେଲେ ଜନକ୍ଷୟ ଅନେକ ନମଲେ ମଞ୍ଚରେ ଶାନ୍ତି ଆସିନପାରେ। ଦେବାସୁର ସଂଗ୍ରାମ ଅହରହ ସୁଖ ଦୁଃଖ ସ୍ତର ଓ ପକ୍ଷଭୁକ୍ତରେ ରହିବା ପୁଣି ସମୟ ପରିବେଶ ଉପରେ ନିର୍ଭର କରୁଛି। ଲୋକେ ନଠକିଲେ ଶିକ୍ଷା କରନ୍ତି ନାହିଁ। ସୁଖ ଦୀର୍ଘ ସ୍ଥାୟୀ ପାଇଁ କିଛି ଦୁଃଖକୁ ଆପଣେଇବାକୁ ପଡ଼େ। ଗୌତମ ବୁଦ୍ଧ ଏପରି ଭାବନା କରି ରାଜ ପରିବେଶ ଯୁବତୀ ପୁଣି ଶିଶୁ ପୁତ୍ରଙ୍କୁ ଛାଡ଼ି ସନ୍ନ୍ୟାସୀ ହୋଇଯାଇଥିଲେ। ଦାମ୍ପତ୍ୟ ସୁଖ ରାଜସୁଖକୁ ତେଜ୍ୟ କରି ସୁଖର ପରମ ପଥକୁ ବାଛିଥିଲେ। ସେ ରାଜା ନହୋଇ ବି ମହାରାଜ ମାର୍ଗକୁ ଆସିଥିଲେ ସେ ବୁଦ୍ଧ ସେ ତ ଭିନ୍ନ ଅର୍ଥାତ୍ ପରମ ଆତ୍ମଜ୍ଞାନୀ ଆତ୍ମସୁଖରେ ସେ ସଦା ନିମଗ୍ନ ରହିଥିଲେ। ହେଲେ ଏପରି ମାର୍ଗ ଅନେକ କଷ୍ଟକର ମାତ୍ର ଅସାଧ ଯେ ନୁହଁ ଏକଥା ତାଙ୍କ ଜୀବନରୁ ବୁଝାପଡୁଛି।

♥ ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩

# କିମ୍ବଦନ୍ତୀରେ ସାନ୍ତାଳ ବାହା ପାରାବ୍

ଦଶରଥ ହେମ୍ବ୍ରମ୍



ଶୀତରତୁ ଗଲା ପରେପରେ ରତୁରାଜ ବସନ୍ତର ଆଗମନ ହେଉହେଉ ସାନ୍ତାଳଗ୍ରାମଗୁଡ଼ିକରେ ବାହା ପାରାବ୍/ବଙ୍ଗା ଚଳଚଞ୍ଚଳ ହୋଇଉଠେ। ଏପଟେ ପ୍ରକୃତିରାଣୀର ଅପୂର୍ବ ସୌନ୍ଦର୍ଯ୍ୟରେ ସଜେଇ ସତେଜତା ଓ ଆତ୍ମପ୍ରଣୟ ଅନୁଭବ ଆରମ୍ଭ କରିଦେଇଥାଏ। ପ୍ରାକୃତିକ ପରିବେଶ ଭିତରେ ସବୁକିଛି ନୂଆ ନୂଆ ଲାଗିବା ସହିତ ଚାରିଆଡ଼େ ନୂତନ ବାସ୍ନାରେ ମହକିଉଠେ। ପ୍ରକୃତି ଓ ମଣିଷ ମଧରେ ଭଲ ପାଇବାଡୋରିରେ ପରସ୍ପର ବାନ୍ଧି ହେଇଯାଏ । ବନ୍ୟଜନ୍ତୁ ଓ ପକ୍ଷୀମାନେ ବସନ୍ତର ବାସ୍ନାରେ ବିଭୋର ହୋଇ ନାଚଗୀତରେ ମାତି ଯାଆନ୍ତି। କ୍ଷେତରେ ସୋରିଷ ଫୁଲ ମୃଦୁମଳୟର ସ୍ପର୍ଶରେ ମନକୁ ଆନ୍ଦୋଳିତ କରି ଶରୀରକୁ ପୁଲକିତ କରିଦିଏ। ଜୀବନର ପ୍ରତ୍ୟେକମୁହୂର୍ତ୍ତକୁ କେତେବେଳେ ହଳଦିଆରଙ୍ଗରେ ରଙ୍ଗେଇ ଦିଏ, ତାହା ଜଣା ପଡ଼େନାହିଁ। ଏମିତିକି ମହୁଲ ଫୁଲର ବାସ୍ନାରେ ମନରେ ଥିବା ଦୁଃଖ, କଷ୍ଟ ଓ ଯନ୍ତ୍ରଣାକୁ କେତେବେଳେ ଯେ ଦୂର କରି ଅପୂର୍ବ ଖୁସି ଆଣି ଦେଇଥାଏ, ତାହା ମଧ ଜାଣିହୁଏ ନାହିଁ। ତେଣୁ ଯେଉଁଠି ବସନ୍ତ ଅଛି, ସେଠି ଦୁଃଖର ସ୍ଥାନ ନାହିଁ କହିଲେ ନିର୍ଭୁଲ ହେବ।

ରତୁଚକ୍ରରେ ବସନ୍ତର ଫଗୁଣମାସରେ ବୃକ୍ଷରାଜି ପଲ୍ଲବିତ ହୋଇ ନବ କୁସୁମରେ ପରିପୂର୍ଣ୍ଣ ହୁଏ। ଫଳନ୍ତି ବୃକ୍ଷମାନଙ୍କରେ ନାନା ଜାତିର ଫୁଲଫଳକୁ ଖାଇବାର ପ୍ରକ୍ରିୟା ମଣିଷ ଆରମ୍ଭ କରିଦେଇଥାଏ । ସାନ୍ତାଳବିଧି ଅନୁସାରେ ବାହାପୂଜା ନହେବା ପର୍ଯ୍ୟନ୍ତ କେହି ଫୁଲତୋଳନ୍ତି ନାହିଁ କିମ୍ବା ଖାଇବାଯୋଗ୍ୟ ଜଙ୍ଗଲି ଫୁଲକୁ ମଧ କେହି ଖାଆନ୍ତି ନାହିଁ। ପ୍ରକୃତିମାତାର ଏହି ଉପହାରକୁ ବଙ୍ଗାମାନଙ୍କୁ (ଠାକୁରଗୋସାଇଁ) ଅର୍ପଣ କରିସାରିଲା ପରେ ହିଁ ସେମାନେ ବ୍ୟବହାର କରିଥାନ୍ତି । ତେବେ ଏହି ମାସରେ ବାହାଘର କରିବା ଅତ୍ୟନ୍ତ ଶୁଭଦାୟକ ହୋଇଥିବାରୁ ଘରର ପିତାମାତା ଓ ଅନ୍ୟାନ୍ୟ ଗୁରୁଜନମାନେ ପୁଅଘର ଏବଂ ଝିଅଘରକୁ ଯାଇ ଶୁଭଲଗ୍ନ ଦେଖି ପୁଅ-ଝିଅଙ୍କୁ ବିବାହ ବନ୍ଧନରେ ବାନ୍ଧି ଦେଇଥାନ୍ତି । ତେଣୁ ଫଗୁଣମାସର ଶୁକ୍ଳପକ୍ଷ (ମୁଲୁଗ୍‌ମଣେମାହା)ରେ ବାହା ପାରାବ୍/ବଙ୍ଗା ଆୟୋଜନ କରାଯାଏ। ବାହା ପାରାବ୍ ସାନ୍ତାଳମାନଙ୍କ ଏକ ପ୍ରମୁଖ 'ପୂଜା ପର୍ବ', ଏହାକୁ ଓଡ଼ିଆରେ ଫୁଲ ପର୍ବ ମଧ କୁହାଯାଏ । ଫୁଲ ପାଇଁ ଯେଉଁ ପର୍ବ ପାଳନ କରାଯାଏ, ତାହାକୁ ବାହା ପାରାବ୍ କୁହାଯାଏ। ଏହା ସାନ୍ତାଳମାନଙ୍କ ଦ୍ୱିତୀୟ ମୁଖ୍ୟ ପର୍ବ। ତେବେ ପ୍ରତି ସାନ୍ତାଳଗ୍ରାମରେ ବିଧି ଓ ତିଥି ଅନୁସାରେଏହି ପର୍ବ ଫଗୁଣମାସର ଶୁକ୍ଳପକ୍ଷଠାରୁ ଆରମ୍ଭ କରି ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳିତ ହୋଇଥାଏ। ବାହା ପର୍ବ/ବଙ୍ଗା ଆରମ୍ଭ ହୁଏ ଉମ୍ ବା ସ୍ନାନ, ଯାହାକୁବ ।ହାବଙ୍ଗାର ପ୍ରଥମ ଦିନ ବୋଲି ବିବେଚନା କରାଯାଏ। ଏହାକୁ ଦେବସ୍ନାନ ମଧ କୁହାଯାଏ। ଗ୍ରାମବାସୀମାନେ ମିଶି ଜାହିରା ପୀଠରେ ଥିବା ଶାଳଗଛ ମୂଳରେ ଏକପାଖିଆ ଚାଳିଆ ପ୍ରସ୍ତୁତ କରିଥାନ୍ତି। ଏଥିରେ ତିନିଠାକୁର ରହନ୍ତି। ଅନ୍ୟ ଚାଳିଆଟି ମହୁଲ ଗଛ ମୂଳରେ ପ୍ରସ୍ତୁତ କରାଯାଏ। ସେଥିରେ ଗୋସାଇଁ ଏରା ପୂଜା ପାଆନ୍ତି। ପାଖାପାଖି ଅନ୍ୟାନ୍ୟ ବୃକ୍ଷମୂଳରେ ସୀମାଶାଳେ ବଙ୍ଗା ବାସକରନ୍ତି। ସେଠାରେ ମଧ ଗ୍ରାମବାସୀ ମାନେ ଚାଳିଆ ତିଆରି କରିଥାନ୍ତି। ତେବେ ଚାଳିଆ ତିଆରି କରିବା ପାଇଁ ଗ୍ରାମବାସୀମାନେ ରୀତିନୀତି ଓ ବିଧି ଅନୁସାରେ ନିଷ୍ଠାପର ରହିବାକୁ ପଡିଥାଏ। ଚାଳିଆ ନିର୍ମାଣ ସରିଲା ପରେ ଗାଁର ପୁରୋହିତ ଚଟାଣକୁ ଗୋବରରେ ଲିପି ସଫାକରନ୍ତି । ତା'ପରେ ଗ୍ରାମ ପୁରୋହିତ ଦେବତାମାନଙ୍କୁ ସ୍ନାନ କରିବା ସହିତ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଯଥା- ତ୍ରିଶୂଳ, ଧନୁତୀର, ଟାଙ୍ଗୀ, କେନ୍ଦ୍ରା, ସିଙ୍ଘଶଙ୍ଖ, ବଇଁଶି ଆଦି ପାଣିରେ ଧୋଇସଫାକରିଥାଁ ।ଗ୍ରାମବାସୀମାନେ ଏହିକାର୍ଯ୍ୟରେ ପୁରୋହିତଙ୍କୁସାହାଯ୍ୟକରିଥାଁ । ପୁରୋହିତଙ୍କ ସମେତ ଚାଳିଆ ପ୍ରସ୍ତୁତ କରିଥିବା ଗ୍ରାମବାସୀମାନେ ଦିନ ସାରା ଉପବାସରେ ରହିଥାନ୍ତି। ବାହାବଙ୍ଗାର ଦ୍ୱିତୀୟ ଦିନରେ ଭୋରରୁ ପୁରୋହିତଏବଂ ଉପପୁରୋହିତ ସ୍ନାନାଦି କାର୍ଯ୍ୟ ସମାପନ କରନ୍ତି। ଏହି ଅବସରରେ ଉପପୁରୋହିତ ପୂଜା ପାଇଁ ଘଟ ଆଣନ୍ତି ଏବଂ ପୁରୋହିତ ନୂଆକୁଲାରେ ସମସ୍ତ ପୂଜା ସରଞ୍ଜାମ ସଜାଇ ଜାହିରା ପୀଠକୁ ଯାଆନ୍ତି। ପରେପରେ ଗ୍ରାମର ଅନ୍ୟମାନେ ପୁରୋହିତଙ୍କ ପଛେପଛେ ଜାହିରା ପୀଠକୁ ଯାଆନ୍ତି। ସେଠାରେ ଚାଳିଆତଳେ ପୂଜାପାଇଁ ଅରୁଆଚାଉଳ ତିଆରିଚୂନାରେ ପୁରୋହିତ 'ଖଣ୍ଡ୍' ପ୍ରସ୍ତୁତକରନ୍ତି। ତା'ପରେ ଗ୍ରାମରମୁଖ୍ୟ ଦେବତା ମାରାଂବୁରୁ, ଜାହେର୍ ଆୟୋ / ଜାହେର୍‌ଏରା, ମଣେକ-ତୁରୁୟକ, ଲିଟାଗୋସାଇଁ, ଶିକାରୀ ଦେବଦେବୀ, ରଙ୍ଗବୁଢ଼ୀ, କୃଷିଦେବୀ ଆଦିଙ୍କୁ ପୂଜା ଅର୍ପଣ କରାଯାଏ ।ଗ୍ରାମର ପୁରୋହିତଶାଳ, ମହୁଲ, ଚିଙ୍ଗୁଡ଼ି, ପଳାଶ ଫୁଲସହିତ ଆୟକଷି, ଆୟଡ଼ା ଓ ଅନ୍ୟାନ୍ୟ ଜଙ୍ଗଲଜାତ ଫୁଲଫଳକୁ ଜାହିରାଠାକୁରଙ୍କ ଉଦ୍ଦେଶ୍ୟରେ ଅର୍ପଣ କରନ୍ତି। ତତ୍ ସଙ୍ଗେସଙ୍ଗେ ବଳି ପ୍ରଦାନକରି ଗୁହାରୀ କରିଥାନ୍ତି, 'ଜୁହାର୍ ଗୋସାଇଁ, ମା'ତବେ, ନଃଅୟବାହାବଙ୍ଗାଞ୍ଜୁ ତୁମ୍‌ତେ ଏମାମ୍‌କାନ୍‌ଚାଲାମ୍‌କାନାଲେ, କୁସିତେରା ସ୍କାତେ ଆତାଙ୍ଗ୍‌କାଃତେଲାକାଃତାଲେମେ। ଦେ ଏନ୍‌ଦ ନାଆଁବାହା, ନାଆଁ ଯଅ ଜମାଲେହାବ୍ ଆଲେ, ଲାଜ୍‌ହାସୁବହଃହାସୁକ ଆଲାମ୍‌ଶିରଜାଅ ଅଚୟସାଉଂରୋଗ୍‌ବେମାର୍, ବାଦୀ-ବାୟରିଲା ଗାଗିଡ଼ିକାକମେ। କୁଲିକଲାଗିଦ୍ ହଁ ଦିଶମ୍‌ପେଲାକ ଆୟୁର୍ ଆଗୁସୁତୁଃ ଆଗୁକମେ। କଳାକହଁ ଯାହାଁ କାମିଲାଗିଦ୍‌କ ସେନଃହର ତାକସାର୍‌କାଃସାଗୁ ନ୍‌କାଃମେ। ଅର୍ଥାତ, 'ଜୁହାରଗୋସାଇଁ, ଆଜିବାହା ପର୍ବ ଅବସରରେ ଅର୍ପଣ କରୁଅଛୁ, ଖୁସିରେ ଗ୍ରହଣ କରିବ, ଏହି ଯେ ନୂଆ ଫଳ, ନୂଆ ପୁଷ୍ପକୁ ତୋଳିବୁ, ଖାଇବୁ, ଯେମିତି ପେଟବ୍ୟଥା, ମୁଣ୍ଡବ୍ୟଥା ନହେଉ। ରୋଗ, ବେମାର ଓ ବାହ୍ୟ ଶତ୍ରୁ କବଳରୁ ରକ୍ଷାକରି ସେମାନଙ୍କୁ ଭଗେଇ ଦିଅ ଗୋସାଇଁ। ଯୁବତୀମାନଙ୍କ ପ୍ରସ୍ତାବ ଆଣିବାରେ ତୁମେ ହଁ ସାହାଯ୍ୟ କରିବ। ଯୁବକମାନେ ତୁମରି ନାମନେଇ ଯେଉଁ ଶୁଭ କାର୍ଯ୍ୟରେ ଆଗେଇବେ, ସେମାନଙ୍କୁ ସଫଳ କରିବ ଗୋସାଇଁ। ପୂଜା ସରିବା ପରେ ବଳିଗୁଡ଼ିକର ମାଂସରେ 'ଶଳେ ଦାକା' ଅର୍ଥାତ୍‌ଖେଚୁଡ଼ିକରିସମସ୍ତଙ୍କୁଖାଇବାକୁ ପ୍ରସାଦ ରୂପେ ଦିଆଯାଏ। ଉପବାସରେ ରହିଥିବା ପୁରୋହିତଙ୍କ ସମେତ ଗ୍ରାମବାସୀମାନେ ବଳି ପଡ଼ିଥିବା ମୁଣ୍ଡମାଂସକୁ ଅବଶିଷ୍ଟ ଚୂନାରେ ମିଶାଇ ପ୍ରସାଦ ପ୍ରସ୍ତୁତ କରି ଖାଆନ୍ତି ।ବାହା ପୂଜାର ଶେଷ ପର୍ଯ୍ୟାୟରେ ପୁରୋହିତ ସମସ୍ତଙ୍କୁ ଫୁଲ ଦିଅନ୍ତି ।ତା'ପରେସାନ୍ତାଳଲୋକମାନେ ସେଦିନଠାରୁବନ୍ୟଜାତ ଫୁଲଫଳକୁ ବ୍ୟବହାର କରିଥାନ୍ତି। ଏହାପରେ ଯୁବକମାନେ ପଗଡ଼ି ଓ ଯୁବତୀମାନେ ଖୋସାରେ ଶାଳଫୁଲ ଖୋସି ନୃତ୍ୟଗୀତ କରି ଗ୍ରାମାଭିମୁଖେ ଯାତ୍ରାକରିଥାନ୍ତି । ପୁରୋହିତ ଦମ୍ପତି, ତାଙ୍କ ପଛକୁ ଉପ-ପୁରୋହିତ ଦମ୍ପତି ଏବଂତାଙ୍କ ପଛକୁ ନୃତ୍ୟରତ ତରୁଣ ତରୁଣୀମାନେ ମାଦଳର ତାଳେତାଳେ ଏହି ଶୋଭାଯାତ୍ରାରେ ସେମାନଙ୍କୁ ନିଜଘରେ ପହଞ୍ଚାଇ ସାରିବା ପରେ ସମସ୍ତେ ନିଜ ନିଜଘରକୁ ଚାଲିଯା'ନ୍ତି । କଳାପ୍ରେମୀମାନେ ରାତିସାରା ନାଚଗୀତ ଆୟୋଜନ କରି ସମସ୍ତେ ହସଖୁସିରେ ଝୁମନ୍ତି।

ବାହା ପର୍ବର ତୃତୀୟ ଦିନରେ ଅର୍ଥାତ୍ 'ଆଗ୍ରାଲା' ଦିବସ ପ୍ରଥା ରହିଛି। ତେବେ ଯେଉଁମାନେ 'ସହରାଇ' ପର୍ବରେ ପିତୃପୁରୁଷମାନଙ୍କୁ ପୂଜା କରି ନଥାନ୍ତି ସେମାନେ ଏହି ଦିନରେ ଗୃହ ଦେବତାଙ୍କୁ ପୂଜାର୍ପଣ କରି ଆଶୀର୍ବାଦ ଓ ଶୁଭାଶିଷ ପାଇଥାନ୍ତି। ଏହି ଅବସରରେ ସମସ୍ତ ବନ୍ଧୁବାନ୍ଧବ ନିମନ୍ତ୍ରିତ ହୋଇ ଆସିଥାନ୍ତି। ସେଦିନ ସମସ୍ତଙ୍କ ଘରେ ଭୋଜିଭାତର ଆସର ଦେଖିବାକୁ ମିଳିଥାଏ। ଆନନ୍ଦ ଓ ଉଲ୍ଲାସରେଏହି ଦିନଗୁଡ଼ିକ ବିତିଯାଏ। କିନ୍ତୁ ଏହି ଦିନରେ ଗ୍ରାମବାସୀମାନେ ବଣଜଙ୍ଗଲକୁ ଶିକାର କରିବାକୁ ଯାଆନ୍ତି। ପ୍ରଥା ଅନୁସାରେ ପକ୍ଷୀ ହେଉ କିମ୍ବା ଯେ କୌଣସି ଜୀବଟିଏ ଶିକାର କରି ଆଣିଲେ ତାହା ଶୁଭ ବୋଲି ବିବେଚନା କରାଯାଏ। କୌଣସି କାରଣ ବଶତଃ ଯଦି ଶିକାର ନମିଳେ ତେବେ ବିଧି ରକ୍ଷା ପାଇଁ ଗ୍ରାମ ମୁଖ୍ୟଙ୍କ କୁକୁଡ଼ାକୁ ଶିକାର କରିଥାନ୍ତି । ତା'ପରେ ସନ୍ଧ୍ୟା ସମୟରେ ପୁରୋହିତଙ୍କ ଘରେ 'ଆଗ୍ରାଲା' ମାଙ୍ଗଳିକ କାର୍ଯ୍ୟ ବିଧି ଅନୁସାରେ ସମ୍ପନ୍ନ ହୁଏ। ଏହି କାର୍ଯ୍ୟ ସରିବା ପରେ ଉପବାସରେ ରହିଥିବା ପୁରୋହିତଙ୍କ ଉପବାସ ଭାଙ୍ଗିବା ପାଇଁ ପ୍ରଥମେ ତାଙ୍କ ଘରେ ଉପପୁରୋହିତଙ୍କ ସମେତ ଅନ୍ୟମାନେ ହାଣ୍ଡିଆ ପିଇବାର ବ୍ୟବସ୍ଥା କେଉଁକାଳରୁ ରହିଆସିଛି। ତା'ପରେ ଗ୍ରାମବାସୀମାନେ ଗୀତ ଗାଇଗାଇ 'ବାହାପାରାବ୍/ବଙ୍ଗା'କୁ ଉଲ୍ଲାସରେ ବିଦାୟ ଦେଇଥାନ୍ତି।

♥ ଦୁର୍ନୀତି ନିବାରଣ ଅଧିକାରୀ,
ବାଲେଶ୍ୱର ଖଣ୍ଡ, ବାଲେଶ୍ୱର,
ମୋ-୯୩୩୭୪୦୪୨୫୪

# ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର ନୂଆଗାଁରେ ରକ୍ତଦାନ ଶିବିର




ଲଙ୍ଗଳେଶ୍ୱର , ୧୬/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନୂଆଗାଁ ପଞ୍ଚାୟତ ରେ ଥିବା ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର ରେ ରୋଟାରୀ କ୍ଲବ ବାଲେଶ୍ୱର ଏବଂ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିର ନୂଆଗାଁ ଆନୁକୂଲ୍ୟରେ ଏକ ବିରାଟ ରକ୍ତଦାନ ଓ ଡାଇବେଟିସ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି । ଉକ୍ତ ଶିବିର କୁ ରୋଟାରି କ୍ଲବ ସମ୍ପାଦକ ସୁଧାଂଶୁ ପଣ୍ଡା ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଶିଶୁ ମନ୍ଦିରର ସମ୍ପାଦକ ଶ୍ରୀ ରଞ୍ଜନ କୁମାର ବେହେରା ରକ୍ତଦାନ କରିବା ଭଳି ମହତ ଦାନ କରି ଅନ୍ୟର ଜୀବନ ବଞ୍ଚାଇବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ରୋଟାରୀୟାନ ଶ୍ରୀ ଚିତ୍ତ ରଞ୍ଜନ ନାୟକଙ୍କ ସହଯୋଗରେ ଏହି ରକ୍ତଦାନ ଶିବିର ଆୟୋଜନ ହୋଇଥିଲା । ଶିଶୁ ମନ୍ଦିରର ପରିଚାଳନା କମିଟିର ସଦସ୍ୟଙ୍କ ସହିତ ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା ବରିଷ୍ଠ ଗୁରୁଜୀ ଗଦାଧର ବେହେରା, ପରମାନନ୍ଦ ପରିଡା, ନିଆସି ରଂଜିତ, ଅଶୋକ ଦାସ, ସାଇ ବିକାଶ ବେହେରା, ଉମାଶଙ୍କର ପଣ୍ଡା, ଧରଣୀଧର ନାୟକ, ଗୁରୁମା ଅଞ୍ଜୁବାଳା ମିଶ୍ରି, ରଶ୍ମିତା ପାଢ଼ୀ, ସରସ୍ୱତୀ ଅଣ୍ଡିଆ, ରଶ୍ମିତା ରାଉତ, ଜୟନ୍ତୀ ଦାସ, ଶାନ୍ତିଲତା ଜେନା, ସାବିତ୍ରୀ ପଣ୍ଡା, ରଶ୍ମିତା ପ୍ରଧାନ, ସରସ୍ୱତୀ ସାମନ୍ତରାୟ, ଛବିରାଣୀ ପରିଡା ଏବଂ ବିଦ୍ୟାଳୟ ର ଅନ୍ୟ କର୍ମକର୍ତ୍ତା ତତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା । ଏହି ଅବସର ରେ ସାମ୍ବାଦିକ ପ୍ରଭାତ କୁମାର ଦାସ, ସଞ୍ଜୟ କୁମାର ଗିରି ସାମ୍ବାଦିକା ପ୍ରତିମା ଜେନା ଉପସ୍ଥିତ ରହି ଶିବିରକୁ ଆସିଥିବା ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ସମାଜସେବି ଗୋବିନ୍ଦ ବେହେରା, ଅଞ୍ଜନ ବେହେରା, ଶିବ ପ୍ରସାଦ ବେହେରା, ବିରସେନ ବେହେରା, ରାମକୃଷ୍ଣ ବିଶ୍ୱାଳ, ପ୍ରମୁଖ ଯୋଗଦାନ କରିଥିଲେ । ଏହି ଶିବିରରେ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

## ମତଦାନ ସାବ୍ୟସ୍ତ କରିବେ ୩ କୋଟି ୩୪ ଲକ୍ଷ ଭୋଟର

ଭୁବନେଶ୍ୱର, ୧୬/୩ (ନି.ପ୍ର): ଓଡିଶାରେ ମୋଟ ୪ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବ । ୧୪୭ ବିଧାନସଭା ଓ ୨୧ ଲୋକସଭା ନିର୍ବାଚନ ମଣ୍ଡଳୀରେ ଭୋଟ୍ ପଡିବ। ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା ପାଇଁ ୩୦ ଜଣ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସହିତ ୨୧ ଜଣ ରିଟର୍ଣ୍ଣିଂ ଅଫିସର (ଲୋକସଭା) , ୧୩୧ ଜଣ ରିଟର୍ଣ୍ଣିଂ ଅଫିସର (ବିଧାନସଭା) ଏବଂ ୨୯୪ ଜଣ ସହକାରୀ ରିଟର୍ଣ୍ଣିଂ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଓଡିଶାରେ ଏବେ ୩ କୋଟି ୩୪ ଲକ୍ଷ ୭୩ ହଜାର ୫୬୧ ଜଣ ଭୋଟର ରହିଛନ୍ତି । ସେମାନଙ୍କ ଭିତରୁ ୧ କୋଟି ୬୯ ଲକ୍ଷ ୫୫ ହଜାର ୩୬୯ପୁରୁଷ ଭୋଟର ହେଇଥିବାବେଳେ, ୧ କୋଟି ୬୫ ଲକ୍ଷ ୧୪ ହଜାର ୭୫୪ ହେଉଛନ୍ତି ମହିଳା ଭୋଟର । ସେହିପରି ରାଜ୍ୟରେ ୩୪୩୮ ତୃତୀୟ ଲିଙ୍ଗୀ ଭୋଟର ଓ ପାଖାପାଖି ୮ ଲକ୍ଷ ୧୮ରୁ ୧୯ ବର୍ଷ ବୟସ୍କ ଭୋଟର ରହିଛନ୍ତି । ଏଥିସହ ରାଜ୍ୟରେ ୩୦ ହଜାର ୬୫୩ ମତଦାନ ସ୍ଥାନରେ ୩୭ ହଜାର ୮୦୯ ମତଦାନ କେନ୍ଦ୍ର ରହିଛି ବୋଲି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ।

# ବେତନଟୀର ବୋହୂ ଦେଶରେ ୫ ଜଣ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ସ୍ଥାନ ପାଇପାରିଛନ୍ତି



ବେତନଟୀ, ୧୬/୩ (ନି.ପ୍ର): ସର୍ବଭାରତୀୟସ୍ତରରେ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କୁ ନେଇ ଦେଶର ଅର୍ଥନୈତିକ ବ୍ୟବସ୍ଥାର ସମୀକ୍ଷା କରୁଥିବା ବିଜନେସ ୱାଲ୍ଡ ପତ୍ରିକାରେ ପ୍ରକାଶିତ ହୋଇଥିବା ଦେଶର ୫ଜଣ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ବେତନଟୀ ର ବୋହୂ ପୁନମ ଗୁପ୍ତା ସ୍ଥାନ ପାଇପାରିଛନ୍ତି। ଏହି ପୁନମ ଗୁପ୍ତା ହେଉଛନ୍ତି ବେତନଟୀ ର ପୁଅ ଦୀପକ ମିଶ୍ରଙ୍କ ପତ୍ନୀ । ଦୀପକ ମିଶ୍ର ବିଶ୍ୱବ୍ୟାଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟକରିଥିବା ବେଳେ ବର୍ତ୍ତମାନ ସେ ଦି ଇଣ୍ଡିଆନ କାଉନସିଲ ଫର ରିସର୍ଚ୍ଚ ଅନ ଇଣ୍ଟରନ୍ୟାସ ନାଲ ଇକୋନୋମିକ ରିଲେସନ୍ସ (ଆଇ.ସି.ଆର.ଆଇ.ଇ.ଆର)ର ନିର୍ଦ୍ଦେଶକ ତଥା ଚିଫ ଏକଜିକ୍ୟୁଟିଭ ଅଛନ୍ତି। ଦୀପକ ମିଶ୍ରଙ୍କ ପତ୍ନୀ ପୁନମ ଗୁପ୍ତା ନ୍ୟାସନାଲ କାଉନସିଲ ଅଫ ଏପ୍ଲାଏଡ ଇକୋନୋମିକ ରିସର୍ଚ୍ଚ (ଏନ.ସି.ଏ.ଇ.ଆର)ର ଡାଇରେକ ଜେନେରାଲ ସାଙ୍ଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅର୍ଥନୈତୀକ ପରାମର୍ଶ ପରିଷଦର ସଦସ୍ୟା ମଧ ରହିଛନ୍ତି। ଏହା ପୂର୍ବରୁ ପୁନମ ଗୁପ୍ତା ବିଶ୍ୱବ୍ୟାଙ୍କ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିବାର ଅଭିଜ୍ଞତା ରଖୁଛନ୍ତି । ଏ ସମ୍ପର୍କରେ ପୁନମ ଗୁପ୍ତା ଙ୍କ ଶଶୁର ତଥା ଦୀପକ ମିଶ୍ରଙ୍କ ବାପା ଅଜିତ ମିଶ୍ର ଙ୍କ ସହିତ ଯୋଗାଯୋଗ କରିଥିଲୁ । ସେ ବେତନଟୀ ବାସଗୃହ ରେ ରହୁଥିବା ବେଳେ ତାଙ୍କ ସୂଚନା ଅନୁସାରେ ପୁନମ ଗୁପ୍ତା ଙ୍କ ର ଶିକ୍ଷାଗତ ଯୋଗ୍ୟତା ଅର୍ଥନୀତି ରେ ଏମେ ପାସ କରିଛନ୍ତି। ଏବଂ ୧୯୯୨ ମସିହା ରେ ତାଙ୍କ ପୁତ୍ର ଙ୍କୁ ସେ ବିବାହ କରିଥିଲେ। ପୁନମ ଗୁପ୍ତା ଚାକିରି କାଳ ୨୪ ବର୍ଷ ହୋଇଥିବା ବେଳେ ଏବେ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କୁ ଆମେରିକା ର ୱାସିଙ୍ଗଟନ ରେ ରହୁଛନ୍ତି । ପ୍ରତି ଦୁଇ ମାସରେ ଥରେ ବାପା ଅଜୀତ ମିଶ୍ର ଓ ରମା ମିଶ୍ର ଙ୍କୁ ଦେଖିବା ପାଇଁ ବେତନଟୀ ବାସଭବନ କୁ ଆସନ୍ତି ବୋଲି ଅଜିତ ମିଶ୍ର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ତାଲିକରେ ଆଦିବାସୀ ଅଧ୍ୟଷିତ ମୟୂରଭଞ୍ଜ ର ବିଜନେସ ୱାଲ୍ ? ପତ୍ରିକାରେ ପ୍ରକାଶିତ ଦେଶର ୫ଜଣ ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ମୟୂରଭଞ୍ଜ ମାଟିର ଝିଅ ତଥା ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦୌପଦୀ ମୁର୍ମୁଙ୍କ ସମେତ କେନ୍ଦ୍ରସରକାରଙ୍କର ରାଜ୍ୟପାହ୍ୟା ଶିକ୍ଷାମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ଇସ୍ରୋର ବୈଜ୍ଞାନିକ ରୀତୁ କରିଢାଲ ଏବଂ ମହିଳା ଓ ଶିଶୁକଲ୍ୟାଣ ବିଭାଗର କେନ୍ଦ୍ରମନ୍ତ୍ରୀ ସ୍ମୃତି ଜୁବିନ ଇରାନୀ ରହିଥିବାର ଜଣାପଡିଛି।

# ସିଆଇଆଇ ଓଡିଶାର ବାର୍ଷିକ ବୈଠକରେ ଏଏମ/ଏନଏସ ଇଣ୍ଡିଆକୁ ସମ୍ମାନଜନକ କ୍ୱାଲିଟି ସର୍କଲ୍ ସହ ଏଚଏସଇ ଏକ୍ସଲେନ୍ସି ପୁରସ୍କାର




ପାରାଦ୍ୱୀପ , ୧୬/୩ (ନି.ପ୍ର): କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ପକ୍ଷରୁ ଆୟୋଜିତ ଓଡ଼ିଶା ବାର୍ଷିକ ବୈଠକ ୨୦୨୪ରେ ଏଏମ/ଏନଏସ ଇଣ୍ଡିଆକୁ ଦୁଇଟି ବିଭାଗରେ ସମ୍ମାନଜନକ ପୁରସ୍କାର, କ୍ୱାଲିଟି ସର୍କଲ୍ ସହ ଏଚଏସଇ (ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପରିବେଶ) ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି । ଓଡ଼ିଶାର ସରକାରଙ୍କ ଇଣ୍ଡଷ୍ଟ୍ରିଜ୍ ବିଭାଗର ସ୍ୱତନ୍ତ୍ର ସଚିବ ଭୁପେନ୍ଦ୍ର ସିଂ (ଆଇଏଏସ୍), କମ୍ପାନୀ ଅଧିକାରୀଙ୍କୁ ଉଭୟ ପୁରସ୍କାର ପ୍ରଦାନ କରିଥିଲେ। ୭୦ ରୁ ଅଧିକ କମ୍ପାନୀ ଏଥିରେ ଅଂଶଗ୍ରହଣ କରିଥିବା ବେଳେ ସ୍ୱାଧୀନ ଜୁରି ପ୍ୟାନେଲ୍ ପ୍ରତ୍ୟେକ ବର୍ଗରେ ବିଜେତାମାନଙ୍କୁ ସ୍ଥିର କରିଥିଲା । ଏହି ପୁରସ୍କାର ଜିତିବା ଦ୍ୱାରା ଗୁଣବତ୍ତା, ନିରାପତ୍ତା ଏବଂ ସ୍ଥାୟୀତ୍ୱରେ ଉତ୍କର୍ଷତା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରମାଣିତ କରିବା ସହ କାର୍ଯ୍ୟକ୍ଷମ ଉତ୍କର୍ଷତା ପ୍ରତି ଏହାର ନିରନ୍ତର ପ୍ରୟାସକୁ ଦର୍ଶାଉଛି । କ୍ୱାଲିଟି ସର୍କଲ୍ ପୁରସ୍କାର, ଗୁଣବତ୍ତା ବୃଦ୍ଧି ଏବଂ ନବସୃଜନ ପାଇଁ ଏଏମ/ଏନଏସ ଇଣ୍ଡିଆର ଉତ୍ସର୍ଗୀକୃତତାର ଏକ ପ୍ରମାଣ ଅଟେ । ଏଚଏସଇ ଉତ୍କର୍ଷ ପୁରସ୍କାର ଏଏମ/ଏନଏସ ଇଣ୍ଡିଆର କାର୍ଯ୍ୟକ୍ଷେତ୍ରରେ ସର୍ବୋଚ୍ଚ ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପରିବେଶ ପଦକ୍ଷେପ ନିଶ୍ଚିତ କରିବାକୁ ପ୍ରତିବଦ୍ଧତାକୁ ସ୍ୱୀକୃତି ମିଳିଛି । କର୍ମଚାରୀଙ୍କ ତାଲିମକୁ ପ୍ରାଧାନ୍ୟ ଦେଇ ଏବଂ କଠୋର ସୁରକ୍ଷା ପ୍ରୋଟୋକଲଗୁଡିକ କାର୍ଯ୍ୟକାରୀ କରି, କମ୍ପାନୀ ସଫଳତାର ସହ ଏକ ପରିବେଶ ବିକଶିତ କରିଛି ଯେଉଁଠାରେ ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପରିବେଶ ଉପରେ ଗୁରୁତ୍ୱ ଦେବା କେବଳ ପ୍ରାଥମିକତା ନୁହେଁ, ବରଂ ପ୍ରତ୍ୟେକ କର୍ମଚାରୀ ଏବଂ ସହଭାଗୀଙ୍କୁ ଗୁରୁତ୍ୱ ଦିଆଯାଉଛି। ଏହି ପୁରସ୍କାର ସମ୍ପର୍କରେ ଏଏମ/ଏନଏସ ଇଣ୍ଡିଆ ଓଡିଶା ଅପରେସନ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୁରେଶା ଜି, କହିଛନ୍ତି ଯେ ଆମର କାର୍ଯ୍ୟର ସମସ୍ତ ଦିଗରେ ଉତ୍କର୍ଷତା କାର୍ଯ୍ୟକାରିତାରେ ଆମ ଦଳର ଉଦ୍ୟମକୁ ସ୍ୱୀକୃତି ଦେଇଥିବାରୁ ଆମେ ସିଆଇଆଇକୁ ଧନ୍ୟବାଦ ଜଣାଉଛୁ। ଏହି ପୁରସ୍କାର ସମଗ୍ର ଏଏମ/ଏନଏସ ଇଣ୍ଡିଆ ଦଳ ପାଇଁ ଗୁଣବତ୍ତା, ନିରାପତ୍ତା ଏବଂ ସ୍ଥିରତା ପ୍ରଦର୍ଶନ ଉପରେ କ୍ରମାଗତ ଭାବରେ ଆଶା ସ୍ତର ବଢ଼ାଇବା ପାଇଁ ଏକ ପ୍ରେରଣା ଭାବରେ କାର୍ଯ୍ୟ କରିଛି ।"


## ବିବେକାନନ୍ଦ ଶିକ୍ଷାକେନ୍ଦ୍ର

ନାମଲେଖା ଚାଲୁଅଛି

ରେମୁଣା, ବାଲେଶ୍ୱର

ନାମଲେଖା ଚାଲୁଅଛି

UDISE Code -21080929971

**ନାମଲେଖା ବିଜ୍ଞାପନ**

ଏତଦ୍ୱାରା ଜନସାଧାରଣଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରେମୁଣା ବାଲେଶ୍ୱରର ନାମ ଲେଖାଇବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନଙ୍କର ଅଭିଭାବକ ଅଭିଭାବିକାଙ୍କ ନିମନ୍ତେ ଶିକ୍ଷାଧିକାର ଆଇନ ୨୦୦୯ ଧାରା ୧୨ (ସି) ଅନୁଯାୟୀ ନିଃଶୁଳ୍କ ନାମଲେଖା ଶିକ୍ଷାବର୍ଷ ୨୦୨୪-୨୫ ପାଇଁ https://rteparadarshi.odisha.gov.in ପୋଟାର୍ଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଅଛି। ସାମାଜିକ ଓ ଆର୍ଥିକ ଅନଗ୍ରସର (ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, ଏଚଆଇଭି ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ ଓ ପଥପ୍ରାପ୍ତ)ଶିଶୁମାନଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ ରହିଛି।

**ବି.ଦ୍ର: ଶିକ୍ଷକ, ଶିକ୍ଷୟିତ୍ରୀ ଆବଶ୍ୟକ। ଶିକ୍ଷାଗତ ଯୋଗ୍ୟତା ବି.ଏ (ବିଇଡି), ବି.କମ୍ (ବିଇଡି), ବି.ଏସସି(ବିଇଡି)। ୨ ବର୍ଷରୁ ଅଧିକ ଅଭିଜ୍ଞ ଶିକ୍ଷକମାନଙ୍କୁ ଅଗ୍ରାଧିକାର ଦିଆଯିବ।**

**ସମ୍ପାଦକ**
ବିବେକାନନ୍ଦ ଶିକ୍ଷାକେନ୍ଦ୍ର
ରେମୁଣା, ବାଲେଶ୍ୱର

ମୋ : ୯୦୪୦୫୧୬୮୪୮, ୯୪୩୭୨୬୭୨୭୮, ୯୪୩୮୩୨୧୧୮୯



## ଶ୍ରୀଧର ସ୍ୱାମୀ ଗୁରୁକୁଳ ଶିକ୍ଷାକେନ୍ଦ୍ର

ମୟୂରଗ୍ରାମ

UDISE Code -21080900781

NOC No- SSGSKMRI/371/2020

**ନାମଲେଖା ବିଜ୍ଞାପନ**

ଏତଦ୍ୱାରା ଜନସାଧାରଣଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ମୟୂରଗ୍ରାମ ବାଲେଶ୍ୱରର ନାମ ଲେଖାଇବାକୁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀମାନଙ୍କର ଅଭିଭାବକ ଅଭିଭାବିକାଙ୍କ ନିମନ୍ତେ ଶିକ୍ଷାଧିକାର ଆଇନ ୨୦୦୯ ଧାରା ୧୨ (ସି) ଅନୁଯାୟୀ ନିଃଶୁଳ୍କ ନାମଲେଖା ଶିକ୍ଷାବର୍ଷ ୨୦୨୪-୨୫ ପାଇଁ https://rteparadarshi.odisha.gov.in ପୋଟାର୍ଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଅଛି। ସାମାଜିକ ଓ ଆର୍ଥିକ ଅନଗ୍ରସର (ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, ଏଚଆଇଭି ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ ଓ ପଥପ୍ରାପ୍ତ)ଶିଶୁମାନଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ ରହିଛି।

**ପ୍ରଧାନ ଆଚାର୍ଯ୍ୟା**
ମୟୂରଗ୍ରାମ

MOB: 7735648744, 9861340413


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଦେଶରେ ୭ଟି ପର୍ଯ୍ୟାୟରେ....

ସେହିପରି ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ(ସମଗ୍ର ଦେଶରେ ପଂଚମ ପର୍ଯ୍ୟାୟ)ରେ ୫ଟି ଲୋକସଭା ଆସନ ଯଥା- ବରଗଡ଼,ସୁନ୍ଦରଗଡ଼,ବଲାଙ୍ଗୀର, କନ୍ଧମାଳ ଓ ଆସିକା ଲୋକସଭା ନିର୍ବାଚନମଣ୍ଡଳୀ ସମେତ ଏହା ଅନ୍ତର୍ଗତ ୩୫ଟି ବିଧାନସଭା ଆସନରେ ଭୋଟ୍ ଗ୍ରହଣ ହେବ । ଏଥିପାଇଁ ବିଧିବଦ୍ଧ ବିଜ୍ଞପ୍ତି ଏପ୍ରିଲ ୨୬ତାରିଖରେ ପ୍ରକାଶ ପାଇବା ସହ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ମେ' ୩ତାରିଖରେ ନାମାଙ୍କନ ପତ୍ର ଦାଖଲ ଶେଷଦିନ ରହିଛି । ମେ' ୪ରେ ନାମାଙ୍କନ ପତ୍ର ଯାଂଚ, ମେ' ୬ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଦିନଧାର୍ଯ୍ୟ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ମେ' ୨୦ତାରିଖରେ ହେବ ।

ସେହିପରି ରାଜ୍ୟରେ ତୃତୀୟ ପର୍ଯ୍ୟାୟ(ସମଗ୍ର ଦେଶରେ ଷଷ୍ଠ ପର୍ଯ୍ୟାୟ)ରେ ୬ଟି ଲୋକସଭା ଆସନ ଯଥା- ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, କଟକ, ପୁରୀ ଓ ଭୁବନେଶ୍ୱର ଲୋକସଭା ନିର୍ବାଚନମଣ୍ଡଳୀ ସମେତ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନରେ ଭୋଟ୍ ଗ୍ରହଣ ହେବ । ଏଥିପାଇଁ ବିଧିବଦ୍ଧ ବିଜ୍ଞପ୍ତି ଏପ୍ରିଲ ୨୯ତାରିଖରେ ପ୍ରକାଶ ପାଇବା ସହ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ମେ' ୬ତାରିଖରେ ନାମାଙ୍କନ ପତ୍ର ଦାଖଲ ଶେଷଦିନ ରହିଛି । ମେ' ୭ରେ ନାମାଙ୍କନ ପତ୍ର ଯାଂଚ, ମେ' ୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଦିନଧାର୍ଯ୍ୟ ହୋଇଛି । ତୃତୀୟ ପର୍ଯ୍ୟାୟ ଭୋଟ୍ ଗ୍ରହଣ ମେ' ୨୫ତାରିଖରେ ହେବ।

ସେହିପରି ସେହିପରି ରାଜ୍ୟରେ ଶେଷ ପର୍ଯ୍ୟାୟ(ସମଗ୍ର ଦେଶରେ ସପ୍ତମ ତଥା ଶେଷ ପର୍ଯ୍ୟାୟ)ରେ ୬ଟି ଲୋକସଭା ଆସନ ଯଥା- ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁରର ଲୋକସଭା ନିର୍ବାଚନମଣ୍ଡଳୀ ସମେତ ଏହା ଅନ୍ତର୍ଗତ ୪୨ଟି ବିଧାନସଭା ଆସନରେ ଭୋଟ୍ ଗ୍ରହଣ ହେବ । ଏଥିପାଇଁ ବିଧିବଦ୍ଧ ବିଜ୍ଞପ୍ତି ମେ' ୭ତାରିଖରେ ପ୍ରକାଶ ପାଇବା ସହ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ମେ' ୧୪ତାରିଖରେ ନାମାଙ୍କନ ପତ୍ର ଦାଖଲ ଶେଷଦିନ ରହିଛି । ମେ' ୧୫ରେ ନାମାଙ୍କନ ପତ୍ର ଯାଂଚ, ମେ' ୧୭ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଦିନଧାର୍ଯ୍ୟ ହୋଇଛି । ଚତୁର୍ଥ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଜୁନ ୧ତାରିଖରେ ହେବ ।

### ୪ ଦିନ ତାତିରୁ ମିଳିବ...

ତେବେ ନୂଆପଡ଼ା, ବଲାଙ୍ଗିର, ସୋନପୁର, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼,ଦେବଗଡ଼, କେନ୍ଦୁଝର, ଢ଼େଙ୍କାନଳ, ଅନୁଗୋଳ, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ କେତେକ ସ୍ଥାନରେ ବଜ୍ରପାତ ସହ ଘଡ଼ଘଡ଼ି ମାରିବାର ସମ୍ଭାବନା ରହିଛି। ସେହି ସମୟରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ମଙ୍ଗଳବାର ବୌଦ୍ଧ, ଅନୁଗୋଳ, ଦେବଗଡ଼, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା ଓ କଟକ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ଢେଙ୍କାନାଳ, ଯାଜପୁର, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ ଓ ଖୋର୍ଦ୍ଧା ଜିଲ୍ଲାରେ କେତେକ ସ୍ଥାନରେ ଘଡ଼ଘଡ଼ି ଏବଂ ବଜ୍ରପାତ ହେବାର ସମ୍ଭାବନା ରହିଛି। ସେହି ସମୟରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ୧୪ ପ୍ରସ୍ତାବକୁ କ୍ୟାବିନେଟ୍ ...

ସେହିପରି ରାଜ୍ୟରେ ବିଦ୍ୟୁତ ପରିବହନ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଶିଳ୍ପାନୁଷ୍ଠାନର ଚାହିଦା ପୂରଣ କରିବା ପାଇଁ ୬ଟି ନୂଆ ଗ୍ରୀଡ୍ ସବଷ୍ଟେସନ ନିର୍ମାଣ, ଟ୍ରାନ୍ସମିଶନ୍ ଲାଇନ ନିର୍ମାଣ, ସବଷ୍ଟେସନ ଅଟୋମେସନ ସିଷ୍ଟମ କାର୍ଯ୍ୟକାରୀ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ସେଥିପାଇଁ ରାଜ୍ୟରେ ନୂତନ ଭାବେ ସ୍ଥାପନ ହେବାକୁ ଥିବା ଶିଳ୍ପ ସଂସ୍ଥାଗୁଡ଼ିକର ବିଦ୍ୟୁତ ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ପାରାଦୀପ ପ୍ଲାଷ୍ଟିକ ପାର୍କ, ଅନୁଗୋଳ ଆଲୁମିନିୟମ ପାର୍କ, ଭଦ୍ରକ ଟେକ୍ସଟାଇଲ ପାର୍କ, ନେଉଳପୋଇ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟରେ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ଓ କାର୍ଯ୍ୟକ୍ଷମ ପରିବହନ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ୬ଟି ନୂଆ ଗ୍ରୀଡ୍ ଷ୍ଟେସନ ନିର୍ମାଣ ହେବ । ଏହି ପର୍ଯ୍ୟାୟରେ ମୋଟ ୧୮୪୫.୭୬କୋଟି ଟଙ୍କା ଖର୍ଚ୍ଚ ହେବ । ଏଥିରୁ ୩୦ ପ୍ରତିଶତ ଅର୍ଥାତ ୫୫୩.୭୩କୋଟି ଟଙ୍କା ଅଂଶଧନ ସହାୟତା ରାଜ୍ୟ ସରକାର ଯୋଗାଇ ଦେବେ । ବାକି ୭୦ ପ୍ରତିଶତ ଅର୍ଥାତ୍ ୧୨୯୨.୦୩କୋଟି ଟଙ୍କାକୁ ଓପିଟିସିଏଲ୍ ନିଜସ୍ୱ ସୂତ୍ରରୁ ବହନ କରିବ । ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ କାର୍ଯ୍ୟକ୍ରମ ଅଧୀନରେ ୫ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୭-୨୮ ମସିହା ମଧ୍ୟରେ ଏହା କାର୍ଯ୍ୟକାରୀ ହେବ । ଆଜିର କ୍ୟାବିନେଟ୍ ବୈଠକରେ ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶା ପରିବହନ ବ୍ୟବସ୍ଥା ସୁଦୃଢ଼ୀକରଣ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟରେ ଓପିଟିସିଏଲ୍ ଦ୍ୱାରା ରାଜ୍ୟ ସରକାରଙ୍କ ୩୦ ପ୍ରତିଶତ ଅଂଶଧନ ସହାୟତାରେ ୫ବର୍ଷ ମଧ୍ୟରେ ରାଜ୍ୟରେ ୨୧ଟି ନୂଆ ଓ ସୁଦୃଢ଼ୀକରଣ ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ଅନୁମୋଦନ ପ୍ରଦାନ କରିଛନ୍ତି। ପ୍ରାଣୀ ଚିକିତ୍ସା ବୈଷୟିକ ସେବା କ୍ୟାଡ଼ରର ପୁନର୍ଗଠନ ଓ ୧୧୩ଟି ନୂଆ ପଦବୀ ସୃଷ୍ଟିକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ।

### ନିର୍ଦ୍ଧାରିତ ସମୟରେ ବାହାରିବ ମାଟ୍ରିକ...

ସ୍କୁଲରୁ ହାର୍ଡ କପି ଆଣିପାରିବେ । ଡିଜିଟାଲ କପି ବି ହାର୍ଡକପି ପରି ଗୁରୁତ୍ୱ ବହନ କରିବ । ଛାତ୍ରଛାତ୍ରୀମାନେ ଏହି ସାର୍ଟିଫିକେଟ ବ୍ୟବହାର କରି ଉଚ୍ଚତର ଶିକ୍ଷା ପାଇଁ ଆବେଦନ କରିପାରିବେ। ଏବେ ନିର୍ବାଚନ ଡ୍ୟୁଟି ଯୋଗୁ ଶିକ୍ଷକମାନେ ଖାତା ଦେଖା ସହ ସେଥିରେ ମଧ ନିୟୋଜିତ ହେଉଛନ୍ତି। ଏଥିଯୋଗୁ ସାମାନ୍ୟ ଅଧିକ ଚାପ ପଡୁଥିଲେ ବି ନିର୍ଦ୍ଧାରିତ ସମୟରେ ରେଜଲ୍ଟ ବାହାର କରିବାକୁ ଟାର୍ଗେଟ ରଖାଯାଇଛି ବୋଲି କହିଛନ୍ତି ବୋର୍ଡ ସଭାପତି । ବୋର୍ଡ ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତି କହିଛନ୍ତି, ପ୍ରତିଦିନ ଶିକ୍ଷକମାନଙ୍କର ନିର୍ବାଚନ ଡ୍ୟୁଟି ପଡୁଛି। ତେଣୁ ପ୍ରତି ୟୁନିଟରୁ ଶିକ୍ଷକଙ୍କ ସଂଖ୍ୟା କମିଯାଉଛି। ଶିକ୍ଷକମାନେ ନିର୍ବାଚନ କାମ ସାରି ପରଦିନ ଡ୍ୟୁଟିରେ ଯୋଗ ଦେବାକୁ କୁହାଯାଇଛି। ୧୦ରୁ କମ୍ ? ଶିକ୍ଷକ ଥିଲେ ବି ଖାତଦେଖା କେବେ ବନ୍ଦ ହେବନି। ଏଥିସହ ସେ କହିଛନ୍ତି, କଡ଼ା ସୁରକ୍ଷା ବ୍ୟବସ୍ଥାରେ ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ଚାଲିଛି। ଖାତାଦେଖାରେ ନିୟୋଜିତ ଶିକ୍ଷକଶିକ୍ଷୟିତ୍ରୀ ସେଣ୍ଟର ସୁପରଭାଇଜର ଓ କ୍ୟାମ୍ପ ଅଫିସରଙ୍କ ନିକଟରେ ନିଜ ମୋବାଇଲ ହସ୍ତାନ୍ତର କରି ଭିତରକୁ ଯାଉଛନ୍ତି।

### ରାଜନୀତିରେ ଏଣ୍ଟ୍ରି କଲେ ଗାୟିକା....

ପାଇଲି,ଏହା ମୋର ସୌଭାଗ୍ୟ।' ଅନୁରାଧା ପଡୱାଲ ଜଣେ ବଲିଉଡର ଜଣେ ପସିଦ୍ଧ କଣ୍ଠଶିଳ୍ପୀ । ସେ ୯୦ ଦଶକରେ ବଲିଉଡ ଗୀତ ସାଙ୍ଗକୁ ଭଜନ ଗାଇ ବେଶ ଲୋକପ୍ରିୟତା ହାସଲ କରିଥିଲେ। ପ୍ରଥମ ଥର ପାଇଁ ସେ ବଲିଉଡ ଫିଲ୍ମ 'ଅଭିମାନ'ରେ ସଂସ୍କୃତରେ ଏକ ଶ୍ଳୋକ ଗାଇଥିଲେ। ଏହାପରେ ୧୯୭୩ରେ 'ଯଶୋଦା' ଫିଲ୍ମରୁ ମରାଠୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଡେବ୍ୟୁ କରିଥିଲେ। ୬୯ ବର୍ଷୀୟ ଅନୁରାଧା ପଡୱାଲ ୧୯୬୯ ମସିହାରେ ଅରୁଣ ପଡୱାଲଙ୍କୁ ବିବାହ କରିଥିଲେ। ଅରୁଣ ପଡୱାଲ ଏସଡି ବର୍ମନଙ୍କ ନିକଟରେ ସହଯୋଗୀ ସଂଗୀତ ସଂଯୋଜକ ଭାବେ କାମ କରୁଥିଲେ। ଅନୁରାଧାଙ୍କୁ ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ହେଲେ କିଛି ବର୍ଷ ପୂର୍ବରୁ ତାଙ୍କ ପୁଅଙ୍କର ମୃତ୍ୟୁ ହୋଇଥିଲା। ଏହାସହ ୧୯୯୧ ମସିହାରେ ଅରୁଣ ପଡୱାଲଙ୍କର ମଧ ମୃତ୍ୟୁ ହୋଇସାରିଛି।

### ତ୍ରିକୋଣୀୟ ପ୍ରେମରୁ ....

ତାଙ୍କ ସହ ବନ୍ଧୁ ଅଞ୍ଜନ କୁମାର ବେହେରା ମଧ ଥିଲେ। ହେଲେ ସେଠି ହଠାତ୍ ଆସି ପହଞ୍ଚି ଯାଇଥିଲେ ଗୌତମଙ୍କ ପ୍ରେମିକାଙ୍କ ପୂର୍ବତନ ପ୍ରେମିକ କାହ୍ନୁ ପ୍ରଧାନ। ଗୌତମ ଓ କାହ୍ନୁ ଉଭୟେ ପରସ୍ପରର ବନ୍ଧୁ। ତେବେ ତ୍ରିକୋଣୀୟ ପ୍ରେମ ଯୋଗୁଁ ଉଭୟଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଗତକାଲି ରାତିରେ ପୂର୍ବ ଯୋଜନା ଅନୁଯାୟୀ, କାହ୍ନୁ ନିଜର କିଛି ସାଙ୍ଗଙ୍କ ସହ ସେଠାରେ ପହଞ୍ଚିଥିଲେ। ସେଠାରେ ସେମାନଙ୍କ ମଧ୍ୟରେ ବିବାଦ ଉପୁଜିଥିବା ବେଳେ ତାହା ଚରମ ପରିସ୍ଥିତିରେ ପହଞ୍ଚିଥିଲା। କାହ୍ନୁ ଉତ୍ତ୍ୟକ୍ତ ହୋଇ ଖଣ୍ଡାରେ ଗୌତମଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିବା ବେଳେ ସେ ସେଠାରୁ ଚମ୍ପଟ ମାରିଥିଲେ । ଆଉ ବଳି ପଡ଼ି ଯାଇଥିଲେ ଅଞ୍ଜନ। ଅଞ୍ଜନଙ୍କ ଶରୀରର ବିଭିନ୍ନ ସ୍ଥାନରେ ଖଣ୍ଡା ଚୋଟ ବାଜିବାରୁ ସେ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ି ଚିତ୍କାର କରୁଥିଲେ। ଖବର ପାଇ ପୁଲିସ୍ ପହଞ୍ଚି ଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ପ୍ରଥମେ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେତେବେଳକୁ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣା ପରେ ଅଭିଯୁକ୍ତ କାହ୍ନୁ ଏବେ ଫେରାର ହୋଇ ଯାଇଛି । ଅଞ୍ଜନ ନିଜ ଘରର ଏକମାତ୍ର ପୁଅ ହୋଇଥିବାରୁ ତାଙ୍କ ମୃତ୍ୟୁ ଖବରକୁ ବାପାମା' ସହଜେ ଗ୍ରହଣ କରି ପାରୁ ନାହାନ୍ତି। ପୁଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି । ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଲାଗି ମୃତ ଅଞ୍ଜନଙ୍କ ପରିବାର ଦାବି କରୁଛନ୍ତି।

### ୨୩ ଯାଏ ଇଡି ....

କୌଣସି ପ୍ରମାଣ କିମ୍ବା ତଥ୍ୟ ନଥାଇ ତାଙ୍କୁ ଜାଣିଶୁଣି କ୍ଷମତାର ଅପବ୍ୟବହାର କରି ଗିରଫ କରାଯାଇଛି ବୋଲି କବିତାଙ୍କ ଓକିଲ କହିଥିଲେ। ହେଲେ କୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରି ନଥିଲେ। ଶେଷରେ କୋର୍ଟ ୨୩ ତାରିଖ ଯାଏ କବିତାଙ୍କୁ ଇଡି ରିମାଣ୍ଡରେ ପଠାଇ ଦେଇଛନ୍ତ। ଇଡି ତାଙ୍କୁ ୧୦ ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ଦିଲ୍ଲୀର ତଥାକଥିତ ଅବକାରୀ ନୀତି ଦୁର୍ନୀତି ଘଟଣାର ଅନ୍ୟତମ ଅଭିଯୁକ୍ତ ହେଉଛନ୍ତି କେ କିବତା। ପଠାଇ ଦେଇଛନ୍ତି। ପ୍ରତ୍ୟାହୃତ ହୋଇ ସାରିଥିବା ଦିଲ୍ଲୀ ଅବକାରୀ ନୀତିରୁ ଫାଇଦା ହାସଲ କରିବା ପାଇଁ ସେ କ୍ଷମତାସୀନ ଆପର ବରିଷ୍ଠ ନେତାମାନଙ୍କ ସହ ମିଶି ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ହୋଇଛି। ଏହି କାରଣରୁ ଶୁକ୍ରବାର ଇଡି ଓ ଆୟକର ବିଭାଗ କେ କବିତାଙ୍କ ହାଇଦ୍ରାବାଦସ୍ଥିତ ବାସଭବନରେ ରେଡ କରିଥିଲେ। ଏହାପରେ ତାଙ୍କୁ ସନ୍ଧ୍ୟାରେ ଇଡି ଗିରଫ କରିଥିଲା। ଗିରଫ ପରେ ତାଙ୍କୁ ଦିଲ୍ଲୀ ଅଣାଯାଇଛି। ଆଜି ରାଉଜ ଆଭିନ୍ୟୁ କୋର୍ଟରେ କବିତାଙ୍କୁ ଇଡି ହାଜର କରିଥିଲା। କୋର୍ଟରୁ ଆଶ୍ୱସ୍ତି ପାଇବା ପାଇଁ କବିତାଙ୍କ ଓକିଲ କହିଥିଲେ ଯେ ଏହା ଦୁର୍ବ୍ୟବହାରର ପ୍ରକୃତ ଉଦାହରଣ। ଅଯଥାରେ କବିତାଙ୍କୁ ଇଡି ଗିରଫ କରିଛି।

ରବିବାର, ମାର୍ଚ୍ଚ ୧୭, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ସୂଚନା ଓ ଲୋକସମ୍ପର୍କ ବିଭାଗ କେନ୍ଦ୍ରାଞ୍ଚଳ ଉପ-ନିର୍ଦ୍ଦେଶକଙ୍କ ବାଲେଶ୍ୱର ଗସ୍ତ

ବାଲେଶ୍ୱର, ୧୬/୩ (ନି.ପ୍ର): ସୂଚନା ଓ ଲୋକସମ୍ପର୍କ ବିଭାଗ (କେନ୍ଦ୍ରାଞ୍ଚଳ) ଉପ-ନିର୍ଦ୍ଦେଶକ ଶ୍ରୀ ହେମନ୍ତ କୁମାର ନାୟକ ଦୁଇ ଦିନିଆ ବାଲେଶ୍ୱର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାର ସମସ୍ତ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ସମସ୍ତ ସୂଚନା କେନ୍ଦ୍ର ତଥା ପାଠାଗାର ନିରୀକ୍ଷଣ କରିଛନ୍ତି । ଏଥି ସହିତ ଜିଲ୍ଲା ସଦର ମହକୁମା ଠାରେ ଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ସମସ୍ତ କାର୍ଯ୍ୟ ପ୍ରକ୍ରିୟା ବିଷୟରେ ପଚାରି ବୁଝିବା ସହିତ କର୍ମଚାରୀ ମାନଙ୍କ ସହ ଆଗାମୀ କାର୍ଯ୍ୟ ପ୍ରଣାଳୀକୁ ତ୍ୱରାନ୍ୱିତ କରିବା ପାଇଁ ଏକ ବୈଠକ ମାଧ୍ୟମରେ ସୂଚନା ଦେଇଥିଲେ। ଗସ୍ତର ପ୍ରଥମ ଦିନରେ ଉପନିର୍ଦ୍ଦେଶକ ଶ୍ରୀ ନାୟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତଙ୍କ ସହିତ ସିମୁଳିଆସ୍ଥିତ ସୂଚନା କେନ୍ଦ୍ର ତଥା ପାଠାଗାର ନିରୀକ୍ଷଣ କରି ଯଥା ମନ୍ତବ୍ୟ ପ୍ରଦାନ କରିଥିଲେ। ଗସ୍ତର ପରବର୍ତ୍ତୀ ସତ୍ରରେ ଶ୍ରୀ ନାୟକ ବାଲେଶ୍ୱର ସ୍ଥିତ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ନିରୀକ୍ଷଣ କରିଥିଲେ ଓ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ଚାଲିଥିବା ଅବଗତ ହୋଇ ଶ୍ରୀ ନାୟକ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଆହୁରି ଉନ୍ନତ ପ୍ରଣାଳୀରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ତତ୍‌ପଶ୍ଚାତ୍ ଉପନିର୍ଦ୍ଦେଶକ ଜଳେଶ୍ୱରସ୍ଥିତ ସୂଚନା କେନ୍ଦ୍ର ତଥା ପାଠାଗାର ନିରୀକ୍ଷଣ କରିଥିଲେ । ଗସ୍ତର ଦ୍ୱିତୀୟ ଦିନରେ ଶ୍ରୀ ନାୟକ ନୀଳଗିରି ସ୍ଥିତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ସୂଚନା କେନ୍ଦ୍ର ତଥା ପାଠାଗାରର ନିରୀକ୍ଷଣ କରିଥିଲେ ଓ ଏହି ନିରୀକ୍ଷଣ କାର୍ଯ୍ୟ ସମୟରେ ନୀଳଗିରି ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଗୋବର୍ଦ୍ଧନ ବିଶ୍ୱାଳ ଉପସ୍ଥିତ ଥିଲେ ।

## ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକଙ୍କ ନୀଳଗିରି ଗସ୍ତ



ନୀଳଗିରି, ୧୬/୩ (ନି.ପ୍ର): ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ (କେନ୍ଦ୍ରାଞ୍ଚଳ) ଉପନିର୍ଦ୍ଦେଶକ ହେମନ୍ତ କୁମାର ନାୟକ ଦୁଇଦିନିଆ ବାଲେଶ୍ୱର ଗ୍ରସ୍ତରେ ଆସି ପ୍ରଥମ ପର୍ଯ୍ୟାୟରେ ସିମୁଳିଆ, ଜଳେଶ୍ୱର ଏବଂ ବାଲେଶ୍ୱର ସହରରେ ଥିବା ସୂଚନା ଓ ଲୋକସମ୍ପର୍କ ପାଠାଗାର ପରିଦର୍ଶନ କରି ବିଭିନ୍ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଦିତୀୟ ପର୍ଯାୟରେ ନୀଳଗିରି ଗ୍ରସ୍ତରେ ଆସି ପ୍ରଭୁ ଜଗନ୍ନାଥ ଙ୍କୁ ଦର୍ଶନ କରିବା ପରେ ଉପଖଣ୍ଡ ଅଧିନସ୍ଥ ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟ ଓ ପାଠାଗାର ପରିଦର୍ଶନ କରି ଥିଲେ। ଖବରପାଇ ନୀଳଗିରିର ସାମ୍ବାଦିକ ମାନେ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ତୁରନ୍ତ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ପଦକ୍ଷେପ ନେବେବୋଲି ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ନାୟକ ସୂଚନା ଦେଇଥିଲେ । ଏହି ଗ୍ରସ୍ତ ସମୟରେ ବାଲେଶ୍ୱର ସୂଚନା ଓ ଲୋକସଂପର୍କ ଅଧୀକାରିଣୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ମଧ ପରିଦର୍ଶନରେ ଆସିଥିଲେ। ନୀଳଗିରିରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳଙ୍କୁ ପଚାରି ବୁଝିବା ସହିତ ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯିବା ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ।

## ଆର.ଡ଼ି.ସି.ଙ୍କ ଭଦ୍ରକ ଗସ୍ତ: ପରିଦର୍ଶନ କଲେ ନିର୍ବାଚନୀ ପ୍ରଶିକ୍ଷଣ କେନ୍ଦ୍ର



ଭଦ୍ରକ, ୧୬/୩ (ନି.ପ୍ର): ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ରେ ମତଦାନ କାର୍ଯ୍ୟକ୍ରମ ପରିଚାଳନା ନେଇ ନିୟୋଜିତ ହୋଇଥିବା ପ୍ରିଜାଇଡ଼ିଂ ଓ ପୋଲିଂ ଅଧିକାରୀ ମାନଙ୍କ ପାଇଁ ମାର୍ଚ୍ଚ ୧୫ ରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଅବସରରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୋଗ ରଞ୍ଜନ କୁମାର ଦାସ ଦିନିକିଆ ଭଦ୍ରକ ଗସ୍ତରେ ଆସି ବିଭିନ୍ନ ପ୍ରଶିକ୍ଷଣ୍ କେନ୍ଦ୍ର, ଏବଂ ଇ.ଭି.ଏମ୍. ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ କରିଛନ୍ତି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସହିତ ପ୍ରଥମେ ଜିଲ୍ଲା କାର୍ଯ୍ୟାଳୟର ନିର୍ବାଚନ ଅନୁଭାଗକୁ ଯାଇ ଜିଲ୍ଲା ପ୍ରଶାସନର ନିର୍ବାଚନୀ ପ୍ରସ୍ତୁତି ନେଇ କିଛି ତଥ୍ୟ ସମ୍ବନ୍ଧରେ ପଚାରି ବୁଝିଥିଲେ। ନିଶୁଳ୍କ ଯୋଗାଯୋଗ ନଂ ୧୯୫୦ ର କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ପରେ ଜିଲ୍ଲାପାଳଙ୍କ ସହ ଭଦ୍ରକ କଲେଜ ପରିସରରେ ଥିବା ଇ.ଭି.ଏମ୍. ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ କରିବା ସହିତ ସେଠାରେ ଆୟୋଜିତ ହେବାକୁ ଥିବା ଡିସ୍‌ପରସାଲ ଏବଂ ରିସିଭିଂ କେନ୍ଦ୍ର ତଦାରଖ କରି ଆବଶ୍ୟକ ବ୍ୟବସ୍ଥା ସମ୍ବନ୍ଧରେ ଉପସ୍ଥିତ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଭଦ୍ରକ ବ୍ଲକ୍ ସ୍ତରରେ ପ୍ରିଜାଇଡ଼ିଂ ଓ ପୋଲିଂ ଅଧିକାରୀମାନଙ୍କ ପାଇଁ ଚାଲୁ ରହିଥିବା ପ୍ରଶିକ୍ଷଣ କେନ୍ଦ୍ର ଗସ୍ତ କରି ପରିଦର୍ଶନ କରି ପ୍ରଶିକ୍ଷାର୍ଥୀମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ମତଦାନ କାର୍ଯ୍ୟ ପରିଚାଳନା ସମ୍ପାଦନ କ୍ଷେତ୍ରରେ ପୋଲିଂ ଦଳର ପ୍ରତି ଅଧିକାରୀ ମାନଙ୍କର କାର୍ଯ୍ୟ ଦକ୍ଷତା ଓ ନିରପେକ୍ଷତା କେତେ ଗୁରୁତ୍ୱପୂର୍ଣ୍ଣ ସେ ବିଷୟରେ ଆର.ଡ଼ି.ସି. ଶ୍ରୀଯୁକ୍ତ ଦାସ ପ୍ରଶିକ୍ଷାର୍ଥୀମାନଙ୍କୁ ବୁଝାଇଥିଲେ। ସଠିକ ପ୍ରଶିକ୍ଷଣ ଦ୍ୱାରା ହିଁ ନିର୍ବାଚନ ଶୃଙ୍ଖଳିତ, ଅବାଧ ଓ ସ୍ୱଚ୍ଛ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସମିତ କୁମାର ଗଡ଼ନାୟକ, ଡେପୁଟୀ କଲେକ୍ଟର ନିର୍ବାଚନ ସାଗରିକା ସାହୁ ପ୍ରମୁଖ ତାଙ୍କ ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

## ଭୋଜି ଖାଇ ୪୦ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ

ଭୁବନେଶ୍ୱର, ୧୬/୩ (ନି.ପ୍ର): ଶୁକ୍ରବାର ବିଲିକଣା ଗାଁର ଶ୍ରୀଧର ବେହେରାଙ୍କର ପୋଥି ବଢ଼ିଥିଲା। ମଧ୍ୟାହ୍ନରେ ଗାଁ ଲୋକଙ୍କୁ ଭୋଜି ଖାଇବାକୁ ଦିଆଯାଇଥିଲା। ସେଥିରୁ ଯାହା ବଳି ଯାଇଥିଲା, ସେହି ଖାଦ୍ୟକୁ ରାତିରେ ଖାଇବା ପାଇଁ ଦିଆଯାଇଥିଲା। ସେହି ଖାଦ୍ୟ ଖାଇବା ପରେ ୧୫ରୁ ଅଧିକ ପରିବାରର ପାଖାପାଖି ୪୦ ଜଣ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ବିଶେଷ କରି ଛୋଟ ଛୋଟ ପିଲା ବେଶୀ ଆକ୍ରାନ୍ତ ହୋଇଛନ୍ତି।

## ବେତନଟୀ ଥାନା ଚଢ଼ାଉ: ବିଦେଶୀ ମଦ ସହ ଦୁଇ ଗିରଫ

ବେତନଟୀ , ୧୬/୩ (ନି.ପ୍ର): ବେତନଟୀ ଥାନା ମୁକ୍ତାପୁର ଗ୍ରାମରେ ଚଢାଉକରି ଚୋରା ବିଦେଶିମଦ ଜବତ କରିବା ସହିତ ଦୁଇଟି ପୃଥକ ମାମଲା ରୁଜୁକରି ଏହି ବେଆଇନ କାରବାରରେ ଜଡିତ ଦୁଇଜଣଙ୍କୁ ଗିରଫ କରିଛି ବେତନଟୀ ପୁଲିସ । ଗିରଫ ଅଭିଯୁକ୍ତ ମାନେ ହେଉଛନ୍ତି ମୁକ୍ତାପୁର ଗ୍ରାମର ବୈଦ୍ୟନାଥ ସାହୁ ଓ ଅଜୟ ଦାସ । ହସ୍ତଗତ ସୂଚନା ମୁତାବକ ବୈଦ୍ୟନାଥ ସାହୁ ଏବଂ ଅଜୟ ଦାସ ଚୋରା ବିଦେଶିମଦ କାରବାର କରୁଥିବାର ଖବରପାଇ ବେତନଟୀ ପୁଲିସର ଏକ ଟିମ ମୁକ୍ତାପୁର ଗ୍ରାମରେ ଚଢାଉ କରିଥିଲା । ଚଢାଉ ସମୟରେ ବୈଦ୍ୟନାଥ ସାହୁ ଏବଂ ଅଜୟ ନିକଟରୁ ପୃଥକ ଭାବରେ ୬ ଲିଟରରୁ ଉର୍ଦ୍ଧ୍ୱ ଲେଖାଏଁ ଚୋରା ବିଦେଶିମଦ ଜବତ କରାଯାଇଥିଲା । ଦୁଇଟି ମାମଲା ରୁଜୁକରି ଉଭୟଙ୍କୁ ଗିରଫ କରିଛି ବେତନଟୀ ପୁଲିସ ।

## ବଡ଼ାଶରେ ବିଜେଡିର ବିଶାଳ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ



ବାଲିଆପାଳ, ୧୬/୩ (ନି.ପ୍ର): ବାଲିଆପାଳ ବ୍ଲକ ବଡ଼ାଶ ପଞ୍ଚାୟତରେ ଆଜି ବିଜେଡିର ବିଶାଳ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବ୍ଲକ ସଭାପତି ତଥା ବରିଷ୍ଠ ନେତା ଚକ୍ରଧର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିଶାଳ କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବାଲେଶ୍ୱରର ପୂର୍ବତନ ସାଂସଦ ଶ୍ରୀଯୁକ୍ତ ଇଂ ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଆସନ୍ତା ନିର୍ବାଚନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଙ୍କୁ କ୍ରମାଗତ ଭାବେ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ସହ ତୃଣମୂଳ ସ୍ତରରେ ସରକାରଙ୍କ ବିକାଶର ବାର୍ତ୍ତା ପହଞ୍ଚାଇ, ସଂଗଠନକୁ ଆହୁରି ମଜଭୁତ କରିବା ଦିଗରେ ଏକାଠି ହୋଇ କାମ କରିବା ପାଇଁ ସମସ୍ତ କର୍ମୀଙ୍କୁ ଆହ୍ୱାନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉପସ୍ଥିତ ଗୁରୁଜନ, ମା' ମାଉସୀ, ଭାଇଭଉଣୀ ମାନଙ୍କୁ ଅବଗତ କରାଇ, ତୃଣମୂଳ ସ୍ତରରେ ଘରେ ଘରେ ବିକାଶର ବାର୍ତ୍ତାକୁ ପହଞ୍ଚାଇ, ସଂଗଠନକୁ ଆହୁରି ମଜଭୁତ କରିବା ଦିଗରେ ଏକାଠି ହୋଇ କାମ କରିବା ପାଇଁ ସମସ୍ତ କର୍ମୀଙ୍କୁ ଆହ୍ୱାନ କରିଥିଲେ । ଏହି ବିଶାଳ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବରେ ବହୁ ବିଜେପି ଓ କଂଗ୍ରେସ ଦଳ ଛାଡ଼ି ନେତା ଓ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । ସମସ୍ତଙ୍କୁ ଶ୍ରୀଯୁକ୍ତ ଜେନା ଏବଂ ଶ୍ରୀମତୀ ଜେନା ଦଳୀୟ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ୨୩ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ଜିଲ୍ଲା ଛାତ୍ର ସଭାପତି ସୀମନ ଦାସ ମହାପାତ୍ର,ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି,ପ୍ରତାପପୁର ସରପଞ୍ଚଙ୍କ ପ୍ରତିନିଧି ଅଜୟ ପାତ୍ର, ବେଣୁଧର ମଣ୍ଡଳ, ସାର୍ଥକ ରଣଜିତ୍, ଅନନ୍ତ କରଣ, ଜୟନ୍ତ କୁମାର ଦତ୍ତ,ଲକ୍ଷ୍ମୀକାନ୍ତ ଦେ, ନିତ୍ୟାନନ୍ଦ ପ୍ରଧାନ,ପୂର୍ବତନ ସରପଞ୍ଚ ମନ୍ମଥ ଗିରି ପ୍ରମୁଖ ଦଳର ବରିଷ୍ଠ ନେତୃବୃନ୍ଦ ଓ ଶହ ଶହ ପୁରୁଷ ଓ ମହିଳା କର୍ମୀ ଉପସ୍ଥିତ ଥିଲେ ।

## ଖଇରା ବ୍ଲକ ପାଇଁ ଗୌରବ ଆଣିଲେ କରିସ୍ମା ପ୍ରିୟଦର୍ଶନୀ

ଖଇରା, ୧୬/୩ (ନି.ପ୍ର): ଖଇରା ବ୍ଲକରେ ହୋଇଥିବା ଆଦର୍ଶ ପ୍ରବେଶିକା ପରୀକ୍ଷାରେ ନୟାଖଣ୍ଡି ପଞ୍ଚାୟତ ମୁକ୍ତାବେଗୁନିଆଁ ଗ୍ରାମର କରିସ୍ମା ପ୍ରିୟଦର୍ଶନୀ ବେହେରା ୫୭ ନମ୍ବର ରଖି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେ ମାତା ରଞ୍ଜିତା ପେଡା, ପିତା ରମାକାନ୍ତ ବେହେରା ଙ୍କର ପ୍ରଥମ ସନ୍ତାନ ଅଟନ୍ତି । କରିସ୍ମା ସିଦ୍ଧିବିନାୟକ ବିଦ୍ୟାଳୟର ୫ମ ଶ୍ରେଣୀର ଛାତ୍ରୀ ଭାବେ ଅଧ୍ୟୟନରତ । ସେ ଭବିଷ୍ୟତରେ ପ୍ରଶାସନିକ ଅଧିକରୀ ହେବେ ବୋଲି ପ୍ରକାଶ କରିଛନ୍ତି । ସେ ପ୍ରତିଦିନ ୮ଘଣ୍ଟାରୁ ୯ଘଣ୍ଟା ପାଠ ପଢୁଥିବାର ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି କରିସ୍ମାଙ୍କର ମାତା ରଞ୍ଜିତା ଗୃହିଣୀ ହୋଇଥିବା ବେଳେ ବାପା ରମାକାନ୍ତ ଜଣେ ବ୍ୟବସାୟୀ ଅଟନ୍ତି । ସଫଳତା ପଛରେ ପିତା,ମାତା,ଗୁରଜୀ ଓ ଗୁରୁମା ଙ୍କୁ କରିସ୍ମା ଶ୍ରେୟ ଦେଇଛନ୍ତି ।

## ବେତନଟୀ ପୁଲିସ ପକ୍ଷରୁ ୱାରେଣ୍ଟ ଥିବା ୧୭ ଜଣଙ୍କୁ କୋର୍ଟ ଚାଲାଣ

ବେତନଟୀ,୧୬/୩- ବେତନଟୀ ଥାନାରେ ୧୭ଜଣ ୱାରେଣ୍ଟିଙ୍କୁ ଭିନ୍ନଭିନ୍ନ ମାମଲାରେ ଜଡିତ ଥିବା ଅଭିଯୁକ୍ତ ଙ୍କୁ ଗିରଫକରି ଆଜି କୋର୍ଟଚାଲାଣ କରିଛି ବେତନଟୀ ପୁଲିସ । ୨୦୦୫ ମସିହାରେ ବେତନଟୀ ଥାନାରେ ୬୦ ନମ୍ବରରେ ରୁଜୁ ହୋଇଥିବା ମାମଲା ମାନ୍ୟବରଙ୍କ ଅଦାଲତରେ ୩୪୦ନମ୍ବରରେ ବିଚାରାଧୀନ ରହିଥିଲା। ମାମଲା ସହିତ ଜଡିତ ଦହିକୋଟୀ ଉପକଣ୍ଠ ଭ୍ରମରଗୋଡା ଗ୍ରାମର ପରମେଶ୍ୱର ମହାନ୍ତର ସ୍ତ୍ରୀ ବାସନ୍ତୀ ମହାନ୍ତ, ହରିଶ୍ଚନ୍ଦ୍ର ମହାନ୍ତର ସ୍ତ୍ରୀ ବାସନ୍ତୀ ମହାନ୍ତ, ସୁଭଦ୍ରା ମହାନ୍ତ, ସୋମବାରୀ ମହାନ୍ତ, ସରସ୍ୱତୀ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଚାମଟୁ ଓରଫ ପରମେଶ୍ୱର ମହାନ୍ତ, କୌଶଲ୍ୟା ମହାନ୍ତ ଏବଂ ଝୁନା ମହାନ୍ତ ପ୍ରମୁଖଙ୍କ ନାମରେ ମାନ୍ୟବର ଅଦାଲତର ଜାରି କରିଥିବା ଜାମିନ ବିହୀନ ଗିରଫ ପରୱାନା ବଳରେ ଆଜି ସମସ୍ତ ୱାରେଣ୍ଟି କୁ ଗିରଫକରି କୋର୍ଟଚାଲାଣ କରାଯାଇଥିଲା। ସେହିଭଳି ୨୦୧୫ ମସିହାରେ ବେତନଟୀ ଥାନାରେ ୫୪ ନମ୍ବରରେ ରେ ରୁଜୁହୋଇଥିବା ମାମମଲା ମାନ୍ୟବରଙ୍କଦାଲତରେ ୧୪୮/୨୦୧୫ ରେ ବିଚାରାଧୀନ ରହିଥିଲା । ଏହି ମାମଲାରେ ଜଡିତ ଭାଗବତଚନ୍ଦ୍ରପୁର ଅଧୀନ ଓରାଚନ୍ଦାବିଲା ଗ୍ରାମର ଅଜୟ ନାଏକ, ସଙ୍ଗୀନ୍ଦ୍ର ବିନ୍ଧାଣୀ, ଗୀତୁନ ବିନ୍ଧାଣୀ, ମିଥୁନ ବିନ୍ଧାଣୀ, ମନୋରଞ୍ଜନ ବିନ୍ଧାଣୀ, ପୁରୁଷୋତ୍ତମ ବିନ୍ଧାଣୀ, ରଞ୍ଜନ ବିନ୍ଧାଣୀ, ଦେବେନ୍ଦ୍ରନାଥ ବିନ୍ଧାଣୀଙ୍କ ନାମରେ ମାନ୍ୟବର ଅଦାଲତ ଜାରି କରିଥିବା ଜାମିନ ବିହୀନ ଗିରଫ ପରୱାନା ବଳରେ ଆଜି ଗିରଫକରି କୋର୍ଟଚାଲାଣ କରିଛି ବେତନଟୀ ପୁଲିସ ।

## ନାଟକୀୟ ଢଙ୍ଗରେ ସ୍କୁଟି ଚୋରକୁ କାବୁ କଲେ ସ୍କୁଟି ମାଲିକ


ନୀଳଗିରି , ୧୬/୩ (ନି.ପ୍ର): ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ୍ ଗରଡି ଠାରେ। ସୂଚନା ଅନୁଯାୟୀ ଗତ ଫେବୃୟାରୀ ମାସ ୨୮ ତାରିଖ ଦିନ ଉଦଳା ସରସ୍ୱତୀ ମେଳା ଠାରେ କପ୍ତିପଦା ଥାନା ଅଧିନ ସବିତା ନାୟକ ତାଙ୍କ ହୋଣ୍ଡା ଏକ୍ଟିଭା ସ୍କୁଟି ଯାହାର ନମ୍ବର ଓଡି ୧୧ଏକ୍ସ ୮୬୩୭ଧରି ଛିଡା ହୋଇଥିବା ସମୟରେ ବିଶୋଇ ଥାନା ଅନ୍ତର୍ଗତ ମୁସାମାରି ଗ୍ରାମର ବାଲିଆ ହେମ୍ବ୍ରମ ଏମର୍ଜେନ୍ସି ମେଡିକାଲ କେସ କହି ସ୍କୁଟିକୁ ମାଗି ନେଇଥିଲେ ହେଲେ ସ୍କୁଟିକୁ ଆଉ ଫେରାଇ ନଥିଲେ। ବହୁ ଖୋଜା ଖୋଜି କରିବା ପରେ ସ୍କୁଟି ନ ପାଇବାରୁ ଉଦଳା ଥାନାରେ ଅଭିଯୋଗ କରିଥିଲେ। ତେବେ ସଂପୃକ୍ତ ଚୋର ଜଣକ ସ୍କୁଟିକୁ ନେବା ପରେ ଇନ ?ଷ୍ଟାଗ୍ରାମ ରେ ରିଲ୍ସ କରି ପୋଷ୍ଟ କରିବାରୁ ସ୍କୁଟି ମାଲିକ ଚୋର କୁ ଧରିବା ପାଇଁ ଅନ୍ୟ ଏକ ଯୁବତୀଙ୍କ ସାହାଯ୍ୟରେ ପ୍ରେମ କରିବା ପ୍ରଲୋଭନ ଦେଖାଇ ଗରଡି ଛକ ଠାରେ ଧରିବାରେ ସକ୍ଷମ ହୋଇଛନ୍ତି। ତେବେ ଘଟଣା ସ୍ଥଳରେ ବରହମପୁର ପୋଲିସ୍ ପହଞ୍ଚି ଚୋରକୁ ଥାନାକୁ ନେବା ସହିତ ଉଦଳା ଥାନାକୁ ଖବର ଦେଇଥିବା ଜଣାପଡ଼ିଛି। ଏପଟେ ସ୍କୁଟି ଚୋରି କରିଥିବା ସଂପୃକ୍ତ ଯୁବକ ସନ୍ତରାଗଡିଆ ଅଞ୍ଚଳରେ ଏକ ଇଟା ଭାଟିରେ ପିକ୍‌ଅପ ଡ୍ରାଇଭର ଭାବେ କାମ କରୁଥିବା ବେଳେ ଆଜି ଲେବରଙ୍କୁ ଭାଟିକୁ ନବା ପାଇଁ ଗରଡି ଆସିଥିବା ବେଳେ ପୂର୍ବ ଯୋଜନା ଅନୁଯାୟୀ ଡ୍ରାଇଭରକୁ କାବୁ କରାଯାଇଛି।

## ସୁରକ୍ଷା ଓ ପେନ୍‌ସନ ଲାଗି ମିଳିତ ସାମ୍ବାଦିକ ସଂଘର ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର




ଜଳେଶ୍ୱର , ୧୬/୩ (ନି.ପ୍ର): ନିର୍ବାଚନ ଅବ୍ୟବହିତ ପୂର୍ବରୁ ରାଜ୍ୟ ସରକାର ସବୁ ବର୍ଗର ଲୋକଙ୍କ ଲାଗି ବିଭିନ୍ନ ଯୋଜନା ସହିତ ସହାୟତାର ହାତ ବଢାଇଥିବା ବେଳେ ସମାଜର ଚତୁର୍ଥସ୍ତମ୍ଭ ଗଣମାଧ୍ୟମର ପ୍ରତିନିଧିଙ୍କ ଲାଗି କୌଣସି ବ୍ୟବସ୍ଥା କରିନାହାନ୍ତି । ତେଣୁ ରାଜ୍ୟର ବିଭିନ୍ନ ଅଂଚଳାରେ ସାମ୍ବାଦିକମାନେ ସେମାନଙ୍କ ଦାବି ପୂରଣ ଲାଗି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଏ ପରିପ୍ରେକ୍ଷୀରେ ଜଳେଶ୍ୱରସ୍ଥିତ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଆଜି ଏକ ଶୋଭାଯାତ୍ରାରେ ସ୍ଥାନୀୟ ପ୍ରଶାସନକୁ ସାକ୍ଷାତ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜଳେଶ୍ୱର ଷ୍ଟେସନବଜାର କାଳୀମନ୍ଦିରଠାରୁ ସାମ୍ବାଦିକ ମାନେ ବାଇକ୍ ଶୋଭାଯାତ୍ରାରେ ଥାନା ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ଆଇଆଇସି ରଂଜନ ସେଠୀଙ୍କୁ ଲିଖିତ ଦାବୀପତ୍ର ଦେଇଥିଲେ । ପରେ ତହସିଲ କାର୍ଯ୍ୟାଳୟଠାରେ ତହସିଲଦାର ଜିତେନ୍ଦ୍ର ମୁର୍ମୁ ଓ ବିଡିଓ ପୁନମ ରାଉତଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଗତ ବୁଧବାରଠାରୁ ସାମ୍ବାଦିକମାନେ କଳାବ୍ୟାଜ ପରିଧାନ କରୁଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀଙ୍କୁ ସେମାନଙ୍କ ସୁରକ୍ଷା ଓ ପେନ୍‌ସନ ପ୍ରଦାନ କରିବାକୁ ନିବେଦନ କରିଛନ୍ତି । ଏଥିରେ ସତ୍ୟବ୍ରତ ପ୍ରଧାନ, ମନୋଜ ଭୂୟାଁ, ରାଜେଶ ପ୍ରଧାନ, ଅମର ଆଚାର୍ଯ୍ୟ, ଦୀନବଂଧୁ ପ୍ରଧାନ, ଭୂପତି ପରିଡା, ସେକ ଅବଦୁଲ ରହିମ, ଗୌରଗୋପାଳ ସେନ, ଦୁର୍ଗାଶଂକର ଗିରି, ଅର୍ଜୁନ ସିଂ, ଗୋପବଂଧୁ ସାହୁ, ଅଜିତ୍ ସାହୁ, ପ୍ରଦୀପ ଜେନା, କବିତା ମାନ୍ଧାତା, ସତ୍ୟବ୍ରତ ସୋମ, ଆଶିଷ ଗିରି, ରାଜେଶ ଗିରି, ବିଶ୍ୱଜିତ୍ ଧଳ, ଆଲୋକ ଘଡାଇ, ଗୌରୀଶଂକର ମହାନ୍ତି, ସେକଜଗିରୁଦ୍ଦିନ, ରଂଜନ ବେହେରା, ରାଧାଗୋବିନ୍ଦ ଦାସ, ବିନୟ ପ୍ରଧାନ, ନବୀନ ସାହୁ, ଅଶ୍ରୁମୋଚନ ଘୋଷ, ଭୋଳାନାଥ ସିଂ, ଅବନୀ ଚାନ୍ଦ ପ୍ରମୁଖ ଯୋଗ ଦେଇଥିଲେ ।

## ପୌରପାଳିକା ପକ୍ଷରୁ ପରିଶ୍ରାଗାର ଓ ଯାତ୍ରୀ ବିଶ୍ରାମଗାର ଉଦ୍‌ଘାଟିତ



ବାରିପଦା, ୧୬/୩ (ନି.ପ୍ର): ବାରିପଦା ପୌରପାଳିକା ତରଫରୁ ଶନିବାର ସହରର ବିଭିନ୍ନ ସ୍ଥାନରେ ପରିଶ୍ରାଗାର ଓ ଯାତ୍ରୀ ବିଶ୍ରାମଗାର ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ହାଇବ୍ରିଡ଼୍ ଶୌଚାଳୟ ନିର୍ମାଣ ନେଇ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗ ଦେଇ ଉଦଘାଟନ ସହ ଶିଳାନ୍ୟାସ କରିଛନ୍ତି। ବାରିପଦା ପୌରପାଳିକା ଅନ୍ତର୍ଗତ ୱାର୍ଡ ନମ୍ବର ୪ ଅନ୍ତର୍ଗତ କଚେରୀ ନିକଟରେ ଓ ଲାଲବଜାର ଠାରେ ୧୦ଲକ୍ଷ ଟଙ୍କା ଲେଖାଏଁ ବ୍ୟୟରେ ନିର୍ମିତ ପରିଶ୍ରାଗାର ଉଦଘାଟନ ହୋଇଛି। ଏଥି ସହିତ ୱାର୍ଡ ନମ୍ବର ୧୫, ଦାରୋଗାଡାହି ଠାରେ ନବ ନିର୍ମିତ ପରିଶ୍ରାଗାର ସମେତ ୱାର୍ଡ ନମ୍ବର ୧୩ ଷ୍ଟେସନ ବଜାର ଛକ ଠାରେ ନୂତନ ପରିଶ୍ରାଗାର ସମେତ ଯାତ୍ରୀ ପ୍ରତୀକ୍ଷାଳୟର ଶୁଭ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି। ଉକ୍ତ ପରିଶ୍ରାଗାର ଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଆଜି ଉଦ୍‌ଘାଟିତ ହୋଇଥିବା ପରିଶ୍ରାଗାର ଉଭୟ ପୁରୁଷ ଓ ମହିଳା ମାନଙ୍କ ବ୍ୟବହାର ନିମନ୍ତେ ବାରିପଦା ପୌରପାଳିକା ତରଫରୁ ଜନସାଧାରଣଙ୍କ ସେବାରେ ଉତ୍ସର୍ଗ କରାଯାଇଛି। ଏଥି ସହିତ ଷ୍ଟେସନ ବଜାର ସ୍ଥିତ ହାଟ ନିକଟରେ ଏକ ୫ସିଟେଡ଼୍ ହାଇବ୍ରିଡ଼୍ ଶୌଚାଳୟର ନିର୍ମାଣ ନିମନ୍ତେ ଶୁଭ ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଉକ୍ତ ଅତ୍ୟାଧୁନିକ ଶୌଚାଳୟ ଖୁବଶୀଘ୍ର ଜନସାଧାରଣଙ୍କ ବ୍ୟବହାର ପାଇଁ ନିର୍ମାଣ ହେବାକୁ ଯାଉଛି। ଆଜିକାର କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡ କାଉନସିଲର ସମେତ କନିଷ୍ଠଯନ୍ତ୍ରୀ, ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଉପସ୍ଥିତ ରହିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo